# ଧରିତ୍ରୀ
DHARITRI

ବାଲେଶ୍ୱର, ରବିବାର, ଫେବୃୟାରୀ ୧୩/୨୦୨୨ (୧୨ ପୃଷ୍ଠା+ ଛୁଟିଦିନ) | Balasore, Sunday, February 13/2022 | ★★★★

୪୮ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




### ଇଶାନ କିଶନ ଦାମୀ ଖେଳାଳି

ବେଙ୍ଗାଲୁରୁରେ ଆଇପିଏଲ ଆଗାମୀ ସଂସ୍କରଣ ପାଇଁ ଶନିବାର ହୋଇଥିବା ନିଲାମିରେ ଇଶାନ କିଶନ ସବୁଠାରୁ ଦାମି ଖେଳାଳି ବିବେଚିତ ହୋଇଛନ୍ତି।

୧୨

୦୯

### ୨ ବର୍ଷ ପରେ ଷ୍ଟେଜକୁ ଫେରିଲେ ରିୟା

୨ ବର୍ଷର ଅନ୍ତର ପରେ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ କାର୍ଯ୍ୟକୁ ଫେରିଥିବା ନେଇ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି।









ମହାନଦୀ ବାର୍ଫ ପ୍ରକଳ୍ପରେ ଏନ୍‌ଜିଟି ରୋକ ........୩........

୧୬ରେ ୟୁକ୍ରେନ୍‌କୁ ଆକ୍ରମଣ କରିପାରେ ରୁଷିଆ ........୭........


**ଆଜିର ସମ୍ପାଦକୀୟ**

### ଅଧିକାର ପାଇଁ ଆନ୍ଦୋଳନ

# ୨୨,୮୪୨ କୋଟିର ବ୍ୟାଙ୍କ ଠକେଇ

## ଏବିଜି ଶିପ୍‌ୟାର୍ଡ, ନିର୍ଦ୍ଦେଶକଙ୍କ ବିରୋଧରେ ସିବିଆଇ ମାମଲା

**ନୂଆଦିଲ୍ଲୀ,୧୨।୨**

ଭାରତୀୟ ଇତିହାସରେ ସବୁଠୁ ବଡ଼ ବ୍ୟାଙ୍କ ଠକେଇ ମାମଲା ସାମ୍ନାକୁ ଆସିଛି। ଦେଶର ୨୮ଟି ବ୍ୟାଙ୍କରୁ ୨୨,୮୪୨ କୋଟି ଟଙ୍କା ଠକିବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ଏବିଜି ଶିପ୍‌ୟାର୍ଡ ଲିମିଟେଡ୍‌ ଏବଂ ଏହାର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଋଷି କମଳେଶ ଅଗ୍ରୱାଲଙ୍କ ସମେତ ଅନ୍ୟ ନିର୍ଦ୍ଦେଶକମାନଙ୍କ ବିରୋଧରେ ମାମଲା



ରୁଜୁ କରିଛି। ଗୁଜରାଟରେ ଜାହାଜ ନିର୍ମାଣ ଓ ମରାମତି କରୁଥିବା ଏବିଜି ଶିପ୍‌ୟାର୍ଡ ଋଣ ନେଇ ପରିଶୋଧ ନ କରିବା ଅଭିଯୋଗ ୨୦୧୯ ନଭେମ୍ବରରେ ସାମ୍ନାକୁ ଆସିଥିବାବେଳେ ସିବିଆଇ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ କରିବା ପରେ ସିବିଆଇ ଏବେ ହଠାତ୍‌ ତତ୍ପରତା ଦେଖାଇବା ତଦନ୍ତକାରୀ ସଂସ୍ଥାର ଭୂମିକାକୁ ସନ୍ଦେହ ଭିତରକୁ ଟାଣିନେଇଛି। ଷ୍ଟେଟ୍‌ ବ୍ୟାଙ୍କ୍‌ ଅଫ୍‌ ଇଣ୍ଡିଆ ପକ୍ଷରୁ ☞ପୃଷ୍ଠା-୪

# ଶିଳ୍ପପତି ରାହୁଲ ବଜାଜଙ୍କ ପରଲୋକ

**ନୂଆଦିଲ୍ଲୀ,୧୨।୨**

ବର୍ଷୀୟାନ ଶିଳ୍ପପତି ରାହୁଲ ବଜାଜଙ୍କର ଶନିବାର ପୁଣେଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ସେ ବଜାଜ ଗ୍ରୁପ୍‌ର ଅଧ୍ୟକ୍ଷ ଥିଲେ। ୨୦୨୧ ଏପ୍ରିଲରେ ସେ ବଜାଜ ଅଟୋର ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇ ସମ୍ପର୍କୀୟ ଭାଇ ନିରଜ ବଜାଜଙ୍କୁ ସ୍ଥାନ ଛାଡ଼ିଦେଇଥିଲେ। ବଜାଜଙ୍କର ଦୁଇ ପୁଅ ରାଜୀବ ଓ ସଞ୍ଜୀବ ଏବଂ ଝିଅ ସୁନୟନା କେଜ୍‌ରିୱାଲ ଅଛନ୍ତି। ରବିବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ☞ପୃଷ୍ଠା-୪



ରାହୁଲ ବଜାଜ







# ଏବେ ବି ପ୍ରାସଙ୍ଗିକ ସିଏଏ-ଏନ୍ଆର୍ସି

## ୟୁପି ନିର୍ବାଚନକୁ ପ୍ରଭାବିତ କରିପାରେ




ଲକ୍ଷ୍ନୌ,୧୨।୨

ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ଚାଲିଛି। ୧୦ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ସରିଥିବାବେଳେ ୧୪ ତାରିଖରେ ଅନୁଷ୍ଠିତ ହେବ ଦ୍ୱିତୀୟ ପର୍ଯ୍ୟାୟ। ଯୋଗୀ ଆଦିତ୍ୟନାଥଙ୍କୁ ପୁନଃ ମୁଖ୍ୟମନ୍ତ୍ରୀ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପାର ଆଗଧାଡ଼ିର ନେତୃବୃନ୍ଦ ଜୋରଦାର ଉଦ୍ୟମ ଚଳାଇଛନ୍ତି। ତେବେ ଭାଜପା ପାଇଁ ୨୦୧୭ର ନିର୍ବାଚନ ପରିବେଶ ନାହିଁ। କେତେକ ବିବାଦୀୟ ଘଟଣା ଏବଂ ପ୍ରସଙ୍ଗ ଯୋଗୀଙ୍କୁ ଶାସନଗାଦିକୁ ଫେରିବା ପଥରେ ବାଧା ସୃଷ୍ଟି କରିପାରେ। ସେଥିମଧ୍ୟରୁ ଲଖିମ୍ପୁର ଖେରି ଚାଷୀ ଗଣହତ୍ୟା ଘଟଣା ଭାଜପାକୁ ବଦନାମ କରିଦେଇଥିବାବେଳେ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି) ଏବଂ ପ୍ରସ୍ତାବିତ ନାଗରିକତା ସଂଶୋଧନ ଆଇନ (ସିଏଏ) ପ୍ରସଙ୍ଗ ଏବେ ବି ଗୈରିକ ଦଳ ବିରୋଧରେ ଚ୍ୟାଲେଞ୍ଜ ଭାବେ ଛିଡ଼ା ହୋଇଛି। ଏହାର ସିଧାସଳଖ ଫାଇଦା ଭାଜପାକୁ କଡ଼ା ଟକ୍କର ଦେଉଥିବା ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ସମାଜବାଦୀ ପାର୍ଟି (ଏସ୍ପି) ଓ ତାଙ୍କ ସହଯୋଗୀ ଦଳକୁ ମିଳିବା ପ୍ରାୟ ନିଶ୍ଚିତ। ନୂଆଦିଲ୍ଲୀ ଭଳି ଲକ୍ଷ୍ନୌର ହୁସେନାବାଦ କ୍ଲକ୍ ଟାୱାର ତଳେ ୨୦୧୯ ଡିସେମ୍ବରରୁ ଜାନୁୟାରୀ ୨୦୨୦ ଯାଏ ଏନ୍ଆର୍ସି ଏବଂ ପ୍ରସ୍ତାବିତ ସିଏଏ ବିରୋଧରେ ଗଣଆନ୍ଦୋଳନ ଚାଲିଥିଲା। ବିଶେଷକରି ମହିଳାମାନେ ବସି ରହି ପ୍ରତିବାଦ କରିଥିଲେ। କରୋନା ମହାମାରୀ ଯୋଗୁ ଆନ୍ଦୋଳନସ୍ଥଳକୁ ଖାଲି କରି ଦିଆଯିବାରୁ ଆନ୍ଦୋଳନ ଥମିଯାଇଥିଲେ ମଧ୍ୟ ଏକ ବଡ଼ ସମୁଦାୟ ପାଇଁ ଆଜି ବି ତାହା ପ୍ରାସଙ୍ଗିକ ହୋଇରହିଛି। ବର୍ତ୍ତମାନ ନିର୍ବାଚନ ସମୟରେ ରାଜ୍ୟର କୋଣଅନୁକୋଣରେ ଏହି ପ୍ରସଙ୍ଗକୁ ନେଇ ଆଲୋଚନା ହେଉଛି। ଉକ୍ତ ଆନ୍ଦୋଳନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବା ବହୁ ଲୋକ ନିର୍ବାଚନରେ ଭାଜପା ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ସମସ୍ତ ବିରୋଧୀ ଦଳ ମଧ୍ୟ ଏହି ପ୍ରସଙ୍ଗକୁ ଉଠାଇକୁ ଶାସକ ଭାଜପାକୁ ଘେରୁଛନ୍ତି। ସିଏଏ ବିରୋଧୀ ଆନ୍ଦୋଳନରେ ଭାଗ ନେଇ ଏକ ମାସ ଜେଲ ଯାଇଥିବା ଅଭିନେତ୍ରୀ ତଥା ସାମାଜିକ କର୍ମୀ ସଦଫ୍ ଜାଫର(୪୬) ଏବେ ଲକ୍ଷ୍ନୌ ମଧ୍ୟ ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଲକ୍ଷ୍ନୌ ଉତ୍ତର ଆସନରୁ ସୋସିଆଲିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ଏସ୍ପିଆଇ) ଟିକେଟ୍ରେ ଲଢୁଛନ୍ତି ୪୦ ବର୍ଷୀୟ ଗୃହିଣୀ ରାଣୀ ସିଦ୍ଦିକ୍। ସଦଫ୍ ଏବଂ ରାଇଙ୍କ ଭଳି ସିଏଏ ବିରୋଧୀ ଆନ୍ଦୋଳନର ବହୁପ୍ରମୁଖ ଚେହେରା ୟୁପିର ଅନ୍ୟ ଆସନରୁ ନିର୍ବାଚନ ଲଢୁଛନ୍ତି। ସେମାନେ କେବଳ ସିଏଏ-ଏନ୍ଆର୍ସି ବିରୋଧରେ ନୁହେଁ, ବରଂ ବର୍ଦ୍ଧିତ ମୁଦ୍ରାସ୍ଫୀତି, ଘୃଣା ମନ୍ତବ୍ୟ ଓ ବିଭାଜନବାଦୀ ରାଜନୀତି, ବେରୋଜଗାରି ପ୍ରସଙ୍ଗ ଉଠାଇ ଭୋଟ ଭିକ୍ଷା କରୁଛନ୍ତି। ମାଗସେସେ ପୁରସ୍କାର ବିଜେତା ତଥା ଏସ୍ପିଆଇର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସନ୍ଦୀପ ପାଣ୍ଡେ କହିଛନ୍ତି, 'ଧର୍ମନିରପେକ୍ଷ ଭାରତ ଉପରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନଙ୍କ ପାଇଁ ସିଏଏ-ଏନ୍ଆରସି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ। ଆମର ପ୍ରଚାର ଅଭିଯାନରେ ଏହାକୁ ଅନ୍ତର୍ଭୁକ୍ତ କରିଛୁ। ରାଣୀ ସିଦ୍ଦିକ୍ ଭଳି ଗରିବ ପରିବାରର ଜଣେ ମହିଳାଙ୍କୁ ଆମେ ଟିକେଟ୍ ଦେଇଛୁ। ଆନ୍ଦୋଳନ ସମୟରେ ଆମ ଦଳର ପାର୍ଲାମେଣ୍ଟାରି ବୋର୍ଡ ଚେୟାରପର୍ସନ ମହମ୍ମଦ ସୋହିବ ଅଖତାରଙ୍କୁ ଗିରଫ କରାଯାଇଥିଲା। ମହାମାରୀ ଯୋଗୁ ଆନ୍ଦୋଳନକୁ ପ୍ରତ୍ୟାହାର କରିନିଆଯାଇଥିଲା। କିନ୍ତୁ ଆନ୍ଦୋଳନ ଆଂଶିକ ସଫଳ ହୋଇଛି। କାରଣ ସରକାର ଉକ୍ତ ଆଇନକୁ କାର୍ଯ୍ୟକାରୀ କରିନାହାନ୍ତି। ଆଇନ ଲାଗୁ କରିବା ପାଇଁ କୌଣସି ଉଦ୍ୟମ ହେଲେ ପୁଣି ମୁଣ୍ଡଟେକିବ।' ଏକ ଗଣମାଧ୍ୟମ ପକ୍ଷରୁ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ସିଏଏ-ଏନ୍ଆର୍ସି ପ୍ରସଙ୍ଗରେ ଛାତ୍ର ଗୋପାଳ ମିଶ୍ରା (୨୦)ଙ୍କ ମତ ହେଉଛି, 'ଏହା ମୁଖ୍ୟତଃ ମୁସଲମାନମାନଙ୍କ ପାଇଁ ଏକ ଚିନ୍ତାର ବିଷୟ ଥିଲା। ମୋ ଭଳି କେତେଜଣ ପ୍ରଗତିଶୀଳ ଏବଂ ଧର୍ମନିରପେକ୍ଷ ହିନ୍ଦୁ ତଥା ଅନ୍ୟ ସମ୍ପ୍ରଦାୟର ଲୋକମାନେ ଏହି ଆଇନକୁ ଅନ୍ୟାୟ ବୋଲି ଅନୁଭବ କରିଥିଲେ। ମୁସଲମାନମାନେ ତ ପ୍ରାୟତଃ ଭାଜପାକୁ ଭୋଟ ଦେବେ ନାହିଁ। ଅନ୍ୟମାନଙ୍କ ପାଇଁ ଶାସକ ଦଳ ବିରୋଧରେ ଅନ୍ୟ କେତେକ ପ୍ରସଙ୍ଗ ରହିଛି।' ସେହିପରି ଆନ୍ଦୋଳନରେ ଭାଗ ନେଇଥିବା ୨୧ ବର୍ଷୀୟା ଆକାଂକ୍ଷା ରସ୍ତୋଗୀ କହିଛନ୍ତି ଯେ, 'ଏହି ପ୍ରସଙ୍ଗ ଏକ ବର୍ଗର ଲୋକଙ୍କ ମଧ୍ୟରେ ଜୀବନ୍ତ ହୋଇ ରହିଛି। ସମଗ୍ର ଲକ୍ଷ୍ନୌ ସହରରେ ଏନେଇ ଆଲୋଚନା ହେଉଛି। ନିର୍ବାଚନ ଉପରେ ଏହା ପ୍ରଭାବ ପକାଇବ କି ନାହିଁ ତାହା ଏବେଠୁ କହିହେବ ନାହିଁ। କିନ୍ତୁ ଏକ ନିର୍ଦ୍ଦିଷ୍ଟ ବର୍ଗ ଉପରେ ନିଶ୍ଚିତ ପ୍ରଭାବିତ କରିବ।' ସିଏଏ ବିରୋଧୀ ଆନ୍ଦୋଳନରେ ସକ୍ରିୟ ଭାବେ ଭାଗ ନେଇଥିବା ଉଜ୍ମା ପରବିନ କହିଛନ୍ତି, ଏହି ଆଇନ ହନ୍ତସନ୍ତ କରିବ ବୋଲି ଲୋକେ ଏବେ ବି ଆଶଙ୍କା କରୁଛନ୍ତି। କିନ୍ତୁ ବିରୋଧୀ ଦଳଗୁଡ଼ିକ ଜୋରଦାର ପ୍ରତିବାଦ କରୁ ନ ଥିବାରୁ ଲୋକେ ସେମାନଙ୍କ ଉପରେ ମଧ୍ୟ ଅସନ୍ତୋଷ ପ୍ରକାଶ କରୁଛନ୍ତି ବୋଲି ପରବିନ କହିଛନ୍ତି।

# ମମତା-ଅଭିଷେକଙ୍କ ଫାଟ ବଢୁଛି



ମମତା ବାନାର୍ଜୀ ଅଭିଷେକ ବାନାର୍ଜୀ

କୋଲକାତା,୧୨।୨

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ମଧ୍ୟରେ ମତପାର୍ଥକ୍ୟ ବଢ଼ିବାରେ ଲାଗିଛି। ଫଳରେ ମୁଖ୍ୟମନ୍ତ୍ରୀ ଶନିବାର ଦଳର ଶୀର୍ଷ ନେତାମାନଙ୍କ ଜରୁରୀ ବୈଠକ ଡାକିଥିଲେ। ଉଚ୍ଚସ୍ତରୀୟ ବୈଠକ ପରେ ଦଳର ଅଧ୍ୟକ୍ଷା ମମତା ୨୦ ସଦସ୍ୟ ବିଶିଷ୍ଟ ନୂଆ ଜାତୀୟ କାର୍ଯ୍ୟକାରୀ କମିଟି ଘୋଷଣା କରିଛନ୍ତି। କେବଳ ଅଧ୍ୟକ୍ଷ ପଦବୀ ବ୍ୟତୀତ ଅନ୍ୟ ସମସ୍ତ ପଦବୀକୁ ଭାଙ୍ଗିଦିଆଯାଇଛି। କୋଲକାତା ମେୟର ଫିର୍ହାଦ ହାକିମ, ଯଶୱନ୍ତ ସିହ୍ନା, ଅରୂପ ବିଶ୍ୱାସ ଏବଂ ସୋଭନଦେବ ଚାଟାର୍ଜୀଙ୍କୁ ଜାତୀୟ କାର୍ଯ୍ୟକାରୀ କମିଟିରେ ସ୍ଥାନ ମିଳିଛି। ତେବେ କୌଣସି ସଦସ୍ୟଙ୍କ ପଦବୀ ସମ୍ପର୍କରେ ଘୋଷଣା କରାଯାଇ ନାହିଁ। ଅନ୍ୟପକ୍ଷରେ ବରିଷ୍ଠ ଏମ୍ପି ଡେରେକ୍ ଓ'ବ୍ରିଏନ୍, ସୌଗତ ରାୟଙ୍କୁ କମିଟିରେ ସ୍ଥାନ ମିଳିନାହିଁ।

ଦଳରେ 'ଜଣେ ବ୍ୟକ୍ତି ଗୋଟିଏ ପଦବୀ' ନୀତି କାର୍ଯ୍ୟକାରୀ କରିବାକୁ ଅଭିଷେକ ଚାପ ପକାଇଆସୁଥିଲେ। କେତେଜଣ ବରିଷ୍ଠ ନେତା ଏକାଧିକ ପଦବୀରେ ରହିଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଅନ୍ୟପକ୍ଷରେ ଉଚ୍ଚାକାଂକ୍ଷା ରଖିଥିବା ପୁତୁରାଙ୍କ ସହ ମମତାଙ୍କ ମତଭେଦ ବଢ଼ିବାରେ ଲାଗିଥିବା କୁହାଯାଉଛି। ଅଭିଷେକ ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର ପାଲଟିଛନ୍ତି। ସେମାନଙ୍କ ବିବାଦ ମଧ୍ୟରେ ପ୍ରଶାନ୍ତ କିଶୋରଙ୍କ ରାଜନୈତିକ ପରାମର୍ଶଦାତା ଗ୍ରୁପ୍ ଆଇ-ପିଏସି ଅଡୁଆରେ ପଡ଼ିଛି। ପଶ୍ଚିମବଙ୍ଗ ନିର୍ବାଚନ ବେଳେ ଆଇ-ପିଏସି ତୃଣମୂଳ କଂଗ୍ରେସ ପାଇଁ କାମ କରୁଥିଲା। ଦଳ ଓ ପିଏସି ମଧ୍ୟରେ ଯୋଗସୂତ୍ର ରଖିବାରେ ଅଭିଷେକ ମୁଖ୍ୟ ଭୂମିକା ନେଇଥିବା ଦେଖାଯାଇଥିଲା। ପ୍ରଶାନ୍ତ କିଶୋରଙ୍କ ଟିମ୍ ତୃଣମୂଳ ନେତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କ ସୋସିଆଲ ମିଡିଆ ଆକାଉଣ୍ଟର ଦୁରୁପଯୋଗ କରୁଥିବା ଶୁକ୍ରବାର ସେ ଅଭିଯୋଗ କରିବା ପରେ ବିବାଦ ଦେଖାଦେଇଛି। ନିର୍ବାଚନ ପୂର୍ବରୁ ଆଇ-ପିଏସି ଚନ୍ଦ୍ରିମାଙ୍କ ନାମରେ ଏକ ଟୁଇଟର ଆକାଉଣ୍ଟ ଖୋଲିଥିଲା। ଏହି ସଂଗଠନ ଚନ୍ଦ୍ରିମାଙ୍କ ଅନୁମତି ବିନା ଉକ୍ତ ଆକାଉଣ୍ଟରେ ଶୁକ୍ରବାର 'ୱାନ୍ ପର୍ସନ ୱାନ୍ ପୋଷ୍ଟ' ଲେଖିଥିବା ଅଭିଯୋଗ ହୋଇଛି। ତେବେ ତୃଣମୂଳ କଂଗ୍ରେସ ଓ ଏହାର କୌଣସି ନେତାଙ୍କ ଆକାଉଣ୍ଟ ବ୍ୟବହାର କରୁ ନ ଥିବା ଆଇ-ପିଏସି ସ୍ପଷ୍ଟ କରିଛି। ଅଭିଯୋଗ ଆଣିଥିବା ବ୍ୟକ୍ତି ଭୁଲ୍ ସୂଚନା ପାଇଛନ୍ତି କିମ୍ବା ମିଛ କହୁଛନ୍ତି ବୋଲି ଆଇ-ପିଏସି କହିଥିଲା।

## ଟିଏମ୍ସିର ନୂଆ ଜାତୀୟ କାର୍ଯ୍ୟକାରୀ କମିଟି ଗଠନ

# 'ଜିତିଲେ ସମାନ ଆଚାର ସଂହିତା ଆଣିବି'



ପୁଷ୍କର ସିଂ ଧାମି

ଡେରାଡୁନ୍,୧୨।୨

ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ଭାଜପା ବିଜୟୀ ହୋଇ ପୁନର୍ବାର କ୍ଷମତାକୁ ଆସିଲେ ସମାନ ଆଚାର ସଂହିତା ଚିଠା ପ୍ରସ୍ତୁତି ଲାଗି କମିଟି ଗଠନ କରିବେ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ପ୍ରତିଶ୍ରୁତି ଦେଇଛନ୍ତି। ଆଇନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧିକାରୀ, ବୁଦ୍ଧିଜୀବୀ ଓ ଅନ୍ୟ ଅଂଶୀଦାରମାନଙ୍କୁ ନେଇ ଏହି କମିଟି ଗଠନ କରାଯିବ। ଉତ୍ତରାଖଣ୍ଡରେ ୧୪ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଶନିବାର ପ୍ରଚାରର ଶେଷ ଦିନରେ ଭାଜପା ପକ୍ଷରୁ ଏଭଳି ପ୍ରତିଶ୍ରୁତି ଦିଆଯାଇଛି। ବିବାହ, ଛାଡ଼ପତ୍ର, ଜମିଜମା ଓ ଉତ୍ତରାଧିକାର ଆଦି ପ୍ରସଙ୍ଗକୁ କମିଟି ବିଚାରକୁ ନେଇ ଚିଠା ବିଲ୍ ପ୍ରସ୍ତୁତ କରିବ। ସମ୍ବିଧାନ ପ୍ରଣେତାମାନଙ୍କୁ ସ୍ୱପ୍ନ ପୂରଣ ଦିଗରେ ଏହା ଉଲ୍ଲେଖନୀୟ ପଦକ୍ଷେପ ହେବ। ସମ୍ବିଧାନର ଅନୁଚ୍ଛେଦ ୪୪ରେ ଧର୍ମ ନିର୍ବିଶେଷରେ ସମାଜର ସବୁ ନାଗରିକ ସମାନ ଧାରଣା ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ହେବ ବୋଲି ଧାମି କହିଛନ୍ତି।

# ପ୍ରାର୍ଥୀଙ୍କ ପାଇଁ କରମା ନାଚିଲେ ବିଧାୟିକା



ନିର୍ବାଚନ ପ୍ରଚାର ବେଳେ ବିଧାୟିକା କୁସୁମ ଟେଟେ କର୍ମୀଙ୍କ ଗହଣରେ କରମା ନାଚ ନାଚୁଛନ୍ତି।

ସୁନ୍ଦରଗଡ଼, ୧୨।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରଗରମ ହେଉଛି ସୁନ୍ଦରଗଡ଼ର ରାଜନୀତି। ଶନିବାର ଭାଜପା ଜିଲା ପରିଷଦ ପ୍ରାର୍ଥୀଙ୍କ ଲାଗି ପ୍ରଚାରରେ ସାମିଲ ହୋଇ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଅଞ୍ଚଳର ପ୍ରସିଦ୍ଧ 'କରମା' ନୃତ୍ୟ ପରିବେଷଣ କରିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ବେଶ୍ ଚର୍ଚ୍ଚା ହୋଇଛି।

ସୁନ୍ଦରଗଡ଼ ଜିଲାରେ ପ୍ରାର୍ଥୀଙ୍କ ବିଜୟ ପାଇଁ ସବୁ ଦଳର ହେବିୱେଟ ନେତା ଏବେ ନିର୍ବାଚନ ମୈଦାନରେ। ବିଭିନ୍ନ ଦଳ ପକ୍ଷରୁ ନିଜ କୌଶଳରେ ଆଗେଇ ଚାଲିଛି ପ୍ରଚାର କାର୍ଯ୍ୟ। ଜିଲା ପରିଷଦ ଗଠନ ପାଇଁ ଭାଜପା ତା'ର ପ୍ରାର୍ଥୀମାନଙ୍କୁ କିଭଳି ଅଧିକ ଆସନରେ ଜିତାଇବ ସେ ନେଇ ପ୍ରଚାର ଅଭିଯାନକୁ ଜୋରଦାର କରିଛି। ପ୍ରଚାର ମୈଦାନରେ ଏମ୍ପି ଜୁଏଲ ଓରାମ, ବରିଷ୍ଠ ନେତା ରଞ୍ଜନ ପଟେଲ, ବିଧାୟିକା କୁସୁମ ଟେଟେ, ବିଧାୟକ ଭବାନୀ ଶଙ୍କର ଭୋଇ, ଶଙ୍କର ଓରାମ ରହିଛନ୍ତି। ଶନିବାର ସୁନ୍ଦରଗଡ଼ ସଦର ବ୍ଲକ (କ)ଜୋନର ଭାଜପା ପ୍ରାର୍ଥୀ ପ୍ରବୀନ ନାଏକଙ୍କ ସକାଶେ ଏହି ନେତାମାନେ ପ୍ରଚାର କରିଥିଲେ। ଭୋଟରଙ୍କୁ ଆକୃଷ୍ଟ କରିବା ସହ ପଞ୍ଚାୟତ ଫାଇଟରେ ଭାଜପାର ବାଜିମାତ୍ କରିବା ଲକ୍ଷ୍ୟନେଇ ଏହି ଅବସରରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ କର୍ମୀଙ୍କ ସହିତ ଅଞ୍ଚଳର ପ୍ରସିଦ୍ଧ 'କରମା' ନାଚ ନାଚିଥିଲେ। ଏହି ଆସନରେ ଭାଜପା ପ୍ରାର୍ଥୀ ପ୍ରବୀନ ନାଏକଙ୍କ ସହ ବିଜେଡି ପ୍ରାର୍ଥୀ ଅଶ୍ୱିନୀ ନାଏକଙ୍କ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

# ଡାବୁଗାଁ ବିଧାୟକଙ୍କ ଗାଡ଼ିରେ ଶାଢ଼ି

## କଂଗ୍ରେସ ପ୍ରାର୍ଥିନୀ ଲିପିକାଙ୍କ ପ୍ରଚାର ଗାଡ଼ିକୁ ପଥର ମାଡ଼

ନବରଙ୍ଗପୁର/ପାପଡ଼ାହାଣ୍ଡି, ୧୨।୨(ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଗାଡିରେ ପ୍ରଚୁର ପରିମାଣର ଶାଢ଼ି ଥିବା ନେଇ ଅଭିଯୋଗ କରିଛନ୍ତି ପାପଡାହାଣ୍ଡି ଜିଲା ପରିଷଦ ଜୋନ୍-୨ କଂଗ୍ରେସ ପ୍ରାର୍ଥୀ ଡା. ଲିପିକା ମାଝି ଓ ତାଙ୍କ ବାପା ତଥା ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି। ପୋଲିସ ବିଧାୟକ ରନ୍ଧାରୀଙ୍କ ଗାଡିକୁ ଥାନାକୁ ଆଣି ଘଟଣାର ତଦନ୍ତ କରୁଛି। ନିର୍ବାଚନ ଆଚରଣ ବିଧି ଓ ଶାଢ଼ି ବଣ୍ଟନ ନେଇ ଡାକ୍ତର ଲିପିକା ଓ ପୂର୍ବତନ ବିଧାୟକ ଭୁଜବଳ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତ ରଣ୍ଡାଗୁଡା ଗାଁରେ ବିଧାୟକ ରନ୍ଧାରୀ କାର୍ରେ ଯାଉଥିବାବେଳେ ବିପରୀତ ଦିଗରୁ ଭୁଜବଳ ମାଝି ଝିଅ ଲିପିକାଙ୍କ ସହ ଆସୁଥିଲେ। ସେମାନେ ଅଟକି ଉଭୟ ଉଭୟଙ୍କୁ ପ୍ରତିନମସ୍କାର କରିଥିଲେ। ବିଧାୟକ ରନ୍ଧାରୀଙ୍କ କାର୍ ପଛପଟେ ବିପୁଳ ପରିମାଣର ଲୁଗା ଓ ଲୁଙ୍ଗି ଥିବା ନେଇ ଭୁଜବଳ ଦେଖିବା ସହ ଏ ନେଇ ଆପତ୍ତି ଉଠାଇ ଥିଲେ। ଏହାପରେ ପାଖରେ ଥିବା କଂଗ୍ରେସ କର୍ମୀ ହୋ ହଲ୍ଲା କରିଥିଲେ। ଆମେ ଘର ଘର ବୁଲି ଭୋଟ ଭିକ୍ଷା କରୁଛୁ। ବିଧାୟକ ରନ୍ଧାରୀ ଲୁଗାପଟା ଦେଇ ଲୋକଙ୍କୁ ପ୍ରଲୋଭିତ କରୁଛନ୍ତି ବୋଲି ଲିପିକା କହିଛନ୍ତି। ଘଟଣା ସମ୍ପର୍କରେ ଜାଣି ପାପଡାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ ଓ ଥାନାଧିକାରୀ ଶୁଭେନ୍ଦୁ ଶବର ବିଧାୟକଙ୍କ ଗାଡି (ଓଡି-୩୩ଭି-୯୦୨୦)କୁ ଥାନାକୁ ଆଣି ଅଧିକ ତଦନ୍ତ କରୁଛନ୍ତି। ତହସିଲଦାରଙ୍କ ଉପସ୍ଥିତିରେ ଗାଡିରୁ ୫୦୦ ଖଣ୍ଡ ଗାମୁଛା, ୧୫୮ ଟର୍କିସ୍, ୨୮୪ ଶାଢ଼ି ଓ ୧୬୨ ଖଣ୍ଡ ଉତ୍ତରୀୟ ଜବତ କରାଯାଇଥିବା ଜାଣିବାକୁ ମିଳିଛି। ଏ ନେଇ ବିଧାୟକ ରନ୍ଧାରୀଙ୍କୁ ପଚାରିବାରୁ କଂଗ୍ରେସ ପ୍ରାର୍ଥୀ ହାରିବା ଭୟରେ ଏଭଳି ଅଭିଯୋଗ ଆଣିଛନ୍ତି। ଶାଢ଼ି ଓ ଲୁଙ୍ଗି ସବୁକୁ ଭାମିନୀ ଗାଁକୁ ଏକ ଦଶାହ କର୍ମ ପାଇଁ ନେଇ ଯାଉଥିଲି ବୋଲି ସେ କହିଛନ୍ତି। ପୋଲିସ ଷ୍ଟେଶନ ଡାଏରୀ (୧୯/୨୨) ରୁଜୁ କରିଛି। ଅନ୍ୟପକ୍ଷେ ଲିପିକାଙ୍କ ସମର୍ଥକ ଚନ୍ଦ୍ରପୁର ପଞ୍ଚାୟତରେ ପ୍ରଚାର ସମୟରେ ତାଙ୍କ ପ୍ରଚାର ଗାଡି ଉପରେ ଢେଲା ପଥର ମାଡ଼ ହୋଇଛି। ଲିପିକା ଓ ପୂର୍ବତନ ବିଧାୟକ ଭୁଜବଳ ମାଝି ଏ ସମ୍ପର୍କରେ ପାପଡାହାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି।



ବିଧାୟକ ମନୋହର ରନ୍ଧାରୀଙ୍କ ଗାଡ଼ିରୁ ମିଳିଥିବା ଶାଢ଼ି, ଗାମୁଛା, ଟର୍କିସ ଏବଂ ଉତ୍ତରୀୟ।

# ୩ ଯାଆଙ୍କ ମଧ୍ୟରେ ଲଢ଼େଇ



ସୁଷମା



ମିନାକ୍ଷୀ



ବୀଣାପାଣି

ଖଇରା, ୧୨।୨(ଡି.ଏନ.ଏ.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଗର୍ସଙ୍ଗ ୬ନଂ ଜିଲା ପରିଷଦ ଜୋନରେ ୩ ମହିଳା ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଜେଡିରୁ ସୁଷମା ମହାପାତ୍ର, ଭାଜପାରୁ ମିନାକ୍ଷୀ ମହାପାତ୍ର ଓ କଂଗ୍ରେସରୁ ବୀଣାପାଣି ଶୁକ୍ଳ ମଇଦାନକୁ ଓହ୍ଲାଇଛନ୍ତି। ଏହି ୩ ପ୍ରାର୍ଥୀଙ୍କ ଘର ଗର୍ସଙ୍ଗ କାଛିସାହିରେ ହୋଇଥିବା ବେଳେ ସେମାନେ ସମ୍ପର୍କରେ ୩ ଯାଆ। ବିଜେଡିର ସୁଷମା ୨ଥର ଜିଲା ପରିଷଦ ସଭ୍ୟା ଭାବେ ବିଜୟୀ ହୋଇଥିବା ବେଳେ ଏଥର ହ୍ୟାଟ୍ରିକ ଲକ୍ଷ୍ୟରେ ପ୍ରଚାର ଚଳାଇଛନ୍ତି। ଗତ ୨୦୧୭ରେ ନିର୍ବାଚନ ଲଢୁଥିବା ଭାଜପାର ମିନାକ୍ଷୀ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି। ସେହିଭଳି କଂଗ୍ରେସର ବୀଣାପାଣି ନୂଆମୁହଁ ହୋଇଥିବାରୁ କଂଗ୍ରେସର ଆଦର୍ଶ ଓ ବିଚାରଧାରାକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି। ବିଜେଡି ପାଇଁ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭାଜପା ପାଇଁ ପୂର୍ବତନମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଯୁବନେତା ନୀଳମାଧବ ପଣ୍ଡା ଏବଂ କଂଗ୍ରେସ ପାଇଁ ପ୍ରାକ୍ତନ ଏମ୍ପି ତଥା ପୂର୍ବତନ ରାଜ୍ୟ ଉପସଭାପତି ଅନନ୍ତ ପ୍ରସାଦ ସେଠୀ ପ୍ରଚାର ମଙ୍ଗ ଧରିଛନ୍ତି । ଗର୍ସଙ୍ଗରେ କଂଗ୍ରେସର ଭଲ ଭୋଟ ବ୍ୟାଙ୍କ ଥିବା ବେଳେ ଅନ୍ୟ ୭ଟି ପଞ୍ଚାୟତରେ ସଙ୍ଗଠନ ସୁଦୃଢ ନ ଥିବାରୁ ଲଢେଇ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ହେବାର ସମ୍ଭାବନା ଅଧିକ। ରପେୟା, ବଡଜୟୀପୁର, ମାଣିତ୍ରୀ ଭଳି କିଛି ପଞ୍ଚାୟତରେ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀକୁ ନିଜ ପକ୍ଷକୁ ନେବାକୁ ଭାଜପା ପ୍ରାର୍ଥୀ ଉଦ୍ୟମ କରୁଥିବା ବେଳେ ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଜ୍ୟୋତିପ୍ରକାଶଙ୍କ ବିକାଶମୂଳକ କାର୍ଯ୍ୟକୁ ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି। ମାଣିତ୍ରୀ ଭଳି କିଛି ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ସମିତିସଭ୍ୟା ପ୍ରାର୍ଥୀଙ୍କୁ ହରାଇବାକୁ ବିରୋଧୀ ଏକଜୁଟ ହୋଇଥିବା ବେଳେ ସାରଡାଙ୍ଗ, ଝିଙ୍କିରିଆ, ଗର୍ସଙ୍ଗ ଓ ଅନ୍ତରାରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାରୁ ହାରଜିତ ବ୍ୟବଧାନ ହାର ଯଥେଷ୍ଟ କମ୍ ରହିବ ବୋଲି ଅନୁମାନ କରାଯାଉଛି।

# ସୁପ୍ରିମ କୋର୍ଟ ରାୟକୁ କଂଗ୍ରେସର ସ୍ୱାଗତ

## ନିଯୁକ୍ତି, ପଦୋନ୍ନତି ସଂରକ୍ଷଣ

■ ୧୫ରେ ନବରଙ୍ଗପୁରରେ ସମାବେଶ

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କ ନିଯୁକ୍ତି ଏବଂ ପଦୋନ୍ନତିରେ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସ୍ୱାଗତ କରିଛି। ଏହାଦ୍ୱାରା ସଂରକ୍ଷଣ କାଟ୍ଛାଣ୍ଟ କରିବାକୁ ଦୁଇ ଶାସକ ଭାଜପା ଓ ବିଜେଡି ଯେଉଁ ହୀନ ପ୍ରୟାସ କରିଥିଲେ ତାହା ବିଫଳ ହୋଇଛି। ସେହିପରି ଏହି ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତା ୧୫ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ନବରଙ୍ଗପୁରରେ ଏକ ସମାବେଶ ଅନୁଷ୍ଠିତ ହେବ ବୋଲି ପିସିସି ପକ୍ଷରୁ ସୂଚନା ଦିଆଯାଇଛି।

କଂଗ୍ରେସ ଭବନରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା କହିଛନ୍ତି, ତାଙ୍କ ଦଳ ସୁପ୍ରିମ କୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରିବା ସହ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛି। ସେହିପରି ପଛୁଆବର୍ଗ ବିଭାଗ ଅଧ୍ୟକ୍ଷ ଜ୍ଞାନଦେବ ବେଉରା କହିଛନ୍ତି, ପଞ୍ଜାବ ଜନସାଧାରଣଙ୍କ ଦାବିକ୍ରମେ ଏଆଇସିସି ପକ୍ଷରୁ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଞ୍ଜାବ ମୁଖ୍ୟମନ୍ତ୍ରୀ ପଦବୀ ନିମନ୍ତେ ଦଳିତ ନେତା ଚରଣଜିତ ସିଂ ଚନ୍ନିଙ୍କ ନାମ ଘୋଷଣାକୁ ପିସିସି ପକ୍ଷରୁ ସ୍ୱାଗତ କରୁଛି। କଂଗ୍ରେସ ସର୍ବଦା ସମାଜର ତଳସ୍ତରରେ ଥିବା ଦଳିତ ଓ ନିଷ୍ପେଷିତଙ୍କ ଉନ୍ନତି ନିମନ୍ତେ ତତ୍ପର ଥିବା ସେ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ, ମୁଖପାତ୍ର ଅମିୟ ପାଣ୍ଡବ ଓ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ଚର୍ଚ୍ଚାରେ କେନ୍ଦ୍ରମନ୍ତ୍ରୀଙ୍କ ବସ୍ ଯାତ୍ରା

ସମ୍ବଲପୁର,୧୨।୨(ବ୍ୟୁରୋ)

କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଶନିବାର ଦିନିକିଆ ସମ୍ବଲପୁର ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏକ ଘରୋଇ ବସ୍ରେ ସେ ସାଧାରଣ ଯାତ୍ରୀ ଭାବେ ଏଠାକୁ ଆସି ସକାଳ ୬ଟାରେ ସମ୍ବଲପୁର ବସ୍ଷ୍ଟାଣ୍ଡରେ ପହଞ୍ଚିଥିଲେ। ଏହାକୁ ନେଇ ଜିଲାରେ ବେଶ୍ ଚର୍ଚ୍ଚା ହୋଇଛି।

ବସ୍ ଯାତ୍ରା ସମ୍ପର୍କରେ ମନ୍ତ୍ରୀ ଟୁଡୁ କହିଛନ୍ତି, ଛୋଟ ଚାରିଚକିଆ ଗାଡିରେ ଆସିଲେ ଆରାମଦାୟକ ହେବ ନାହିଁ। ବସ୍ରେ ସ୍ଲିପର କୋଚରେ ବିଶ୍ରାମ ମିଳୁଥିବାରୁ ସେ ବସ୍ରେ ଆସିଥିବା କହିଥିଲେ। ଏହି ଘଟଣାକୁ ନେଇ ଏବେ ରାଜନୀତି ଜୋର ଧରିଛି। ବସ୍ କଣ୍ଡକ୍ଟର ରାଜେଶ ନାଏକ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ବସ୍ରେ ଆସିବାକୁ କହି ସିଟ୍ ବୁକିଂ କରିଥିଲେ। ରାତି ପ୍ରାୟ ୧୨ଟାରେ ସେ ମୟୂରଭଞ୍ଜ ଜିଲା ସିଙ୍ଗଡା ଛକରୁ ବସ୍ରେ ଉଠିଥିଲେ। ସମ୍ବଲପୁରରେ ସକାଳେ ପହଞ୍ଚିବା ପରେ ତାଙ୍କ ଦଳର ନେତାମାନେ ଆସି ସ୍ୱାଗତ କରିବା ପରେ ଅନ୍ୟ ଯାତ୍ରୀମାନେ କେନ୍ଦ୍ରମନ୍ତ୍ରୀ ବସ୍ରେ ଯାତ୍ରା କରୁଥିବା ଜାଣିପାରିଥିଲେ। ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। କେନ୍ଦ୍ରୀୟ ଯୋଜନା ରାଜ୍ୟ ସରକାର ହଡ଼ପ କରି ନିଜ ନାମରେ କରି ଦେଉଛନ୍ତି। ପ୍ରତି ପରିବାର ପାଖରେ କେନ୍ଦ୍ରୀୟ ଯୋଜନା ପହଞ୍ଚିପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ଭରସା କରି ଲୋକମାନେ ଭାଜପାକୁ ମତଦାନ କରିବା ପାଇଁ ସ୍ଥିର କରିଥିବା କହିଥିଲେ। ପରେ ସେ ରେଙ୍ଗାଲି ବ୍ଲକ ଜୋନ-୧ ପ୍ରାର୍ଥିନୀ ପ୍ରିୟମ୍ବଦା ବେହେରା, ଯୁଯୁମୁରା ବ୍ଲକ ଜୋନ୍ ୧ ପ୍ରାର୍ଥୀ ଟିଂକି ପ୍ରଧାନଙ୍କ ସହ ବିଭିନ୍ନ ଗ୍ରାମକୁ ଯାଇ ଭୋଟ ପ୍ରଚାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ବିଧାୟକ ପାର୍ଥୀ ଦେବେନ୍ଦ୍ର ମହାପାତ୍ର, ଜିଲା ସଭାପତି ଗିରିଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁରରେ ବସରୁ ଓହ୍ଲାଇବା ପରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୦,୯୭,୮୮,୭୬୬ | ୫୮,୨୩,୭୪୨ | ୩୩,୦୦,୪୭,୪୦୮ |
| ଭାରତ | ୪,୨୫,୮୬,୫୪୪ | ୫,୦୮,୦୧୨ | ୪,୧୪,୬୮,୧୨୦ |
| ଓଡ଼ିଶା | ୧୨,୭୬,୧୧୪ | ୮୮୬୨(+୫୩) | ୧୨,୫୫,୯୯୫ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ବନ୍ୟପ୍ରାଣୀ ସଂରକ୍ଷଣ ଆଇନ

# ସଂଶୋଧନ ପାଇଁ କେନ୍ଦ୍ର ତରବର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୨।୨(ବ୍ୟୁରୋ)

ଗତବର୍ଷ ଭାରତ ସରକାର ଲୋକଙ୍କ ପରାମର୍ଶ ନ ନେଇ ପାର୍ଲାମେଣ୍ଟରେ ଦୁଇଟି ବିଲ୍ ଆଗତ କରିଥିଲେ। ଜୈବିକ ଉତ୍ସଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଜୈବ ବିବିଧତା ଆଇନ, ୨୦୦୨ରେ ସଂଶୋଧନ ପାଇଁ ପ୍ରଥମ ବିଧେୟକ ଉଦ୍ଦିଷ୍ଟ ଥିଲା। ସେହିପରି ବନ୍ୟଜନ୍ତୁଙ୍କୁ ଶିକାର ଓ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗର ବେଆଇନ ଚାଲାଣ ରୋକିବା ପାଇଁ ରହିଥିବା ବନ୍ୟପ୍ରାଣୀ ସଂରକ୍ଷଣ ଆଇନ(ଡବ୍ଲ୍ୟୁଏଲ୍‌ପିଏ), ୧୯୭୨ରେ ଦ୍ୱିତୀୟ ବିଲ୍ ଜରିଆରେ ପରିବର୍ତ୍ତନ ଆଣିବା ପ୍ରସ୍ତାବ ରହିଥିଲା।

ବାୟୋଲୋଜିକାଲ୍ ଡାଇଭର୍ସିଟି ଆକ୍ଟ ଅପେକ୍ଷାକୃତ ବେଶି ପୁରୁଣା ହୋଇ ନ ଥିବାବେଳେ ଡବ୍ଲ୍ୟୁଏଲ୍‌ପିଏ ପ୍ରାୟ ୫୦ ବର୍ଷ ତଳର ଆଇନ। ତେବେ ଏଥିରେ କୌଣସି ପରିବର୍ତ୍ତନ ଆଣିବା ଅନାବଶ୍ୟକ। ଏହାସତ୍ତ୍ୱେ ଜନ ସାଧାରଣ କିମ୍ବା ବିଶେଷଜ୍ଞମାନଙ୍କ ବିନା ପରାମର୍ଶରେ କୌଣସି ବିଲ୍‌କୁ ଆଗକୁ ବଢ଼ାଇଲେ ସୁଫଳ ମିଳି ନ ଥାଏ। ପରବର୍ତ୍ତୀ ସମୟରେ ଏହାକୁ ନେଇ ସମାଲୋଚନା କରାଯିବାରୁ ସରକାର ବାଧ୍ୟ ହୋଇ ସଂସଦର ବିଜ୍ଞାନ ଓ କାରିଗରି ଏବଂ ପରିବେଶ ଓ ଜଙ୍ଗଲ ସମ୍ପର୍କିତ ସ୍ଥାୟୀ କମିଟି ଡବ୍ଲ୍ୟୁଏଲ୍‌ପିଏ ବିଲ୍ ଉପରେ ବିଚାର କରିବେ ବୋଲି ରାଜି ହୋଇଥିଲେ। ଏଥିସହ ଯୁଗ୍ମ ସଂସଦୀୟ କମିଟି ବାୟୋଲୋଜିକାଲ ଡାଇଭର୍ସିଟି ବିଲ୍‌କୁ ନେଇ ଅନୁଧ୍ୟାନ କରିବ ବୋଲି ସହମତି ପ୍ରକାଶ କରିଥିଲା। ଡବ୍ଲ୍ୟୁଏଲ୍‌ପିଏ ଭଳି ଏକ ଆଇନ ପାଇଁ ବୈଜ୍ଞାନିକ ପରାମର୍ଶ ବିକଳ୍ପ ନୁହେଁ, ବରଂ ଆବଶ୍ୟକତା। ମୂଳ ଆଇନରେ ପ୍ରବାଳ, ପକ୍ଷୀ, ଉଦ୍ଭିଦ, ସରୀସୃପ ଭଳି ପ୍ରଜାତିର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କ ବର୍ଗୀକରଣରେ କୌଣସି ପ୍ରକାର ପରିବର୍ତ୍ତନ ଆଣିବାକୁ ହେଲେ ବୈଜ୍ଞାନିକ, ଉଦ୍ଭିଦ ବିଜ୍ଞାନୀ ଓ କୀଟ ବିଜ୍ଞାନୀଙ୍କୁ ନେଇ ବିସ୍ତୃତ ଗବେଷଣା ଆବଶ୍ୟକ ହୋଇଥାଏ। ଡବ୍ଲ୍ୟୁଏଲ୍‌ପିଏ ପାଇଁ ଉଦ୍ଦିଷ୍ଟ ବିଲ୍‌ରେ ବିଭିନ୍ନ ପ୍ରଜାତିର ଜୀବଜନ୍ତୁଙ୍କ ନାମ ଉଲ୍ଲେଖ ସମୟରେ ଭୁଲ୍ ବନାନ କରାଯାଇଛି ଓ କେତେକଙ୍କୁ ବାଦ୍ ଦିଆଯାଇଛି। ସେହିପରି ଉକ୍ତ ବିଲ୍‌ରେ ଅନ୍ୟ କେତେକ ତ୍ରୁଟିଗତ ସମସ୍ୟା ମଧ୍ୟ ରହିଛି। ପ୍ରଥମତଃ ଏହି ବିଲ୍‌ରେ କୌଣସି ପ୍ରଜାତିର ଜୀବଙ୍କୁ ହିଂସ୍ର ବୋଲି ଘୋଷଣା କରିବାକୁ ସରକାରଙ୍କୁ ଏକତରଫା କ୍ଷମତା ପ୍ରଦାନ କରାଯାଇଛି। ଦ୍ୱିତୀୟରେ ରାଜ୍ୟର ଜଙ୍ଗଲ କିମ୍ବା ସୁରକ୍ଷିତ ଅଞ୍ଚଳରେ ବୃହତ୍ ପ୍ରକଳ୍ପଗୁଡ଼ିକର ଭବିଷ୍ୟତ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିବା ଷ୍ଟେଟ୍ ୱାଇଲ୍ଡଲାଇଫ୍ ବୋର୍ଡଗୁଡ଼ିକର ଭୂମିକାକୁ ସଙ୍କୁଚିତ କରାଯାଇଛି। ଏତିକି ନୁହେଁ, ଏହି ବିଲ୍‌ରେ ହାତୀଙ୍କୁ ପରିବହନ କରି ଅନ୍ୟତ୍ର ସ୍ଥାନାନ୍ତରଣର ନିୟମଗୁଡ଼ିକୁ ମଧ୍ୟ ଦୁର୍ବଳ କରିଦିଆଯାଇଛି, ଯଦ୍ୱାରା ହାତୀଙ୍କୁ ନେଇ ବେଆଇନ କାରବାର ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ସମ୍ପ୍ରତି ଜୀବଜନ୍ତୁଙ୍କ ଦୌରାତ୍ମ୍ୟ ବଢ଼ିଲେ ସେମାନଙ୍କୁ ଶିକାର କରିବା ଲାଗି ଡବ୍ଲ୍ୟୁଏଲ୍‌ପିଏରେ ରାଜ୍ୟ ସରକାରଙ୍କୁ କ୍ଷମତା ଦିଆଯାଇଛି। କିନ୍ତୁ ଏଥିଲାଗି ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ପଡ଼ିବ ବୋଲି ସର୍ତ୍ତ ରହିଛି। ସାମୟିକ ଭାବେ କେଉଁ ଜୀବମାନଙ୍କୁ ହିଂସ୍ର ଘୋଷଣା କରାଯିବ ସେନେଇ ରାଜ୍ୟଗୁଡ଼ିକୁ ପରିବେଶ ମନ୍ତ୍ରଣାଳୟ ତଥ୍ୟ ମାଗିଥିଲା। ବିହାରର ନୀଳଗାଇ ହେଉ ଅଥବା ହିମାଚଳ ପ୍ରଦେଶର ପାତିମାଙ୍କଡ଼ ସେଗୁଡ଼ିକୁ ହିଂସ୍ର ଘୋଷଣାର ପ୍ରକ୍ରିୟା ପରିବେଶ ବିଜ୍ଞାନ ଆଧାରିତ ହେବା ପରିବର୍ତ୍ତେ ରାଜନୈତିକ ହେବାରେ ଲାଗିଛି। ସମସ୍ୟାର ମୂଳକୁ ନ ଯାଇ ବନ୍ୟଜନ୍ତୁଙ୍କୁ ଅବିଚାରିତ ଭାବେ ଗୁଳି କିମ୍ବା ହତ୍ୟା କରାଯିବା ସମାଧାନର ବାଟ ଖୋଜିବା ବଦଳରେ ପ୍ରତିଶୋଧ ନେବା ସଦୃଶ। ୨୦୨୧ର ବିଲ୍‌ରେ ଉଲ୍ଲେଖ କରାଯାଇଛି ଯେ, ସିଡ୍ୟୁଲ୍-୨ ପ୍ରାଣୀଙ୍କୁ ହିଂସ୍ର ଘୋଷଣା କରାଯାଇପାରିବ। ଜଙ୍ଗଲୀ ବିଲେଇ ଭଳି କେତେକ ନିରୀହ ଜନ୍ତୁ ସିଡ୍ୟୁଲ-୨ରେ ଅଛନ୍ତି। ତେବେ ହିଂସ୍ର ଘୋଷଣା କରିବା ବିଷୟକୁ ନେଇ କୌଣସି ସମସ୍ୟା ନାହିଁ। କିନ୍ତୁ କୌଣସି ଜନ୍ତୁକୁ ମନଇଚ୍ଛା ହିଂସ୍ର ଘୋଷଣା କରିବା ପାଇଁ ନିରଙ୍କୁଶ କ୍ଷମତା ପ୍ରଦାନର ଯଥାର୍ଥତା ନାହିଁ। ଏପରି ପଦକ୍ଷେପ ନେବା ପୂର୍ବରୁ ସମ୍ପୃକ୍ତ ଜୀବଜନ୍ତୁଙ୍କ ସଂଖ୍ୟା ଗଣନା କରିବା ଜରୁରୀ। କେନ୍ଦ୍ର ସରକାର ଅନେକ ସମୟରେ ସ୍ଥାନୀୟ ଲୋକ କିମ୍ବା ରାଜ୍ୟ ସରକାରଙ୍କ ସମର୍ଥନ ନ ଥିବା ପ୍ରକଳ୍ପଗୁଡ଼ିକୁ ହାତକୁ ନେଇଛନ୍ତି।



## ସଂଶୋଧନ ବିରୋଧରେ ୭୦ ମତାମତ ମିଳିଛି

"ବ୍ୟାପକ ବିଚାର ବିମର୍ଶ କରା ନ ଯାଇ ବନ୍ୟପ୍ରାଣୀ ସଂରକ୍ଷଣ (ସଂଶୋଧନ) ବିଲ୍, ୨୦୨୧ ଅଣାଯାଇଥିବା କଂଗ୍ରେସ ନେତା ଜୟରାମ ରମେଶ ଶନିବାର କହିଛନ୍ତି। ଉକ୍ତ ଚିଠା ବିଲ୍‌ରେ ଅନେକ ତ୍ରୁଟି ଓ କମି ରହିଥିବା ବିଜ୍ଞାନ, ପ୍ରଯୁକ୍ତି, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଜୟରାମ ଦର୍ଶାଇଛନ୍ତି। ଏଥିରେ ଥିବା ୫୦ ସଂଶୋଧନ ପ୍ରସ୍ତାବକୁ ଅନୁଧ୍ୟାନ କରିବା ଅତ୍ୟନ୍ତ ଜଟିଳ କାର୍ଯ୍ୟ। ତେବେ ଆଗାମୀ ୪୫ ଦିନ ମଧ୍ୟରେ ତାହା ସମ୍ପୂର୍ଣ୍ଣ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏପର୍ଯ୍ୟନ୍ତ ପ୍ରସ୍ତାବିତ ସଂଶୋଧନ ବିରୋଧରେ ବିଭିନ୍ନ ବିଶେଷଜ୍ଞ ଓ ଅନୁଷ୍ଠାନରୁ ୭୦ରୁ ଊର୍ଦ୍ଧ୍ୱ ମତାମତ ଆସିଲାଣି, ଯାହା ମନ୍ତ୍ରଣାଳୟ ପ୍ରଥମେ କରିବା ଆବଶ୍ୟକ ଥିଲା ବୋଲି ଜୟରାମ କହିଛନ୍ତି।



ଜୟରାମ ରମେଶ

ବନ୍ୟପ୍ରାଣୀ ସଂରକ୍ଷଣ ଆଇନରେ ପ୍ରସ୍ତାବିତ ସଂଶୋଧନକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଏହା ପଛରେ ସରକାରଙ୍କ ଉଦ୍ଦେଶ୍ୟ ଏବଂ ତରବରିଆ ଭାବେ ବିଲ୍ ଆଣିବାକୁ ନେଇ ପ୍ରାଣୀ ସୁରକ୍ଷା ଓ ପରିବେଶ କର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି। ଗତବର୍ଷ ଡିସେମ୍ବରରେ ସରକାର ପାର୍ଲାମେଣ୍ଟରେ ଉକ୍ତ ସଂଶୋଧନ ବିଲ୍ ଆଣି ଏହାକୁ ଗୃହୀତ କରାଇବା ଲାଗି ଜୋର୍‌ଦାର ଉଦ୍ୟମ କରିଥିଲେ। ତେବେ ଏହାର ପ୍ରତିବାଦରେ ଜୟରାମ ଲୋକ ସଭା ବାଚସ୍ପତିଙ୍କୁ ପତ୍ର ଲେଖିବା ପରେ ସରକାର ଏହି ବିଲ୍‌କୁ ଷ୍ଟାଣ୍ଡିଂ କମିଟିକୁ ପଠାଇବା ପାଇଁ ବାଧ୍ୟ ହୋଇଥିଲେ।

ମଧ୍ୟପ୍ରଦେଶର ପ୍ରସ୍ତାବିତ କେନ୍-ବେତ୍‌ୱା ନଦୀ ସଂଯୋଗୀକରଣ ଯୋଜନାକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହି ପ୍ରକଳ୍ପ ଜରିଆରେ କେନ୍ ଜଳର ଦିଗ ପରିବର୍ତ୍ତନ କରି ବେତ୍‌ୱା ନଦୀକୁ ନିଆଯିବ। ତେଣୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଛନ୍ତି। ଅନ୍ୟ କେତେକ କ୍ଷେତ୍ରରେ ପ୍ରକଳ୍ପଗୁଡ଼ିକୁ ନେଇ ଅଧିକ ଯାଞ୍ଚ ଆବଶ୍ୟକ। ହୁବ୍‌ଲିରୁ ଅଙ୍କୋଲାକୁ ସଂଯୋଗ ଲାଗି ଏକ ରେଳଲାଇନ୍ ପ୍ରକଳ୍ପ ପାଇଁ କର୍ଣ୍ଣାଟକର ପଶ୍ଚିମ ଘାଟରେ ଲକ୍ଷ ଲକ୍ଷ ଗଛ କଟାଯିବାକୁ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ପକ୍ଷରୁ ବିରୋଧ କରାଯାଇଥିଲା। କାରଣ ବିକଳ୍ପ ରେଳୱେ ରୁଟ୍ ପାଇଁ ପୂର୍ବରୁ ମଞ୍ଜୁରୀ ମିଳିସାରିଛି।

୨୦୨୧ ବିଲ୍‌ରେ ଧାରା ୬କୁ ଅନ୍ତର୍ଭୁକ୍ତ କରାଯାଇଛି, ଯଦ୍ୱାରା ଷ୍ଟେଟ୍ ୱାଇଲ୍ଡଲାଇଫ୍ ବୋର୍ଡର ଏକ ଷ୍ଟାଣ୍ଡିଂ କମିଟି ରହିବ। ଏହା ହେଉଛି ଜାତୀୟ ବନ୍ୟପ୍ରାଣୀ ବୋର୍ଡର ଅବିକଳ ନକଲ। ପ୍ରଧାନମନ୍ତ୍ରୀ ନାମକୁ ମାତ୍ର ଏହାର ଅଧ୍ୟକ୍ଷ ଥିବାବେଳେ ଷ୍ଟାଣ୍ଡିଂ କମିଟି ହିଁ ସବୁ କାର୍ଯ୍ୟ କରିଥାଏ। ରାଜ୍ୟଗୁଡ଼ିକରେ ସମାନ ବ୍ୟବସ୍ଥା ଆଣିବା ହେଉଛି ପରିବେଶଗତ ନିଷ୍ପତ୍ତି ନେବା ପ୍ରକ୍ରିୟାରୁ ବିବିଧ ମତାମତକୁ ବାଦ୍ ଦେବା ପାଇଁ ଏକ ରାଜନୈତିକ ଉଦ୍ୟମ। ମଧ୍ୟପ୍ରଦେଶ ସରକାର ଦୁଇଟି ନୂଆ ବ୍ୟାଘ୍ର ସଂରକ୍ଷଣ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହିପରି ଭାବେ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ ବନ୍ୟଜନ୍ତୁ ସୁରକ୍ଷାକୁ ନେଇ ତତ୍ପରତା ପ୍ରକାଶ କରୁଥିବାବେଳେ ଆଇନରେ ପରିବର୍ତ୍ତନ ଅଣାଗଲେ ସଂଘୀୟ ବ୍ୟବସ୍ଥାର ପୂର୍ଣ୍ଣତା ନ୍ୟୁନ ହୋଇଯିବ।

ଡବ୍ଲ୍ୟୁଏଲ୍‌ପିଏରେ ଭାରତର ଐତିହ୍ୟ ପ୍ରାଣୀ ହାତୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ହାତୀଙ୍କ ସୁରକ୍ଷା ପାଇଁ ଏଥିରେ ବ୍ୟବସ୍ଥା କରାଯାଇଛି। କିନ୍ତୁ ବନ୍ୟପ୍ରାଣୀଙ୍କ ସାଂସ୍କୃତିକ ଓ ଅର୍ଥନୈତିକ ଗୁରୁତ୍ୱ ଥିବାରୁ ଡବ୍ଲ୍ୟୁଏଲ୍‌ପିଏରେ ସେମାନଙ୍କୁ ଆବଦ୍ଧ କରି ସୁରକ୍ଷା ଦିଆଯାଇଥାଏ। ତେବେ ମାଲିକ ସମ୍ପୃକ୍ତ ଜନ୍ତୁକୁ କିଣାବିକା କରି ଆଣି ନ ଥିବା କଥା। ହେଲେ ହାତୀ ଉପହାର କେଉଁଠୁ ମିଳିବ? ଏହା ସମସ୍ତଙ୍କୁ ଜଣା ଯେ, ଆଇନକୁ ଉଲ୍ଲଂଘନ କରି ହାତୀଙ୍କୁ ଅଣାଯାଉଛି। ସେମାନଙ୍କୁ ଆବଦ୍ଧ କରି ରଖାଯାଉଛି। ୨୦୨୧ ବିଲ୍‌ରେ ପ୍ରସ୍ତାବିତ ପରିବର୍ତ୍ତନ ଦ୍ୱାରା ଧାରା ୪୩ର କେତେକ ନିୟମ ବଦଳାଗଲେ ହାତୀର ମାଲିକାନା ପ୍ରମାଣପତ୍ରଧାରୀ ବ୍ୟକ୍ତି ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିପାରିବେ। ଏହାଦ୍ୱାରା ହାତୀଙ୍କୁ ରଖିବା ଆହୁରି ସହଜ ହୋଇଯିବ। ତରବରିଆ ଭାବେ ବିଲ୍‌କୁ ଆଗକୁ ବଢ଼ାଇବା ପରିବେଶ ପାଇଁ ଅନୁକୂଳ ହେବ ନାହିଁ। ଏଥିରେ ପର୍ଯ୍ୟାପ୍ତ ନିୟମ ନ ରଖିବା ତରବର ହେବାର ପ୍ରଥମ କାରଣ ହୋଇଥାଇପାରେ।

## ବିଶେଷଜ୍ଞଙ୍କ ମତରେ

### ବନ୍ୟପ୍ରାଣୀଙ୍କ ସୁରକ୍ଷା ବଦଳରେ ବିପଦ



ଆଇନ ସଂଶୋଧନ ଏକ ଲମ୍ବା ପ୍ରକ୍ରିୟା। ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ପ୍ରସ୍ତୁତ ହେବା କଥା। ଏମିତି ତରବରିଆ ଭାବେ କରିବା ଉଚିତ ନୁହେଁ। ଏବେ ଆଇନରେ ଯାହାସବୁ ସଂଶୋଧନ କରାଯାଉଛି, ସେଥିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ବଦଳରେ ବିପଦ ଅଧିକ ବଢ଼ିବ। ଶିଳ୍ପ, ଖଣି ପାଇଁ ସଂରକ୍ଷିତ ଅଞ୍ଚଳ ବ୍ୟାନ୍ ଥିଲା। ଏବେ କିନ୍ତୁ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଜଳାଞ୍ଜଳି ଦେଇ ଶିଳ୍ପପତି ଓ ଖଣିମାଲିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଇନ ସଂଶୋଧନ କରାଯାଉଛି।

- ବିଶ୍ୱଜିତ ମହାନ୍ତି

### ବଡ଼ ଶିଳ୍ପପତିଙ୍କ ପ୍ରକଳ୍ପ ପାଇଁ ସଂଶୋଧନ



ନୂତନ ସଂଶୋଧନ ବିଲ୍‌ରେ ଶିଳ୍ପପତିଙ୍କ ପାଇଁ ବହୁ ସୁବିଧା ସୁଯୋଗ କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ହେଲେ ଚାଲାକି କରି ରାଜ୍ୟଗୁଡ଼ିକରେ ଥିବା ରାଜ୍ୟ ବନ୍ୟପ୍ରାଣୀ ବୋର୍ଡର ପକ୍ଷଚ୍ଛେଦନ କରିଛନ୍ତି। ବର୍ତ୍ତମାନ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡରେ ପ୍ରାୟ ୨୦ ଜଣିଆ ସଦସ୍ୟ ରହୁଥିବାବେଳେ ନୂତନ ସଂଶୋଧନରେ ଷ୍ଟାଣ୍ଡିଂ କମିଟିରେ ମାତ୍ର ଦୁଇଜଣରେ ମଧ୍ୟ କାମ ଚଳିବ। ବଡ଼ ବଡ଼ ଶିଳ୍ପପତିଙ୍କ ପ୍ରୋଜେକ୍ଟ ସବୁ ସୁରୁଖୁରୁରେ ସାମ୍ପାଦନ କରିବା ପାଇଁ ଅନେକ ବନ୍ୟପ୍ରାଣୀ ପ୍ରଜାତି ଯଥା- ଚଢ଼େଇ, କଇଁଛ ଆଦିଙ୍କୁ ସଂରକ୍ଷଣ ତାଲିକାରୁ ସମ୍ପୂର୍ଣ୍ଣ ରୂପେ ବାଦ୍ ଦିଆଯାଇଛି।

- ଶୁଭେନ୍ଦୁ ମଲ୍ଲିକ

### ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ହାସ୍ୟାସ୍ପଦ



ବନ୍ୟଜନ୍ତୁ, ଜୈବ ବିବିଧତା ଆଇନ ସଂଶୋଧନ ପୂର୍ବରୁ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ଜନସାଧାରଣଙ୍କଠାରୁ ମତାମତ ଲୋଡ଼ାଯିବାର ଥିଲା। ଥରେ ଲୋକ ସଭାରେ ଆଗତ ହେବା ପରେ ମତାମତ ଲୋଡ଼ିବା ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ହାସ୍ୟାସ୍ପଦ କରୁଛି। ପ୍ରାୟ ସମସ୍ତ ଅଧିକୃତ ଅଧିକାରୀ ଚାହାନ୍ତି ମୁଁ ଥିବାବେଳେ କିଛି ହୋଇଯାଉ। ତେଣୁ ତରବରିଆ ଭାବେ ଏହି ଆଇନକୁ ସଂଶୋଧନ କରିବା ପାଇଁ କେନ୍ଦ୍ର ସରକାର ଚାହୁଁଛନ୍ତି।

- ଲାଲା ଏ.କେ. ସିଂହ

## ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ପରଲୋକ



ଧର୍ମଶାଳା,୧୨।୨ (ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ଜନମାନସର ନେତା କାଙ୍ଗାଳି ଚରଣ ପଣ୍ଡାଙ୍କ ଶନିବାର ଭୋର୍ ସମୟରେ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ମରଶରୀର ଧର୍ମଶାଳାରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରାଯାଇଥିଲା। ଏଥିରେ ଦଳମତ ନିର୍ବିଶେଷରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣ ସାମିଲ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମରଶରୀରକୁ ଧର୍ମଶାଳା ମହୋତ୍ସବ ପଡ଼ିଆକୁ ନିଆଯାଇଥିଲା। ସେଠାରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପୁଷ୍ପଗୁଚ୍ଛ ପ୍ରଦାନ କରି ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ପଣ୍ଡାଙ୍କ ମରଶରୀରକୁ ନିଜ ଜନ୍ମ ମାଟି ବାହାଦଲାପୁର ପଞ୍ଚାୟତର ଗରିପୁର ଓ ସେଠାରୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପଣ୍ଡା ଧର୍ମଶାଳା ବିଧାନସଭା କ୍ଷେତ୍ରରୁ ଦୁଇଦୁଇ ଥର ବିଧାୟକ ହୋଇଥିଲେ। ୧୯୮୦ ମସିହାରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ୧୯୮୫ରେ କଂଗ୍ରେସ ଟିକଟରେ ଲଢ଼ି ବିଧାୟକ ହୋଇଥିଲେ। ପୂର୍ବରୁ ସେ ରସୁଲପୁର ବ୍ଲକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସମବାୟ ଆନ୍ଦୋଳନ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଭୂମିକା ଥିଲା। ତାଙ୍କ ବିଧାୟକତ୍ୱ ସମୟରେ ସେ ଧର୍ମଶାଳାର ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ; ଯେଉଥି ପାଇଁ ଧର୍ମଶାଳାବାସୀଙ୍କ ମନରେ ସେ ଚିରଦିନ ସ୍ମରଣୀୟ ହୋଇରହିବେ ବୋଲି ବହୁ ନେତୃମଣ୍ଡଳୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

# ମହାନଦୀ ବାର୍ଫି ପ୍ରକଳ୍ପରେ ଏନ୍‌ଜିଟି ରୋକ

## ନିର୍ଦ୍ଦେଶ ପରେ ସରକାରଙ୍କୁ ଝଟକା

- ପାନୀୟ ଜଳ, ପରିବେଶ, ଜଳଧାରଣ କ୍ଷମତା ପ୍ରଭାବିତ ହେବା ଆଶଙ୍କା
- ମେ' ୨୩ରେ ହେବ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ମହାନଦୀ ବେଳାଭୂମିରେ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ବାଲିଯାତ୍ରା ନଦୀ ସମ୍ମୁଖ ବିକାଶ(ବାର୍ଫି) ପ୍ରକଳ୍ପକୁ ଲାଗିଛି ବଡ଼ ଝଟ୍‌କା। ମହାନଦୀ କୂଳରେ କୌଣସି ପ୍ରକାର ସ୍ଥାୟୀ ନିର୍ମାଣ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଶନିବାର ରୋକ ଲଗାଇଛନ୍ତି। ମହାନଦୀ କୂଳର କୌଣସି ସ୍ଥାୟୀ ନିର୍ମାଣ ହେଲେ ଏହା ନଦୀର ଜଳସ୍ରୋତ ପ୍ରଭାବିତ କରିବା ସହ ବନ୍ୟା, ପାନୀୟ ଜଳ, ପରିବେଶ ଏବଂ ତଟଦେଶର ଜୈବବିବିଧତା ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଏନ୍‌ଜିଟି ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ବିଆର୍‌ଏଫ୍‌ଆଇ ପ୍ରକଳ୍ପ ମାଧ୍ୟମରେ ମହାନଦୀ କୂଳକୁ ସୌନ୍ଦର୍ଯ୍ୟକରଣ କରିବା ସହ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅପରକ୍ଷପରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜୋବ୍ରା ବ୍ୟାରେଜର ଜଳଧାରଣ କ୍ଷମତା ହ୍ରାସ ହେବା ସହ ପରିବେଶ ଉପରେ ବିଶେଷମାତ୍ରାରେ ପ୍ରଭାବ ପକାଇବ। ନଦୀକୂଳର ପ୍ରାକୃତିକ ବୈଭବ ନଷ୍ଟ ହେବ। ତେଣୁ ମହାନଦୀ ଅବବାହିକାରେ କୌଣସି ପ୍ରକାର ସ୍ଥାୟୀ ନିର୍ମାଣ କରାଯାଇ ପାରିବ ନାହିଁ ବୋଲି ଏନ୍‌ଜିଟି ଅଧ୍ୟକ୍ଷ ଆଦର୍ଶ ଗୋଏଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ମେ ୨୩କୁ ସ୍ଥିର କରାଯାଇଛି।

ପ୍ରକଳ୍ପକୁ ବିରୋଧ କରି ଆଗତ ଆବେଦନରେ ଦର୍ଶାଯାଇଛି ଯେ ନଦୀକୂଳରେ ନିର୍ମାଣ ହେବା ଦ୍ୱାରା ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି କରିବା ସହ ନଦୀଗର୍ଭ ଖନନରେ ପ୍ରତିବନ୍ଧକ ସୃଷ୍ଟି କରିବ। ଏପରି କି କଟକ ସହରକୁ ବନ୍ୟା ବିପଦ ମଧ୍ୟ ବଢ଼ିଯିବ। ୨୦୨୦ ଡିସେମ୍ବର ୧୫ରେ ଏନ୍‌ଜିଟି ମାମଲାର ଶୁଣାଣି କରି ଆଇନ ଅନୁଯାୟୀ ସମସ୍ତ ନିୟମକୁ ଅନୁସରଣ କରି ନଦୀର ବନ୍ୟାଜଳକୁ ପ୍ରଭାବିତ ନ କରି ଓଡ଼ିଶା ସରକାରଙ୍କ ମେଡିକାଲ କଲେଜ ଓ ନଦୀ ସମ୍ମୁଖ ବିକାଶ ପ୍ରକଳ୍ପ କାର୍ଯ୍ୟ ପାଇଁ ଏକ କମିଟି ଦ୍ୱାରା ନିୟମାବଳୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବନ୍ୟା ଜୋନ୍ ଚିହ୍ନଟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ଏହାର ନୋଡାଲ ଏଜେନ୍ସି ଭାବେ ସମସ୍ତ ତଥ୍ୟ ଏନ୍‌ଜିଟି ନିକଟରେ ଉପସ୍ଥାପନ କରିବାକୁ ପୂର୍ବ ଆଦେଶରେ କୁହାଯାଇଥିଲା। ଏକ ବିଶେଷଜ୍ଞ କମିଟି ସହାୟତାରେ ସାଟେଲାଇଟ୍ ଚିତ୍ର, ଡିଜିଟାଲ ମ୍ୟାପ୍, ଜମିର ଉପଯୋଗିତା, ଜନବସତି, ବନ୍ୟାର ପ୍ରଭାବ ଏବଂ ବନ୍ୟା ଜୋନ୍ ପାଇଁ 'ଫ୍ଲଡପ୍ଲେନ ଜୋନିଂ ଷ୍ଟଡି ଫର ଦି ଆଇଡେଣ୍ଟିଫାଏଡ ଷ୍ଟ୍ରେଚେସ ଅଫ୍ ମହାନଦୀ ବେସିନ' ନାମରେ ଏକ ପ୍ରକଳ୍ପ କରିବାକୁ ୨୦୨୧ ଅକ୍ଟୋବର ୪ରେ ହୋଇଥିବା ଶୁଣାଣି ବେଳେ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଗତ ୨୫ ବର୍ଷର ବନ୍ୟା ଉପରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମହାନଦୀ ଉପକୂଳ କଟକ ସହରର ମୁଣ୍ଡଳୀ ବ୍ୟାରେଜରୁ ଜୋବ୍ରା ବ୍ୟାରେଜ ମଧ୍ୟରେ ଥିବା ପ୍ରାୟ ୨୫ଟି ଗ୍ରାମ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେବେ ଏହି ଅଧ୍ୟୟନ ଜୈବ ବିବିଧତା ଏବଂ ଜଳଧାରଣ ବିଷୟକୁ ବିଚାରକୁ ନିଆଯାଇ ନ ଥିବା ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ଆସନ୍ତା ଏପ୍ରିଲ ୩୦ ସୁଦ୍ଧା ପରିବେଶ ଓ ବନ୍ୟା ଜୋନ୍ ସମ୍ପର୍କରେ ଏକ ସମ୍ପୂର୍ଣ୍ଣ ଅଧ୍ୟୟନ ରିପୋର୍ଟ ପ୍ରଦାନ କରିବାକୁ ସିପିସିବିକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୨୩ ତାରିଖରେ ହେବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ ଏମ୍ସ ପ୍ଲସ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ମହାନଦୀ କୂଳରେ ଥିବା ୧୭୫ ଏକର ଜମି ଉପରେ ନୂତନ ପ୍ରକଳ୍ପ ନିର୍ମାଣ କରିବାକୁ ସରକାର ଯୋଜନା କରିଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ୨୦୨୪ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ରାଜ୍ୟ ସରକାର ମହାନଦୀ ଉପକୂଳକୁ ସୌନ୍ଦର୍ଯ୍ୟକରଣ କରିବା ସକାଶେ ବାର୍ଫି ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ମହାନଦୀ ଉପତ୍ୟକାର ୪୨୦ ଏକର ଜମିରେ ନିର୍ମାଣ କରାଯିବ। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ଏହି ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଦେଖାଦେଇଛି।







# ପୌର ନିର୍ବାଚନ ପାଇଁ ୨ ରଙ୍ଗର ବାଲଟ

- କାଉନସିଲର/କର୍ପୋରେଟରଙ୍କ ପାଇଁ ଗୋଲାପୀ
- ପୌରାଧ୍ୟକ୍ଷ/ମେୟରଙ୍କ ପାଇଁ ହଳଦିଆ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ଆସନ୍ତା ପୌର ନିର୍ବାଚନରେ ପ୍ରଥମ ଥର ଲାଗି ଭୋଟରମାନେ ପ୍ରତ୍ୟକ୍ଷ ମତଦାନରେ ସିଧାସଳଖ ମେୟର ଓ ପୌରାଧ୍ୟକ୍ଷ ବାଛିବେ। ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ (ଇଭିଏମ୍)ରେ ମତଗ୍ରହଣ ହେବ। ଗୋଟିଏ ବୁଥ୍‌ରେ ୨ଟି ଇଭିଏମ୍ ରହିବ। ଗୋଟିଏ ଇଭିଏମ୍ କାଉନସିଲର/କର୍ପୋରେଟରଙ୍କ ଏବଂ ଅନ୍ୟ ଇଭିଏମ୍‌ରେ ପୌରାଧ୍ୟକ୍ଷ/ମେୟରଙ୍କ ପାଇଁ ଭୋଟ୍ ପଡ଼ିବ। ଯେଉଁଠି ବାଲଟ ପେପରରେ ମତଦାନ ହେବ ସେଠାରେ ଦୁଇଟି ରଙ୍ଗର ବାଲଟ ପେପର ଉପଲବ୍ଧ ହେବ। କାଉନସିଲର/କର୍ପୋରେଟରଙ୍କ ପାଇଁ ଗୋଲାପି(ପିଙ୍କ୍) ଏବଂ ପୌରାଧ୍ୟକ୍ଷ/ମେୟରଙ୍କ ପାଇଁ ହଳଦିଆ (ୟେଲୋ) ରଙ୍ଗର ବାଲଟ ପେପର ରହିବ। ଏହା ଇଭିଏମ୍‌ର ବାଲଟ ୟୁନିଟ୍‌ରେ ଲଗାଯିବା ସହ ଇଲେକ୍ସନ ଡ୍ୟୁଟି ସାର୍ଟିଫିକେଟ ଓ ଟେଣ୍ଡର ଭୋଟ ପାଇଁ ବ୍ୟବହାର କରାଯିବ। ଏନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ପୌର ନିର୍ବାଚନରେ ପ୍ରାର୍ଥୀଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ସତ୍ୟପାଠରେ ଭୁଲ ତଥ୍ୟ ଦେଲେ ପ୍ରାର୍ଥିପତ୍ର ନାକଚ ହୋଇଯିବ। ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା କାଉନସିଲର, କର୍ପୋରେଟର, ଅଧ୍ୟକ୍ଷ ଓ ମେୟରମାନଙ୍କର ନିର୍ବାଚନ ଖର୍ଚ୍ଚ ସୀମାକୁ ମଧ୍ୟ ରାଜ୍ୟ ନିର୍ବାଚନ କମିଶନର ବୃଦ୍ଧି କରିଛନ୍ତି। ନିର୍ବାଚନରେ ମତଦାତାଙ୍କ ପାଇଁ 'ନୋଟା' (ନନ୍ ଅଫ୍ ଦି ଏବଭ) ବା ଉପରୋକ୍ତ ପ୍ରାର୍ଥୀଙ୍କ ମଧ୍ୟରୁ କେହି ନୁହନ୍ତି ବିକଳ୍ପ ରହିବ। ଯଦି କୌଣସି ମତଦାତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ କାହାକୁ ପସନ୍ଦ କରିବେ ନାହିଁ ତେବେ ସେ ନୋଟାରେ ନିଜର ଭୋଟ ଦେଇପାରିବେ। ଇଭିଏମ୍ ପ୍ୟାନେଲର ଶେଷ ପ୍ରାର୍ଥୀଙ୍କ ନାଁ ପରେ 'ଉପରୋକ୍ତ ପ୍ରାର୍ଥୀଙ୍କ ମଧ୍ୟରୁ କେହି ନୁହନ୍ତି' ବୋଲି ଉଲ୍ଲେଖ ରହିବ ଓ ଏଥିସହିତ ପ୍ରାର୍ଥୀଙ୍କ ନିର୍ବାଚନ ଚିହ୍ନ ଭଳି 'ନୋଟା' ପାଇଁ ମଧ୍ୟ ଏକ ଚିହ୍ନ ରହିବ।

**ଆଜିର ମନ୍ତବ୍ୟ** "ଦେଶରେ ବେରୋଜଗାରୀଜନିତ ଜରୁରି ସ୍ଥିତି ପାଇଁ କେନ୍ଦ୍ର ସରକାର ଦାୟୀ। ଏଥିଯୋଗୁ ଆତ୍ମହତ୍ୟା ମାମଲା ବଢ଼ିଚାଲିଛି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ସଲୋନୀ
ପରିବାରବର୍ଗ


କୌସ୍ତୁଭ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସୀମାନ୍ତରେ ଗୁଳି ବିନିମୟ: ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶହୀଦ

**ମାଲକାନଗିରି, ୧୨।୨ (ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଶନିବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ସିଆରପିଏଫ ଯବାନ ଶହୀଦ୍ ହୋଇଛନ୍ତି। ସେ ୧୬୮ ବାଟାଲିୟନ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶାନ୍ତି ଭୂଷଣ ତିର୍କୀ ବୋଲି ଜଣାପଡ଼ିଛି। ଅନ୍ୟ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯବାନମାନେ ବାସଗୁଡା ଥାନା ଅନ୍ତର୍ଗତ ପୁଟକେଲ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଯବାନଙ୍କ ଉପରକୁ ମାଓବାଦୀମାନେ ଗୁଳି ଚାଳନା କରିବାରୁ ସେମାନଙ୍କ ଉପରକୁ ଗୁଳି ଚଳାଇ ପୋଲିସ ଏହାର ଜବାବ ଦେଇଥିଲା। ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେବା ପରେ ତଲାସି ବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶାନ୍ତି ଭୂଷଣ ଶହୀଦ ହୋଇଥିବା ଜଣାପଡିଥିଲା। ତେବେ ଗୁଳି ବିନିମୟ ପରେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି ।

## ଭୋଜି ଖାଇ ୪୦ ଅସୁସ୍ଥ

**ମାଲକାନଗିରି, ୧୨।୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଟିଗଲ ପଞ୍ଚାୟତର ଏମ୍‌ପିଭି-୬୫ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି । ଭୋଜି ଖାଇ ଗ୍ରାମର ଛୋଟ ପିଲାଙ୍କ ସମେତ ୪୦ରୁଉର୍ଦ୍ଧ୍ୱ ମହିଳାପୁରୁଷ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଛି। ସାମାନ୍ୟ ଅସୁସ୍ଥଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଖବରରୁ ଜଣାପଡ଼ିଛି, ଏମ୍‌ପିଭି-୬୫ ଗ୍ରାମର ଦୀପକ ସରକାରଙ୍କ ଝିଅ ବିବାହ ଗତ ସୋମବାର ହୋଇଥିବାବେଳେ ଶୁକ୍ରବାର ଭୋଜି ହୋଇଥିଲା। ଭୋଜି ଖାଇ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସତର୍କତା ଅବଲମ୍ବନ କଲେ ମଧ୍ୟ ବିଭିନ୍ନ ପ୍ରକାରର ସମସ୍ୟା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପୂର୍ବରୁ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ। ସଭାସମିତିରେ ବନ୍ଧୁମାନଙ୍କ ସହ ଆଲୋଚନାରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ବୃଷ**
ଶାରୀରିକ ଅସୁସ୍ଥତା ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସାମୟିକ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ତିକ୍ତତା ସୃଷ୍ଟି ସମ୍ଭାବନା ରହିଛି। ଯାନ୍ତ୍ରିକ ଜିନିଷ, ଯାନବାହନ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ନିଜ ନିଜ ଜିଦ୍‌ରେ ଅଟଳ ରହିବା କାରଣରୁ କଳହ ଲାଗିପାରେ। ଅର୍ଥ ସମ୍ବନ୍ଧୀୟ କଥା, ଚୁକ୍ତିପତ୍ର, ଜମିଜମା କାରବାରରେ ମାନସିକ ଆଘାତ ପାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁମାନେ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ, କିନ୍ତୁ ଫେରିବା ସମୟରେ ପୂର୍ବର ଆନନ୍ଦ ଆଉ ନ ଥିବ।

**କର୍କଟ**
କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ସାହାଯ୍ୟ ଓ ବଦାନ୍ୟତା ଦେଖାଇଲେ ମଧ୍ୟ ତାହାର ମୂଲ୍ୟ ସେ ବୁଝିପାରିବେ ନାହିଁ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ପ୍ରଶାସନ, ସାମ୍ବାଦିକତା କ୍ଷେତ୍ରରେ ସମ୍ମାନ ପାଇବେ। ପଡ଼ୋଶୀଙ୍କ ଅଭିଯୋଗ ସକାଶେ ମନରେ ଭାବାନ୍ତର ସୃଷ୍ଟି ହେବ।

**ସିଂହ**
ଦିନଟିରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଭୁଲିଯାଇପାରନ୍ତି। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ବ୍ୟବସାୟିକ କ୍ଷେତ୍ର ଓ ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ। ଆକସ୍ମିକ ଭାବରେ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁଁ ମନରେ ସରସତା ରହିବ ନାହିଁ।

**କନ୍ୟା**
ଆଜିର କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ହାସଲ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ସଭାସମିତିରେ ତଥା ଆଲୋଚନା କ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ସହାୟତା କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ପଛରେ ନାନାଦି କଥା କହିପାରନ୍ତି।

**ତୁଳା**
ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସୂତ୍ର ବାହାର କରିବାରେ ସମର୍ଥ ହେବେ। ଦୀର୍ଘଦିନର ଅଭିଳାଷ ପୂରଣ ହେବ ଓ ଯୋଜନାକୁ ବାସ୍ତବ ରୂପ ଦେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, କିନ୍ତୁ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ମାଲିମକଦ୍ଦମା, ଜମିଜମା ସମସ୍ୟା, ସମାଧାନ ଦିଗକୁ ମୁହାଁଇବ।

**ବିଛା**
ମାନସିକ ଅସ୍ଥିରତା କାରଣରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**
ପ୍ରତ୍ୟେକ ସ୍ତରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣ ହେବେ। ବୈବାହିକ କର୍ମ ସମ୍ପାଦନ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। କୌଣସି ପ୍ରକାରର ସତ୍ୟତା ନ ଥାଇ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି।

**ମକର**
ବିଭିନ୍ନ ଦିଗରୁ ମାନସିକ ଚାପ ଓ ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିବାକୁ ପଡ଼ିବ। ସ୍ତ୍ରୀଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହେବେ।

**କୁମ୍ଭ**
ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ କିଛିନା କିଛି ବ୍ୟତିକ୍ରମ ଅବଶ୍ୟ ସୃଷ୍ଟି ହେବ। ଅଭିମାନୀ ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କୌଣସି କାଗଜପତ୍ର ସମ୍ପର୍କୀୟ ଶୁଭ ସୂଚନା ପାଇବେ। ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ**
ଆଜି ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ଢଳିପାରେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଦିନଟି ବହୁତ ଭଲ।


# classifieds Everyday
0674-2580101, 2549302




**BRIDE WANTED**

ବ୍ରହ୍ମପୁର ବାସିନ୍ଦା ପୁନେରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ୩୭ ବୟସ, ୬'ଉଚ୍ଚତା, ହ୍ୟାଣ୍ଡସମ ବ୍ରାହ୍ମଣ ପୁଅ ପାଇଁ ସୁନ୍ଦର, ଉଚ୍ଚ ଶିକ୍ଷିତା ବ୍ରାହ୍ମଣ କନ୍ୟା ଆବଶ୍ୟକ। ୯୯୩୮୯୮୬୨୭୭. ଧ-୨୩୦୮୮

**GROOM WANTED**

**Bengali, Kayastha fair, beautiful 28 years working girl looking for groom from educated Bengali Family. Contact: 7008946929.** D-23071

Beautiful Bengali Girls 29/5'6" B.Tech, MBA Software Engineer, Bangalore .9853366347. D-23134

52 ବୟସ୍କା ଖଣ୍ଡାୟତ ବିଧବା Hostel Warden ଭାବେ କାର୍ଯ୍ୟରତ ଏକାକୀ ରହୁଥିବା ଝିଅଙ୍କୁ ଯୋଗ୍ୟ ବରପାତ୍ର ଆବଶ୍ୟକ। 7326057574. D-23135

Beautiful Khandayat girl 1996 5'3" M.S.c (Biochemistry) serving Bhubaneswar "SUNASANSAR". 9937512659, 8249969649. D-23131




**SALE**

**Chevrolet Optra Magnum for sale 2012 Model 65000K.M. running (Personal use). 8249311037.** D-71789




**SALE**

**Gharabari boundary plot at Chatabar near State High Way from Pitapalli to Cuttack. 7008563697.** D-23130

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71944

5BHK triplex 52,00,000/- finishing Hanspal (Bank finance available)- 8093465134, 9668194157 D-70996

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

Gharabari plot with boundary near Utkal Hights 57 Dec. Rs.- 6500000/-. Mob: 7848983289. D-23083

**Fullnakhara Trinathbazar main road ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ସ୍ଥିତିବାନ୍ ଜାଗା ବାଉଣ୍ଡରୀ ସହିତ ତୁରନ୍ତ ବିକ୍ରିହେବ। 9090556060.** D-23112

Full furnishing 4BHK new flat SB area 2132sqft. Cuttack road near Vits Hotel Rs per sqft.- 9500/-. Mob: 7848983289. D-23084

**ଘରବାରି ପ୍ଲଟ୍ ବାଉଣ୍ଡାରି ୱାଲ୍ ସହିତ ସୁନ୍ଦରପଦାରେ 480 Sqft., Limited offer available. Mob.: 9437216666.** D-23018

ନୀଳଚକ୍ର ନଗର, ପୁରୀରେ ଘରବାଡ଼ି ଜାଗା, ଘର ବିକ୍ରିହେବ। ଯୋଗାଯୋଗ- 9778822812. D-23066

**Residential gharabari plot near English Medium School Brahmanjharilo with boundarywall, 7K.m. from Nakhara, Cuttack, 12K.m to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71858

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ପିତାପଲ୍ଲୀରେ ଘରବାଡ଼ି ପ୍ଲଟ୍ 19,50,000/- କିଣି ଆଜି ଘର କରନ୍ତୁ - 9938016295. D-71791

ଆଇଗିଣିଆ ପାଖରେ NHକୁ ଲାଗି 5700sqft. BDA plot ବିକ୍ରିହେବ। Contact: 9937910363. D-70263

**ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603.** D-71787

**ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602.** D-71788

Ready to move flat Rs.28.50lakh, near BJEM School-II Rangabazar Tankapani road, Bhubaneswar. Contact: 9776080988, 9238361409. D-70771

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22911

Demarcated 1500sqft. plot sale @ 13,50,000 just 200 mtrs from Lakhmi Apartment, Jagannathpur, Atala. 6371976306. D-23108

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22912

**Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952.** D-71772

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ **yellowzone sqft.- 550/-, ଚନ୍ଦକା NH ପାଖରେ** ଘରବାଡ଼ି ପ୍ଲଟ୍ **sqft.- 1100/-, ବାରଙ୍ଗରୁ ତ୍ରିଶୂଳିଆ NH** ପାଖରେ **sqft.- 1300/-. 7539895510.** D-71780




Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334




ଯାଆଁଳା, ଓଗାଳପଡ଼ା ରାସ୍ତାକଡେ ହଷ୍ଟେଲ, ଅଫିସ୍, ଗୋଦାମ, Family ଭଡ଼ା ଦିଆଯିବ। 7609836849, 9861416754. D-71520

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

3BHK Beautiful Interior flat, main road, Soubhagyanagar, Baramunda, Unit-8. 9000004523. D-23133

Full furnishing 4BHK flat @ 40000/-, near Vits Hotel. Mob: 7848983289. D-23082

3BHK for rent-2nd floor 12500 per month Ratnakarbag-1. 9902406161. D-23125

Single rooms attached Toilet near Sisupalgarh College, Bhubaneswar. 9437764734, 8249374142. D-23132




All types body massage with hiprofile smart lady room service available. 9142145769. D-71337

Refreshing your mind and body with the best therapy, 7873794731. D-23024

Full body massage in homely atmosphere all therapy. Contact: 8114881641. D-60896

Take wellness relax body massage by experienced lady therapist. 7008773793. D-71473

Newly open full body massage ladies and gents. 8327740003. D-71859

Open full body massage home service Ladies, Gents available. 9583808247. D-23078

**Relax, Refresh your body, Mind at SAIKRUPA Spa with best therapies. 8984068077.** D-23068

**LOST**

I Yamin Ahemad Khan own plot No.-2248/3448, Mouza: Jajarsingh, P.S.- Bux lane, Village: Nayakothi, Khordha-752055, RSD No.- 397 dated on 17.02.2006 in favour of Mryutunjay Das has lost. If anyone find kindly contact- Adv NC Pattnaik. M: 9853311189. D-71522

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଖାଳ ଭାତକୁ ନ ଥାଏ ଲୁଣ**
**ତବତ ଭାତକୁ ତିନି ତୁଉଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାଏ ଯା କୋଶେ ଯା**
**ଭାଗ୍ୟ ଘେନି ବୁଲୁ ଥା ।**

କର୍ମ ହିଁ ଜୀବନ ଯାତ୍ରାର ଅସଲ ସହଚର। ଯେତେ ଯାହା କଲେ ବି କର୍ମ ଅନୁସାରେ ଫଳ ମିଳିଥାଏ। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ କର୍ମ କଲେ ମଧ୍ୟ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ୨୨,୮୪୨ କୋଟିର ...

**ପ୍ରଥମ ପୃଷ୍ଠାରୁ...**

୨୦୧୯ ନଭେମ୍ବର ୮ରେ ଠକେଇ ସମ୍ପର୍କରେ ଏତଲା ଦିଆଯାଇଥିଲା। ୨୦୨୦ ମାର୍ଚ୍ଚ ୧୨ରେ ସିବିଆଇ ଏହା ଉପରେ ସ୍ପଷ୍ଟୀକରଣ ଲୋଡ଼ିଥିଲା। ସେହିବର୍ଷ ଅଗଷ୍ଟରେ ବ୍ୟାଙ୍କ ସାନି ଅଭିଯୋଗ କରିଥିଲା। ପ୍ରାୟ ଦେଢ଼ବର୍ଷ ଧରି ଯାଞ୍ଚ କରିବା ପରେ ସିବିଆଇ ଗତ ୭ ତାରିଖରେ ଏଫ୍‌ଆଇଆର୍ କରିଥିଲା। ଶନିବାର ଅଭିଯୁକ୍ତମାନଙ୍କ ୧୩ଟି ସ୍ଥାନରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ସୁରଟ, ଭରୁଚ, ମୁମ୍ବାଇ ଓ ପୁଣେରେ ଚଢ଼ାଉ ବେଳେ ଅନେକ ଆପତ୍ତିଜନକ ଦସ୍ତାବିଜ ଜବତ ହୋଇଥିବା ସିବିଆଇ ଏକ ବିବୃତିରେ କହିଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଥନମ୍ ମୁଥାସ୍ୱାମୀ ଏବଂ ନିର୍ଦ୍ଦେଶକ ଅଶ୍ୱିନୀ କୁମାର, ସୁଶୀଲ କୁମାର ଅଗ୍ରୱାଲ ଓ ରବି ବିମଳ ନେଭେଟିଆ। ସେହିପରି ଏବିଜି ଇଣ୍ଟରନ୍ୟାଶନାଲ ପ୍ରାଇଭେଟ ଲିଃ ବିରୋଧରେ ମଧ୍ୟ ଆପରାଧିକ ଷଡ଼ଯନ୍ତ୍ର, ଠକେଇ, ବିଶ୍ୱାସଭଙ୍ଗ ଓ ପଦର ଦୁରୁପଯୋଗ ଅଭିଯୋଗରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ବିଭିନ୍ନ ଦଫା ଏବଂ ଦୁର୍ନୀତି ନିବାରଣ ଆଇନ ବଳରେ ମାମଲା ରୁଜୁ କରାଯାଇଛି। ଗୁଜରାଟର ଦହେଜ ଓ ସୁରଟରେ ଥିବା ଏବିଜି ଗ୍ରୁପ୍‌ର ଏହି କମ୍ପାନୀ ଜାହାଜ ନିର୍ମାଣ ଓ ମରାମତି କାର୍ଯ୍ୟ କରିଥାଏ। ଅଭିଯୋଗ ଅନୁଯାୟୀ ଉକ୍ତ କମ୍ପାନୀ ଏସ୍‌ବିଆଇରୁ ୨,୯୨୫ କୋଟି, ଆଇସିଆଇସିଆଇ ବ୍ୟାଙ୍କରୁ ୭,୦୮୯ କୋଟି, ଆଇଡିବିଆଇ ବ୍ୟାଙ୍କରୁ ୩,୬୩୪ କୋଟି, ବ୍ୟାଙ୍କ ଅଫ୍ ବରୋଦାରୁ ୧,୬୧୪ କୋଟି, ପିଏନ୍‌ବିରୁ ୧,୨୪୪ କୋଟି ଏବଂ ଆଇଓବିରୁ ୧,୨୨୮ କୋଟି ଟଙ୍କା ଋଣ ନେଇ ପରିଶୋଧ କରୁନାହିଁ। ମେସର୍ସ ଏର୍ନଷ୍ଟ ଆଣ୍ଡ ୟଙ୍ଗ୍ ଏଲ୍‌ପି ୨୦୧୯ ଜାନୁୟାରୀ ୧୮ରେ ଦାଖଲ କରିଥିବା ଫରେନ୍‌ସିକ୍ ଅଡିଟ୍ ରିପୋର୍ଟ ଅନୁଯାୟୀ ୨୦୧୨ ଏପ୍ରିଲରୁ ୨୦୧୭ ଜୁଲାଇ ମଧ୍ୟରେ ଅଭିଯୁକ୍ତମାନେ ପାଣ୍ଠି ସ୍ଥାନାନ୍ତର, ଆୟବ୍ୟୟରେ ତାଳମେଳ ନ ରଖିବା ଏବଂ ବ୍ୟାଙ୍କ ଋଣ ଅର୍ଥକୁ ଅନ୍ୟତ୍ର ବିନିଯୋଗ କରିବା ଭଳି ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିଲେ ବୋଲି ସିବିଆଇ ଏହାର ଏତଲାରେ ଦର୍ଶାଇଛି। ବିଶ୍ୱ ସ୍ତରରେ ସଙ୍କଟ ଜାହାଜ ଶିଳ୍ପକୁ ପ୍ରଭାବିତ କରିଛି। ଦ୍ରବ୍ୟ ଚାହିଦା କମିବା ଓ ମୂଲ୍ୟ ବୃଦ୍ଧି ଯୋଗୁ କାର୍ଗୋ ଚାହିଦା ହ୍ରାସ ପାଇଛି। କେତେକ ଜାହାଜର ଠିକା ମଧ୍ୟ ବାତିଲ ହୋଇଯାଇଛି। ଫଳରେ ଏହି ଶିଳ୍ପ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛି। ୨୦୧୫ରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଜାହାଜ ନିର୍ମାଣ ଲାଗି କୌଣସି ଅର୍ଡର କରାଯାଇ ନ ଥିବା ଏତଲାରେ ଉଲ୍ଲେଖ ରହିଛି।

## ଶିଳ୍ପପତି ରାହୁଲ...

ପ୍ରସିଦ୍ଧ ଶିଳ୍ପପତି ରାହୁଲ ବଜାଜଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ଅବସରରେ ଶିଳ୍ପଜଗତକୁ ତାଙ୍କର ଅବଦାନ ସମ୍ପର୍କରେ ସ୍ମରଣ କରିଛନ୍ତି। ବଜାଜଙ୍କ କ୍ୟାରିୟର ଦେଶର କର୍ପୋରେଟ ସେକ୍ଟରକୁ ବଢ଼ାଇବାରେ ସହାୟକ ହୋଇଥିଲା। ତାଙ୍କ ପରଲୋକରେ ଶିଳ୍ପଜଗତରେ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କହିଛନ୍ତି, ବଜାଜ ଖୁବ୍ ମେଳାପୀ ଓ ଗୋଷ୍ଠୀ ସେବା ପ୍ରତି ଆଗ୍ରହୀ ଥିଲେ। ବାଣିଜ୍ୟ ଓ ଶିଳ୍ପଜଗତକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସେ ସବୁବେଳେ ମନେ ରହିବେ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଖ୍ୟାତନାମା ସ୍ୱାଧୀନତା ସଂଗ୍ରାମୀ ଯମୁନାଲାଲ ବଜାଜଙ୍କ ନାତି ପଦ୍ମଭୂଷଣ ରାହୁଲ ବଜାଜ ତାଙ୍କର ଦୁଇଚକିଆ ଯାନ ଟେକ୍‌ନୋଲୋଜି ବଜାଜ ବାଇକ ଦ୍ୱାରା ସମାଜରେ ବିଶେଷ କରି ଗରିବ ଓ ମଧ୍ୟମ ବର୍ଗର ଲୋକଙ୍କ ମଧ୍ୟରେ ବଡ଼ ପରିବର୍ତ୍ତନ ଆଣିଥିଲେ ବୋଲି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି। ଜଣେ ସଫଳ ଉଦ୍ୟୋଗୀ, ପରୋପକାରୀ ବଜାଜ ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକରେ ମର୍ମାହତ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଟୁଇଟ୍ କରିଛନ୍ତି। ବିଶିଷ୍ଟ ଶିଳ୍ପପତିଙ୍କ ପରଲୋକରେ ସାରା ଦେଶରୁ ବହୁ ରାଜନେତା ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

### ଅଧ୍ୟାପିକାଙ୍କ ପିଏଚ୍.ଡି ଲାଭ



ଅଧ୍ୟାପିକା ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ କର ଉତ୍କଳ ବିଶ୍ୱବିଦ୍ୟାଳୟରୁ ନିଜର ଗବେଷଣାତ୍ମକ ସନ୍ଦର୍ଭ 'ଓଡ଼ିଆ ଓ ହିନ୍ଦୀ ନାଟକରେ ନବନାଟ୍ୟ ଅନୁଚିନ୍ତନ' ବିଷୟରେ ଗବେଷଣା କରି ପିଏଚ୍.ଡି ଡିଗ୍ରୀ ଲାଭ କରିଅଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିଶିଷ୍ଟ ନାଟ୍ୟକାର ଓ ସମାଲୋଚକ ଡକ୍ଟର ନାରାୟଣ ସାହୁ ଥିଲେ ତାଙ୍କର ମାର୍ଗଦର୍ଶକ। ଗବେଷିକା ଏହି ସନ୍ଦର୍ଭରେ ଓଡ଼ିଆ ଓ ହିନ୍ଦୀ ନବନାଟ୍ୟଧାରାର ନାଟକ ମଧ୍ୟରେ ଏକ ତୁଳନାତ୍ମକ ବିଶ୍ଳେଷଣ କରିଛନ୍ତି। ଏହି ସନ୍ଦର୍ଭର ପରୀକ୍ଷକ ଥିଲେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ବିଶିଷ୍ଟ ସମାଲୋଚିକା ବିଶ୍ୱଭାରତୀ, ଶାନ୍ତିନିକେତନର ଓଡ଼ିଆ ଭାଷା ବିଭାଗର ପ୍ରଫେସର ସବିତା ପ୍ରଧାନ। ସମସ୍ତ ପରୀକ୍ଷକଙ୍କ ଦ୍ୱାରା ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ଜ୍ୟୋତ୍ସ୍ନାରାଣୀ କର ବର୍ତ୍ତମାନ ମଡେଲ୍ ଡିଗ୍ରୀ କଲେଜ୍ ନୟାଗଡ଼ରେ ଓଡ଼ିଆ ବିଭାଗର ସହକାରୀ ଅଧ୍ୟାପିକା ଭାବେ କାର୍ଯ୍ୟରତ। ଗଭୀର ଅଧ୍ୟବସାୟ ଦ୍ୱାରା ସେ ଏ ସଫଳତାର ଅଧିକାରୀ ହୋଇଛନ୍ତି। ଶ୍ରୀ ଦୁର୍ଗାମାଧବଙ୍କୁ ଅନ୍ତରର ଭକ୍ତି ନୈବେଦ୍ୟ ସହ ନିଜର ସଫଳତାର ଶ୍ରେୟକୁ ସର୍ବଦା ପ୍ରେରଣାଦାତା ସ୍ୱାମୀ ଶ୍ରୀ ରାଜେଶ ଚନ୍ଦ୍ର ପ୍ରଧାନ ଓ ଝିଅ ବୈଷ୍ଣବୀ ଦେବାଂଶୀଙ୍କୁ ପ୍ରଦାନ କରିଛନ୍ତି। ଶ୍ୱଶୁର ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନ ଓ ଶାଶୁ ସ୍ୱର୍ଗତା ବଦନୀ ପ୍ରଧାନଙ୍କର ଅନାବିଳ ସ୍ନେହକୁ ଏହି ଅବସରରେ ସେ ସ୍ମରଣ କରିଛନ୍ତି। ପିତା ଶ୍ରୀଯୁକ୍ତ ଶଶୀଶେଖର କର, ମାଆ ଶ୍ରୀମତୀ ସ୍ୱପ୍ନେଶ୍ୱରୀ କର ତଥା ସାନଭାଇ ଶ୍ରୀ ଜନ୍ମେଜୟ କରଙ୍କୁ ଗବେଷଣା କାର୍ଯ୍ୟରେ ଯଥାସାଧ୍ୟ ସହାୟତା ପାଇଁ ବିଶେଷ କୃତଜ୍ଞତା ଜଣାଇଛନ୍ତି। ତାଙ୍କର ଜୀବନ ଗଢ଼ିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶୁଭେଚ୍ଛୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୨୩୧୩୭

# ତୃତୀୟ ଲହରରେ ସର୍ବାଧିକ ୨୪ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୨।୨(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ ହ୍ରାସ ପାଉଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏବେ ପୁଣି ୨୪ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ତୃତୀୟ ଲହରର ଏହା ହେଉଛି ସର୍ବାଧିକ ଦୈନିକ ମୃତ୍ୟୁ। ମୃତକଙ୍କ ମଧ୍ୟରେ କେବଳ ଖୋର୍ଦ୍ଧାରୁ ୭ଜଣ ଥିବାବେଳେ ବାଲେଶ୍ୱରରୁ ୬ଜଣ ରହିଛନ୍ତି। ସେହିପରି ଯାଜପୁରରୁ ୩, ମୟୂରଭଞ୍ଜ ଓ ଭଦ୍ରକରୁ ୨ଜଣ ଲେଖାଏ, ଅନୁଗୋଳ, ବରଗଡ଼, ନବରଙ୍ଗପୁର ଓ ପୁରୀରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨୧ ଦିନର ଶିଶୁପୁତ୍ର ରହିଛନ୍ତି। ଭଦ୍ରକ ଜିଲାର ଏହି ଶିଶୁପୁତ୍ର ଜଣକ ଅପରିପକ୍ୱ ଥିଲେ ଓ ତାଙ୍କର ଓଜନ କମ୍ ରହିଥିଲା। ତେବେ ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁସଂଖ୍ୟା ୮,୮୬୨କୁ ବୃଦ୍ଧି ପାଇଛି।

## ସଂକ୍ଷେପରେ

### ନିର୍ବାଚନୀ ହିଂସା
#### ଜଣେ କଟକ ସ୍ଥାନାନ୍ତର, ଜଣେ ଅଟକ

ବାଲେଶ୍ୱର ଅଫିସ, ୧୨।୨-ବାଲେଶ୍ୱର ଜିଲା ରେମୁଣା ବ୍ଲକ କଲ୍ୟାଣପୁର ପଞ୍ଚାୟତ ଗାଙ୍ଗପୁରା ଗ୍ରାମରେ ନିର୍ବାଚନୀ ହିଂସା ଦେଖାଦେଇଛି। ଏଥିରେ ଜଣେ ଗୁରୁତର ଅବସ୍ଥାରେ ଜଣେ କଟକ ସ୍ଥାନାନ୍ତରିତ ହୋଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣଙ୍କୁ ଅଟକ ରଖିଛନ୍ତି। ଏନେଇ ଗୁରୁତରଙ୍କ ପତ୍ନୀ ରେମୁଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ. ୩୦/୨୨) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ରେମୁଣା ଥାନାଧିକାରୀ ରବୀନ୍ଦ୍ର ଭୂୟାଁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗାଙ୍ଗପୁରା ଗ୍ରାମର ଭଗବାନ ପ୍ରଧାନଙ୍କ ସହିତ ଭାଗବତଙ୍କର ଟଙ୍କା ଧାର ନେବା ଓ ଜମିବାଡ଼ି ପ୍ରସଙ୍ଗକୁ ନେଇ ପୂର୍ବଶତ୍ରୁତା ଲାଗି ରହିଥିଲା। କିଛିମାସ ପୂର୍ବରୁ ଏଭଳି ଏକ ଗଣ୍ଡଗୋଳ ମାମଲାରେ ଭଗବାନ ଜେଲ୍ ଯାଇଥିଲେ ଏବଂ ସେହି ସମୟରେ ତାଙ୍କ ବାପାଙ୍କୁ ଭାଗବତ ମାଡ଼ ମାରିବା ଭଳି ଘଟଣା ଘଟିଥିଲା। ଭଗବାନ ଜେଲରୁ ଫେରିବା ପରେ ପୁଣି ବିବାଦ ଦେଖାଦେଇଥିଲା ଓ ପରସ୍ପର ରାଗ ରଖିଥିଲେ। ବର୍ତ୍ତମାନ ନିର୍ବାଚନ ସମୟରେ ଭାଗବତ ବିଜେଡି ଓ ଭଗବାନ ଭାଜପାରେ ସମର୍ଥକ ହୋଇଛନ୍ତି। ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ବ୍ୟାନର ଚିରା ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ହେବା ପରେ ଭଗବାନର ସମର୍ଥକମାନେ ଭାଗବତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଭାଗବତ ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରେମୁଣା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଭାଗବତଙ୍କୁ ଭେଟିବା ସହ ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଅପରପକ୍ଷରେ ରେମୁଣା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶ୍ରୀରାମପୁର ଗ୍ରାମର ଚତୁର୍ଭୁଜ ବେହେରାଙ୍କୁ ଅଟକ ରଖିଛି।

### ପ୍ରଚାର ବେଳେ ମୁହାଁମୁହିଁ

ଭଦ୍ରକ ଅଫିସ, ୧୨।୨- ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତେ ବଢ଼ିବାରେ ଲାଗିଛି। ଭଦ୍ରକ ସଦର ବ୍ଲକ କେଦାରପୁରରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡ଼ିର ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି। ଏଥିରେ ପଞ୍ଚାୟତର ବିଜେଡ଼ି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ପ୍ରଭାତୀ ତ୍ରିପାଠୀଙ୍କ ପୁଅ ଆୟୁଷ୍ମାନ ଗୁରୁତର ଆହତ ହୋଇ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କ ଛାତି ଓ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି ବୋଲି ସରପଞ୍ଚ ପ୍ରାର୍ଥିନୀ ତ୍ରିପାଠୀଙ୍କ ସ୍ୱାମୀ ତଥା ବର୍ତ୍ତମାନର ସରପଞ୍ଚ ଭରତ ଚନ୍ଦ୍ର ତ୍ରିପାଠୀ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିବା ସହ ସ୍ଥାନୀୟ ସାବରଙ୍ଗ ଥାନାରେ ଏତଲା ଦେଇଛନ୍ତି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପୋଲିସ ତଦନ୍ତ ଚଳାଇଛି।

### ବହଡ଼ିହ ଗାଁରେ ପୁଣି ରାଜନୈତିକ ଗୋଷ୍ଠୀ ସଂଘର୍ଷ

ଚାନ୍ଦବାଲି, ୧୨।୨ (ଡି.ଏନ.ଏ.)-ଚାନ୍ଦବାଲି ଥାନା ଭୁଇଁବୃତ୍ତି ପଞ୍ଚାୟତ ବହଡିହ ଗାଁରେ ପଞ୍ଚାୟତ ନିର୍ବାଚନକୁ ନେଇ ଶନିବାର ଅପରାହ୍ନରେ ପୁଣି ଥରେ ଦେଖାଦେଇଛି ରାଜନୈତିକ ଗୋଷ୍ଠୀସଂଘର୍ଷ। ଏଥିପୂର୍ବରୁ ଜାନୁୟାରୀ ପହିଲାରେ ଏହି ଗାଁରେ ଅନୁରୂପ ଘଟଣା ଘଟିଥିଲା। ଦୁଇ ଦଳର କର୍ମୀଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣରେ ଭାଜପାର ୨ଜଣ କର୍ମୀ ଗୁରୁତର ହୋଇଥିବା ବେଳେ ବିଜେଡ଼ିର ଜଣେ ଆହତ ହୋଇଛନ୍ତି । ଉଭୟ ପକ୍ଷରୁ ଆହତ ହୋଇ ଚାନ୍ଦବାଲି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ରାଜନୈତିକ ଗୋଷ୍ଠୀ ସଂଘର୍ଷରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ଘଟଣାର ପୋଲିସ ତଦନ୍ତ ଆରମ୍ଭ କରିବା ସହ ଗାଁରେ ଉତ୍ତେଜନାକୁ ଲକ୍ଷ୍ୟ କରି ପୋଲିସ ସଜାଗ ରହିଛି ।

### ୧୭ନଂ. ଜୋନ୍‌ରେ ବିଧାୟକଙ୍କ ପ୍ରଚାର

ବାସୁଦେବପୁର, ୧୨।୨(ଡି.ଏନ.ଏ.)-ବାସୁଦେବପୁର ବ୍ଲକର ୧୭ନଂ. ଜିଲା ପରିଷଦ ଜୋନ୍‌ର ଖରିଦା ବିନାୟକପୁର ପଞ୍ଚାୟତର ବିଭିନ୍ନ ୱାର୍ଡ଼ରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଦଳୀୟ ଜିଲା ପରିଷଦ ପ୍ରାର୍ଥୀ ଜୟନ୍ତୀ ବାରିକ, ସମର୍ଥିତ ସରପଞ୍ଚ ପ୍ରାର୍ଥୀ ମାନସୀ ମଲିକ, ସମିତିସଭ୍ୟ ପ୍ରାର୍ଥୀ ରଞ୍ଜିତା ମଲିକ ଓ ୱାର୍ଡ଼ ସଦସ୍ୟଙ୍କ ପାଇଁ ପ୍ରଚାର କରିଛନ୍ତି। ବାଗ୍‌ଦା ବିନାୟକପୁରଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ସେ ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।

# ପ୍ରଚାର ମଇଦାନରେ ହେଭିୱେଟ୍

ପାଟଣା,୧୨।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାରପଡ଼ା ବ୍ଲକ ୨୯ନଂ. ଜିଲା ପରିଷଦ ଜୋନ୍‌କୁ ହାତେଇବା କ୍ଷମତାସୀନ ବିଜେଡି ଓ ବିରୋଧୀ ଭାଜପା ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଏଠାରୁ ଲଢୁଥିବା ବେଳେ ନବାଗତ ବୁଦ୍ଧଦେବ ମହାକୁଡ଼ଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଉଭୟ ଦଳର ହେଭିୱେଟ ନେତା ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାରରେ ଲାଗି ପଡ଼ିଛନ୍ତି।

ଏହି ଆସନରୁ ସର୍ବାଧିକ ୫ଜଣ ପ୍ରାର୍ଥୀ ଦଳୀୟ ଟିକଟରେ ଲଢୁଥିବା ବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଏହି ଆସନରୁ ବିଜେଡିର କୌଶଲ୍ୟା ନାଏକ ୪୯୬ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥୀଙ୍କୁ ହରାଇଥିଲେ। ୨୦୧୭ରେ ଅଂଶୁମାନ ୩୦ନଂ. ଜିଲା ପରିଷଦ ଜୋନ୍‌ରେ ଲଢ଼ି ୩ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ଏହି ଆସନରେ ଜିଲା


ଭାଜପା ପ୍ରାର୍ଥୀ ଅଂଶୁମାନ ସବୁଜ ମହାନ୍ତ ବର୍ମା।


ବିଜେଡି ପ୍ରାର୍ଥୀ ବୁଦ୍ଧଦେବ ମହାକୁଡ଼।

#### ବିଜେଡି ,ଭାଜପା ପାଇଁ ୨୯ନଂ. ଜୋନ୍ ସମ୍ମାନର ପ୍ରଶ୍ନ

ଭାଜପା ସଭାପତି ପ୍ରାର୍ଥୀ ହୋଇଥିବାରୁ କଂଗ୍ରେସ, ଆମ୍ ଆଦମୀ ପାର୍ଟି ଓ ବହୁଜନ ସମାଜ ପାର୍ଟି ମଧ୍ୟ ପ୍ରାର୍ଥୀ ଦେଇଛନ୍ତି। ବିଜେଡି ପକ୍ଷରୁ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ବିଧାୟକ ଜଗନ୍ନାଥ ନାଏକ ଓ ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ପ୍ରଚାର ମଙ୍ଗ ଧରିଛନ୍ତି। ଶନିବାର ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଗୋଲେଖ ମହାପାତ୍ର ୨୯ନଂ.ଜୋନରେ ଅଂଶୁମାନଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ଖଗେଶ୍ୱର ସେଠୀଙ୍କ ଭୋଟ ବିଭାଜନ ଦ୍ୱାରା ଏହି ଆସନର ହାରଜିତ ନିର୍ଣ୍ଣୟ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ଭାଜପା ସମର୍ଥିତ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ପ୍ରଚାର ଜମୁଛି


ଭାଜପା ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥିନୀଙ୍କ ନିର୍ବାଚନୀ ପ୍ରଚାର।

ସଜନାଗଡ଼, ୧୨।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଆରବନ୍ଦ ପଞ୍ଚାୟତର ଭାଜପା ସମର୍ଥନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସରପଞ୍ଚ ପ୍ରାର୍ଥୀ କୁଳମଣି ନାୟକ ଓ ସମିତିସଭ୍ୟା ପ୍ରାର୍ଥିନୀ ବିନତା ମଢ଼େଇଙ୍କ ପ୍ରଚାର ଜୋରଦାର ଚାଲିଛି। କୁଳମଣି ପ୍ରଥମଥର ପାଇଁ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ହେଁ ତାଙ୍କ ପତ୍ନୀ ତନୁଜାଶ୍ରୀ ନାୟକ ଆରବନ୍ଦ ପଞ୍ଚାୟତରେ ୨୦୧୭ ନିର୍ବାଚନରେ ସରପଞ୍ଚ ହୋଇଥିଲେ। ନୀଳଗିରି ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ସହଯୋଗରେ ବିଗତ ଦିନରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ସେ ଚର୍ଚ୍ଚାରେ ରହିଥିଲେ। ସେ ସ୍ୱାମୀ କୁଳମଣିଙ୍କ ସହ ସମିତିସଭ୍ୟା ପ୍ରାର୍ଥିନୀ ବିନତା ମଢ଼େଇଙ୍କ ପାଇଁ ତତ୍ପର ହୋଇପଡିଛନ୍ତି। ସେ ଭୋଟରଙ୍କ ପାଖକୁ ଯାଇ ମନାଇବାକୁ ଉଦ୍ୟମ ଚଳାଇଛନ୍ତି। ଆରବନ୍ଦ ପଞ୍ଚାୟତ ୧୫ଟି ୱାର୍ଡ଼କୁ ନେଇ ଗଠିତ ହୋଇଥିବା ବେଳେ ପ୍ରାୟ ସାଢ଼େ ୩ ହଜାର ଭୋଟର ମତଦାନ କରିବେ।

# ଜେଏମ୍ଏମ୍ ଗଡ଼ରେ ଧସେଇ ପଶିବାକୁ କସରତ

ଉଦଳା,୧୨।୨(ଡି.ଏନ.ଏ.)

#### ମୟୂରଭଞ୍ଜ ଜିଲା ପରିଷଦ ୧ନଂ. ଜୋନ୍

ମୟୂରଭଞ୍ଜ ଜିଲା ପରିଷଦର ୧ନଂ. ଜୋନ୍‌ରେ ଏବେ ଚାଲିଛି ଜୋରଦାର ପଲଟିକାଲ ଫାଇଟ୍। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍)ର ଗଡ଼ କୁହାଯାଉଥିବା ଏହି ଜୋନ୍‌ରେ ଧସେଇ ପଶିବାକୁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ କସରତ ଆରମ୍ଭ କରିଦେଇଛନ୍ତି। ୨୦୧୨ ଏବଂ ୨୦୧୭ ନିର୍ବାଚନରେ ଏହି ଜୋନ୍ ଜେଏମ୍ଏମ୍ କବ୍‌ଜାରେ ଥିଲା। ଲଗାତାର ଦୁଇଥର ଏହି ଆସନକୁ ହାତେଇ ଜେଏମ୍ଏମ୍ ଦବ୍‌ଦବା ଜାହିର କରିଛି। ଏଥର ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ଏହି ଜୋନ୍ ସଂରକ୍ଷିତ ରହିଛି । ଜେଏମ୍ଏମ ଗଡ଼ ଭାଙ୍ଗିବା ପାଇଁ ବିଜେଡି ଖେଳିଛି ପାଠୁଆ କାର୍ଡ। ଇଂ. ସୁଶାନ୍ତି ସିଂଙ୍କୁ ଦଳ ପ୍ରାର୍ଥୀ କରି ପରିବର୍ତ୍ତନର ଆହ୍ୱାନ ଦେଇଛି। ଭାଜପା ପ୍ରାର୍ଥିନୀ ଶୀରମଣି ସିଂ ଜୋରଦାର କ୍ୟାମ୍ପେନିଂ ଚଳାଇଥିବା ବେଳେ ପଦ୍ମିନୀ ହାଁସଦାଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ୨୦୧୨ରେ ଏହି ଜୋନ୍‌ରୁ ବିଜୟୀ ହୋଇଥିବା କ୍ଷୀରମଣି ଟୁଡୁଙ୍କୁ ଜେଏମ୍ଏମ୍ ପୁଣି ମଇଦାନକୁ ଓହ୍ଲାଇଛି। ସେ ନିଜ ସମର୍ଥକଙ୍କୁ ନେଇ ପ୍ରଚାର କାର୍ଯ୍ୟରେ ଆଗେଇ ଚାଲିଥିବା ବେଳେ ତାଙ୍କୁ ଚେକ୍ ଦେବା ପାଇଁ ବିଜେଡିର ସୁଶାନ୍ତି ବିଭିନ୍ନ ରଣକୌଶଳ ଆପଣାଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ଜୋନ୍‌ର ଭୋଟର ଜେଏମ୍ଏମ୍ ଉପରେ ଆସ୍ଥାପ୍ରକଟ କରି ଆସିଥିବା ବେଳେ ଚଳିତ ନିର୍ବାଚନରେ କାହା ପଟକୁ ଢ଼ଳୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ସୁଶାନ୍ତି ସିଂ


କ୍ଷୀରମଣି ଟୁଡୁ


ଶୀରମଣି ସିଂ

# ପ୍ରକାଶ ପାଇଲା ପୌର ଭୋଟର ତାଲିକା

ବାରିପଦା ଅଫିସ,୧୨।୨

ବାରିପଦା ପୌର ପରିଷଦ ନିର୍ବାଚନ ସକାଶେ ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇଛି। ଆସନ୍ତା ୧୫ତାରିଖ ମଧ୍ୟରେ ତାଲିକାକୁ ତନଖି କରି ଭୋଟରମାନେ ୧୬ତାରିଖ ମଧ୍ୟରେ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ପୌର ପରିଷଦ ୱାର୍ଡ ତାଲିକାରେ ନ ଥିବା ଭୋଟରମାନେ ସଂଶୋଧନ ନିମନ୍ତେ ୩ନଂ. ଫର୍ମ ଓ ଭୁଲରେ ଅନ୍ୟ ୱାର୍ଡରେ ରହିଥିବା ଭୋଟରଙ୍କ ସଂଶୋଧନ ପାଇଁ ୪ନଂ. ଫର୍ମରେ ଆବେଦନ କରିବାକୁ କୁହାଯାଇଛି । ଦାଖଲ ହୋଇଥିବା ସମସ୍ତ ଆପତ୍ତି ଅଭିଯୋଗଗୁଡ଼ିକର ତାଲିକା ଆଗାମୀ ୧୭ତାରିଖରେ ପ୍ରକାଶ ପାଇବ। ୧୮ତାରିଖରେ ଶୁଣାଣି ହେବା ପରେ ୧୯ତାରିଖ ଦିନ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହି ପୌର ପରିଷଦର ୨୮ଟି ୱାର୍ଡରେ ମୋଟ ୮୧ହଜାର ୨୨୨ଜଣ ଭୋଟର ରହିଥିବା ବେଳେ ସେମାନଙ୍କ ମଧ୍ୟରେ ୪୧ହଜାର ୨୦୩ମହିଳା, ୪୦ହଜାର ୧୫ପୁରୁଷ ଓ ୪ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି।

# ଭାଜପା ପ୍ରାର୍ଥୀ ସରକାରୀ ଜମି ହାତେଇବା ଅଭିଯୋଗ

ଖଇରା, ୧୨।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ୫ନଂ. ଜୋନରେ ଲଢୁଥିବା ଭାଜପା ପ୍ରାର୍ଥୀ ରାଜେଶ ମହାକୁଡଙ୍କ ନାମରେ ସରକାରୀ ଜମି ହାତେଇଥିବା ଅଭିଯୋଗ ଆଣିଛନ୍ତି ଗଣ୍ଡିବେଡର କିଛି ଗ୍ରାମବାସୀ । ଏ ସମ୍ପର୍କରେ ଶୁକ୍ରବାର ଗଣ୍ଡିବେଡ ରାଜସ୍ୱ ନିରୀକ୍ଷକ ଜେମାମଣି ସିଂଙ୍କ ମାଧ୍ୟମରେ ଖଇରା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଶ୍ୟାମସୁନ୍ଦରପୁର ରାଜସ୍ୱ ଗ୍ରାମରେ ମହାକୁଡ ୧୧ ଡିସିମିଲ ସରକାରୀ ଜମିକୁ ନିଜ ନାମକୁ ଉଠାଇନେଇଛନ୍ତି। ଗ୍ରାମର ସୁକେସିନୀ ମହାନ୍ତି, ବାବଜୀ ମହାନ୍ତି, ସୁରେଶ ଚନ୍ଦ୍ର ପରିଡା, ଇନ୍ଦୁଭୂଷଣ ପ୍ରଧାନ, ମାନସ ରଞ୍ଜନ ରାଉଳ, ଉଦୟନାଥ ରାଉଳ, ରାମଚନ୍ଦ୍ର ବେହେରା, ପ୍ରହ୍ଲାଦ ମହାରଣା ଓ ଉପେନ୍ଦ୍ର ଯେନା ପ୍ରମୁଖଙ୍କ ତରଫରୁ ଏହି ଅଭିଯୋଗ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ତହସିଲଦାର ମହେନ୍ଦ୍ର ବେହେରାଙ୍କୁ ଯୋଗାଯୋଗ କରିବାରେ ସୋର ତହସିଲରେ ଏହା କରାଯାଇଥିବା ପାଉତିରୁ ଜଣାଯାଇଛି । ସୋରରୁ କେସ୍ ରେକର୍ଡ ଆସିବା ପରେ ଅଭିଯୋଗର ସତ୍ୟତା ଜଣାପଡିବ ବୋଲି କହିଛନ୍ତି।

#### ଆକ୍ରୋଶ ରଖି ବଦ୍‌ନାମ କରାଯାଉଛି

ଏହାକୁ ରାଜନୈତିକ ଆକ୍ରୋଶ କହି ପାଲଟା ଜବାବ ରଖିଛନ୍ତି ରାଜେଶ ମହାକୁଡ । ଯେଉଁ ସମୟରେ ଏହି ମୂଲ୍ୟହୀନ ଜମି ତାଙ୍କ ନାମକୁ ଉଠିଛି ସେ ସମୟରେ ସେ ନାବାଳକ ଥିଲେ। ଏଣୁ ଜମି କେମିତି ତାଙ୍କ ନାମକୁ ଆସିଲା ସେଥିପାଇଁ ପ୍ରଶାସନ କହିପାରିବ । ଅଭିଯୋଗକାରୀ ଶାସକ ଦଳର ସମର୍ଥକ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ନାମରେ ଆପରାଧିକ ମାମଲା ରହିଛି । ପରାଜୟ ଭୟରେ ୨୦୦୪ମସିହାର ଏହି ପ୍ରସଙ୍ଗକୁ ଉଠାଇ କେବଳ ତାଙ୍କୁ ବଦ୍‌ନାମ କରିବାକୁ ଉଦ୍ୟମ କରାଯାଉଛି । ଏଥିରେ ତାଙ୍କର ଛବି ମଳିନ ହେବାର ପ୍ରଶ୍ନ ଉଠୁନାହିଁ ।

# ପୋଲିସ ନଜରରେ ସମ୍ବେଦନଶୀଳ ଅଞ୍ଚଳ

କେନ୍ଦୁଝର,୧୨।୨(ସ୍ୱ.ପ୍ର.)

#### ଅବାଧ, ଶାନ୍ତିପୂର୍ଣ୍ଣ ନିର୍ବାଚନ ଲାଗି ପଦକ୍ଷେପ

କେନ୍ଦୁଝର ଜିଲାରେ ଭୟମୁକ୍ତ ଓ ଶାନ୍ତିପୂର୍ଣ୍ଣ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଘଷିପୁରା, ହାଟଡିହି, ଆନନ୍ଦପୁର ବ୍ଲକ ଅଞ୍ଚଳଗୁଡ଼ିକ ରାଜନୈତିକ ଦୃଷ୍ଟି କୋଣରୁ ସମ୍ବେଦନଶୀଳ । ଉକ୍ତ ଅଞ୍ଚଳରେ ରାଜନୈତକ ଦଳମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥାଏ। ସେହିପରି ଦୈତାରୀ, ହରିଚନ୍ଦନପୁର, ବ୍ରାହ୍ମଣୀପାଳ, ତେଲକୋଇ, ନୟାକୋଟ ଥାନା ଅଞ୍ଚଳ ନକ୍ସଲ ପ୍ରଭାବିତ। ପୂର୍ବରୁ ମାଓବାଦୀ କାର୍ଯ୍ୟକଳାପ ଘଟିଥିବା ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳଭାବେ ଚିହ୍ନଟ କରାଯାଇଛି। ସେହିପରି ଖଣିଖାଦାନ ଭରା ବଡ଼ବିଲ, ଯୋଡ଼ା, ବାମେବାରୀ ଓ ରୁଗୁଡ଼ି ଥାନା ଅଞ୍ଚଳ ମଧ୍ୟ ରାଜନୈତିକ ହିଂସା ଓ ନକ୍ସଲ କାର୍ଯ୍ୟକଳାପ ଦୃଷ୍ଟିରୁ ସମ୍ବେଦନଶୀଳ। ମାଓବାଦୀ ପ୍ରବଣ ଝାଡ଼ଖଣ୍ଡ ରାଜ୍ୟ ଓ ସୁନ୍ଦରଗଡ଼ ଜିଲା ସୀମାରେ ଏହି ଅଞ୍ଚଳଗୁଡ଼ିକ ରହିଛି। ସେହିପରି ପାଟଣା ଓ ବାରିଆ ଥାନା ଅଞ୍ଚଳରେ ରାଜନୈତକ ହିସାଂକାଣ୍ଡ ଆଶଙ୍କା କରାଯାଇଛି। ଖଣି ଅଞ୍ଚଳରେ ବିସ୍ଥାପିତଙ୍କ ପ୍ରତିବାଦ, ଖଣିରୁ ଛଟେଇ ହୋଇ ବେରୋଜଗାର ହୋଇଥିବା ଶ୍ରମିକମାନେ ବିରୋଧ ଜାରି ରଖିଛନ୍ତି। ଏହା ବ୍ୟତୀତ ଏହି ସବୁ ଅଞ୍ଚଳରେ ଝାଡ଼ଖଣ୍ଡ,ବିହାର ଓ ପଶ୍ଚିମବଙ୍ଗରୁ ଶ୍ରମିକମାନେ ଆସି କାମ କରୁଥିବା ବା ବସବାସ କରୁଥିବାରୁ ଅପରାଧିମାନେ ଏହାର ଫାଇଦା ଉଠାଇ ଗଣ୍ଡଗୋଳ କରିବା ଆଶଙ୍କା ରହିଛି। ବେଆଇନ ମଦ କାରବାର ରୋକିବା ସହ ରାତ୍ରୀକାଳିନ ଗାଡ଼ି ଯାଞ୍ଚ, ଅଣ ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କୁ ଧରପଗଡ଼, ବନ୍ଧୁକ ଲାଇସେନ୍ସଧାରୀଙ୍କ ଲାଇସେନ୍ସ ଯାଞ୍ଚ ଆଦି କରିବା ପାଇଁ ପଦକ୍ଷେପ ନିଆଯାଉଛି। ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଥିବାବେଳେ ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ପୂର୍ବରୁ ଅପରାଧିକ ମାମଲା ଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କ ଉପରେ ପୋଲିସ କଡ଼ା ନଜର ରଖିଛି।


ଝୁମ୍ପୁରା ଗ୍ରାମପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ଆପଣଙ୍କ ସୁଖ ଦୁଃଖର ସାଥୀ
ସରପଞ୍ଚ ପ୍ରାର୍ଥିନୀ
ଶ୍ରୀମତୀ ରେବତୀ ବିରୁଆଙ୍କୁ
ମାଛ ଚିହ୍ନରେ ବିପୁଳ ସଂଖ୍ୟାରେ ମୋହର ମାରି ଜୟଯୁକ୍ତ କରାନ୍ତୁ ।

# ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

#### ଭଗବଦ୍ ଗୀତା ଉପରେ ପ୍ରାର୍ଥୀଙ୍କ ଚିହ୍ନକୁ ନେଇ ଉତ୍ତେଜନା

ବାସୁଦେବପୁର, ୧୨।୨(ଡି.ଏନ.ଏ.)-ବାସୁଦେବପୁର ବ୍ଲକର ବରଣ୍ଡୁଆ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ମଳିକ ଓ ସମିତିସଭ୍ୟ ପ୍ରାର୍ଥୀ ପ୍ରଭାସ ଚନ୍ଦ୍ର ମହାନ୍ତି ଶ୍ରୀମଦ୍ ଭଗବଦ୍ ଗୀତା ଉପରେ ସେମାନଙ୍କର ଚିହ୍ନ ଲଗାଇ ଶନିବାର ଲୋକଙ୍କୁ ବାଣ୍ଟୁଥିବା ବେଳେ ରତାଙ୍ଗ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ପ୍ରାର୍ଥୀଙ୍କ ଚିହ୍ନ ଲଗାଯାଇଥିବା ଗୀତା ବହିକୁ ଜବତ କରି ଦୁଇ ଅଟକ ପ୍ରାର୍ଥୀଙ୍କୁ ଉଦ୍ଧାର କରିଛି। ଏହି ଘଟଣା ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଆସିବା ପରେ ଏ ବିଷୟରେ ଅନୁଧ୍ୟାନ କରାଯାଉଛି ବୋଲି ବିଡିଓ ସତ୍ୟଜିତ ରାଉତ କହିଛନ୍ତି। ଦୁଇ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ମଳିକ ଓ ପ୍ରଭାସ ଚନ୍ଦ୍ର ମହାନ୍ତି ଏହି ଘଟଣାକୁ ସ୍ୱୀକାର କରିବା ସହ ପରବର୍ତ୍ତୀ ସମୟରେ ଏଭଳି କାର୍ଯ୍ୟରୁ ଦୂରେଇ ରହିବେ ବୋଲି କହିଥିଲେ।



ଶ୍ରୀମଦ୍ ଭଗବଦ୍ ଗୀତା ଗ୍ରନ୍ଥରେ ପ୍ରାର୍ଥୀଙ୍କ ଚିହ୍ନ।

# ଭାଜପାର ପଞ୍ଚାୟତ ନିର୍ବାଚନ ସମୀକ୍ଷା ବୈଠକ

ସୋର, ୧୨।୨(ଡି.ଏନ.ଏ. )

ସୋର ଭାଜପା କାର୍ଯ୍ୟାଳୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ରାକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଅଜୟ କୁମାର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଈଶ୍ୱର ବେହେରା ଓ ପର୍ଶୁରାମ ପରିଡ଼ା, ଅବିନାଶ ପତି, ମନୀଷା ଚିନ୍ମୟୀ ବେହେରା, ମୃତ୍ୟୁଞ୍ଜୟ ଜେନା, ଶ୍ରୀଧର ମହାପାତ୍ର, ଅବିନାଶ ପତି, ରାଜେନ୍ଦ୍ର ପ୍ରସାଦ ନାୟକ, କମଳାକାନ୍ତ ଘଡ଼େଇ, ନଳିନୀକାନ୍ତ ମହାପାତ୍ର, ଖଗେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଚଳିତ ପଞ୍ଚାୟତ ନିର୍ବାଚନ ପରିଚାଳନା ଏବଂ କେନ୍ଦ୍ର ସରକାରଙ୍କ ଗରିବମାନଙ୍କ ପାଇଁ ଲୋକହିତକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ନିର୍ବାଚନମଣ୍ଡଳୀର ୬ଗୋଟି ଜିଲା ପରିଷଦ ଜୋନ୍‌ର ପ୍ରାର୍ଥିନୀପ୍ରାର୍ଥୀ ଏବଂ ପ୍ରଭାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର

ବାରିପଦା ଅଫିସ,୧୨।୨

ମୟୂରଭଞ୍ଜ ଜିଲା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଉ ଅଳ୍ପ ଦିନ ବାକି ରହିଲା। ୫ଟି ପର୍ଯ୍ୟାୟରେ ହେବାକୁ ଥିବା ମତଦାନ ପାଇଁ ଗାଁଗଣ୍ଡାରେ ପ୍ରଚାର ସରଗରମ ହେବାରେ ଲାଗିଛି। ପ୍ରାର୍ଥୀମାନେ ଭୋଟ ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରୁଛନ୍ତି। ଭୋଜିଭାତଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। ଜିଲାପରିଷଦ ଆସନକୁ ହାତେଇବା ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ବଳ କଷାକଷି ଚାଲିଛି। ମାତ୍ର ଚଳିତ ନିର୍ବାଚନରେ ଭୋଟରମାନେ ପ୍ରାର୍ଥୀଙ୍କୁ ପରଖୁଥିବା ଦେଖିବାକୁ ମିଳିଛି। ଜିଲାର ବିକାଶ ଓ ମୌଳିକ ସମସ୍ୟାକୁ ପ୍ରାଥମିକତା ଦେଉଥିବା ଶିକ୍ଷିତ ପ୍ରାର୍ଥୀଙ୍କୁ ଚୟନ କରିବା ସପକ୍ଷରେ ମତ ଦେଉଛନ୍ତି। ବିଗତ ନିର୍ବାଚନରେ ଜିଲାପରିଷଦ ଆସନ ହାତେଇ ପାରି ନ ଥିବା କଂଗ୍ରେସ ଚଳିତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଦଳ ଦୃଢ଼ୋକ୍ତି ପ୍ରକାଶ କରିଛି । ଭାଜପା ଓ ବିଜେଡିର ପ୍ରତିଶ୍ରୁତି ତଥା ବିକାଶ ମୂଳକ ପଦକ୍ଷେପକୁନେଇ ଭୋଟର ଅଙ୍କ କଷୁଛନ୍ତି।

୨୦୧୭ ନିର୍ବାଚନରେ ଭାଜପାକୁ ବିପୁଳ ସମର୍ଥ ମିଳିଥିଲା। ଜିଲାର ୨୬ଟି ବ୍ଲକ ଅଧୀନ ୫୬ ଜିଲାପରିଷଦ ଆସନ ମଧ୍ୟରୁ ୪୯ ଆସନ ଅକ୍ତିଆର କରି ଭାଜପା ପରିଷଦ ଗଠନ କରିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ୯ଟି ବିଧାନସଭା ଆସନରୁ ୬ଟି ଓ ଏମ୍‌ପି ଆସନ ଭାଜପା ସପକ୍ଷରେ ଯାଇଥିଲା। ସେହିପରି ବିଜେଡି ଖାତାରେ ରହିଥିବା ୩ଟି ବିଧାୟକଙ୍କ ମଧ୍ୟରୁ ସୁଦାମ ମାରାଣ୍ଡି ଏବେ ରାଜସ୍ୱ ମନ୍ତ୍ରୀ ଅଛନ୍ତି। ଜିଲାର ଭାଜପା ଏମ୍‌ପି ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜିଲାବାସୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଉଭୟ ଦଳ ପକ୍ଷରୁ ନିରନ୍ତର ପ୍ରୟାସ ଆରମ୍ଭ କରାଯାଇଛି । ଜିଲାରେ ଥିବା ଅମର୍ଦ୍ଦା ଏୟାରଷ୍ଟ୍ରିପର ପୁନରୁଦ୍ଧାର, ବୁଢ଼ାମରା-ଚାକୁଲିଆ, ବାଙ୍ଗରିପୋଷି-ଗୋରୁମହିଷାଣୀ, ବାଦାମପାହାଡ-କେନ୍ଦୁଝରଗଡ ନୂତନ ରେଳପଥ ନିର୍ମାଣ ଦାବି, ଜିଲାରେ ଥିବା ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ, ବନ୍ଦ ହୋଇ ପଡ଼ିଥିବା ଶିଳ୍ପ ଗୁଡ଼ିକର ପୁନଃପ୍ରଚଳନ, ଦ୍ୱାରଶୁଣୀ ଘାଟିର ଉନ୍ନତି କରଣ, ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ନିର୍ମାଣ, ହୋମିଓପ୍ୟାଥି ଓ ଆୟୁର୍ବେଦ କଲେଜକୁ ପୁନଃପ୍ରଚଳନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାବାସୀ ଦାବି କରିଆସୁଛନ୍ତି । ଏହି ଦାବିଗୁଡ଼ିକୁ ନେଇ ଉଭୟ ଦଳ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି ସତ, ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟର ଅଗ୍ରଗତି ହୋଇନାହିଁ ।

ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଏହି ଜିଲାକୁ ବିକାଶ ଧାରାରେ ସାମିଲ କରାଯାଇ ପାରି ନ ଥିବାରୁ ଭୋଟରଙ୍କ ମତ ପରିବର୍ତ୍ତନ ହେବ ବୋଲି କୁହାଯାଉଛି । ଗତ ନିର୍ବାଚନରେ ଖାତା ଖୋଲିପାରି ନ ଥିବା କଂଗ୍ରେସ ଦଳ ପ୍ରତି ସମର୍ଥନ ବଢୁଥିବା ବେଳେ ବିଜେଡି ଅକ୍ତିଆରରେ ଜିଲା ପରିପଷଦ ଆସନ ରହିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ସେହିପରି ଭାଜପାର ୬ବିଧାୟକ ଓ ଏମ୍‌ପିଙ୍କ ପାଇଁ ଗଡ଼ ସୁରକ୍ଷା ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ପୌର ଓ ପଞ୍ଚାୟତ ନିର୍ବାଚନରେ ଜିଲାବାସୀ ପୂର୍ଣ୍ଣ ସମର୍ଥନ ଜଣାଇବେ ବୋଲି ଭାଜପା ଆଶାବାଦୀ ଅଛି।

ପ୍ରତ୍ୟେକ କଥାର ସମୟ ଓ ସୀମା ରହିଛି। ଦୀର୍ଘ ଦିନ ଧରି ପାଳିତ ହେଉଥିବା ପ୍ରଥା ସବୁ, ସେହି ସମୟ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲେ। ଏପରି କି ପ୍ରତୀକ ପୂଜାର ପ୍ରଥା ବା ବହୁଦେବତ୍ୱ ପ୍ରଥା ମଧ୍ୟ। ଆମ୍ଭେମାନେ ଅତୀତରେ ଉପଯୋଗିତାକୁ ଅସ୍ୱୀକାର କରିବା ନାହିଁ। କିନ୍ତୁ ବର୍ତ୍ତମାନର ଓ ଭବିଷ୍ୟତର ଉପଯୋଗିତାକୁ ଆମେ ଅଧିକ ଗୁରୁତ୍ୱ ଦେବା ଉଚିତ। –ଶ୍ରୀଅରବିନ୍ଦ

# ଅଧିକାର ପାଇଁ ଆନ୍ଦୋଳନ



**ଆକାର ପଟେଲ**

ବ୍ୟକ୍ତିର ମୌଳିକ ଅଧିକାର ଏବଂ ଦେଶ ବା ସରକାରଙ୍କ ଅଧିକାର ମଧ୍ୟରେ ଆଉ ଏକ ଲଢ଼େଇ ସାମ୍ନାକୁ ଆସିଛି। ଉକ୍ତ ମାମଲା ଏବେ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। ଏଭଳି ଘଟଣା ଆମ ସମୟରେ ପ୍ରାୟତଃ ଲଗାତର ପ୍ରକାଶ ପାଉଛି ଓ ସଂଖ୍ୟାଲଘୁଙ୍କୁ ଚିନ୍ତାରେ ପକାଉଛି। ନିକଟରେ କର୍ଣ୍ଣାଟକରେ ମୁସଲମାନ ଛାତ୍ରୀଙ୍କୁ ହିଜାବ ପରିଧାନ ବାରଣ କରାଯିବା ଫଳରେ ଏହାକୁ ନେଇ ବିବାଦ ଉଠିଛି। ଏହି ମାମଲାରେ ଅନୁଚ୍ଛେଦ ୨୫ ସରକାରଙ୍କୁ ହିଜାବ ପିନ୍ଧିବା ଉପରେ ପ୍ରତିବନ୍ଧକ ଲଗାଇବାର ଅନୁମତି ଦେଇଛି କି ନାହିଁ ତାହା ପ୍ରଥମେ ଦେଖିବାକୁ ପଡ଼ିବ। ଉକ୍ତ ଅନୁଚ୍ଛେଦରେ କୁହାଯାଇଛି ଯେ, ସାର୍ବଜନୀନ ବ୍ୟବସ୍ଥା, ଧର୍ମାଚାର ଓ ସ୍ୱାସ୍ଥ୍ୟ ଏବଂ ଏହି ଭାଗର ଅନ୍ୟ ପ୍ରାବଧାନଗୁଡ଼ିକ ପାଇଁ ସମସ୍ତ ବ୍ୟକ୍ତି ସମାନ ଭାବେ ସେମାନଙ୍କର ମୌଳିକ ଅଧିକାର ପାଇବା ଲାଗି ଯୋଗ୍ୟ ଏବଂ ସ୍ୱାଧୀନ ଭାବେ ଧର୍ମ ଗ୍ରହଣ, ପାଳନ ଓ ପ୍ରଚାର କରିବା ଅଧିକାର ପାଇବା ଲାଗି ହକ୍‌ଦାର। ଏଥିରୁ ବୁଝାପଡୁଛି ଯେ, ଏହି ଅନୁଚ୍ଛେଦରେ ବ୍ୟକ୍ତିଗତ ସ୍ୱାଧୀନତାକୁ ଗୁରୁତ୍ୱ ଦିଆଯାଇଛି। ଛାତ୍ରୀମାନେ କହନ୍ତି ଯେ, ହିଜାବ ପିନ୍ଧିବା ସେମାନଙ୍କ ଧର୍ମୀୟ ପରମ୍ପରା ଏବଂ ସମ୍ବିଧାନ ଏହି ମୌଳିକ ଅଧିକାରକୁ ନିଶ୍ଚିତ କରିଛି। କିନ୍ତୁ ବ୍ୟକ୍ତିମାନେ କ'ଣ କରିବେ ଆଉ କ'ଣ ନ କରିବେ, ସେ ସମ୍ପର୍କରେ ସରକାର ଜୋର୍ ଦେଉଥିବାବେଳେ ନ୍ୟାୟିକ ବ୍ୟବସ୍ଥା ଏହାକୁ ଭିନ୍ନ ଭାବେ ବିଚାର କରିବ ବୋଲି ଆଶା। କିନ୍ତୁ ଏ କ୍ଷେତ୍ରରେ ପ୍ରାୟତଃ ନ୍ୟାୟିକ ବ୍ୟବସ୍ଥାର ରେକର୍ଡ ସେତେ ଭଲ ନୁହେଁ। ଅଧିକାଂଶ ସମୟରେ ଏହା ସରକାରଙ୍କୁ ସମର୍ଥନ କରେ। ଏହି କାରଣରୁ, ଭାରତୀୟମାନଙ୍କ ସ୍ୱାଧୀନତା କାଗଜରେ ସୀମିତ ରହିଛି। ବାସ୍ତବରେ ସେମାନେ ଏହା ପାଇପାରୁନାହାନ୍ତି କି ତାହାକୁ ପ୍ରୟୋଗ କରିପାରୁ ନାହାନ୍ତି। ଏପରି କି ମୌଳିକ ଅଧିକାରଗୁଡ଼ିକୁ ଲଗାତର ଦୁର୍ବଳ କରାଯାଉଛି। ଉଦାହରଣ ସ୍ୱରୂପ, ଭାରତୀୟମାନଙ୍କର ବାକ୍ ସ୍ୱାଧୀନତା ରହିଛି, ହେଲେ ବହୁ ନିୟମ ଗଢାଯାଇ ସ୍ୱାଧୀନ ମତର ଆପରାଧୀକରଣ କରାଯାଇଛି। ଖ୍ରୀଷ୍ଟିଆନମାନଙ୍କୁ ମଧ୍ୟ ସେମାନଙ୍କ ଧର୍ମ ପ୍ରଚାର କରିବା ଲାଗି ଅଧିକାର ପ୍ରଦାନ କରାଯାଇଥିଲା। ହେଲେ ଆଇନ ବଳରେ ଏହି ଅଧିକାର ସେମାନଙ୍କଠାରୁ ଛଡ଼ାଇ ନିଆଗଲା ଏବଂ ଧର୍ମ ପ୍ରଚାର ଏକ ଅପରାଧ ହୋଇଯାଇଛି।

ଭାରତ ସଂଖ୍ୟାଲଘୁ ପାଇଁ କ'ଣ କରୁଛି ତାହାକୁ ହିଜାବ ଘଟଣା ପୁନର୍ବାର ବିଶ୍ୱ ସାମ୍ନାକୁ ଆଣିଛି। ଇଣ୍ଟରନ୍ୟାଶନାଲ ରିଲିଜିଅସ ଫ୍ରିଡମରେ ନିଯୁକ୍ତ ଆମେରିକାର ଆମ୍ବାସାଡର ଶୁକ୍ରବାର ଟୁଇଟ୍ କରିଛନ୍ତି ଯେ, ଧର୍ମୀୟ ପୋଷାକ ଚୟନ କରିବା ଜଣଙ୍କର ଧାର୍ମିକ ଅଧିକାର। କର୍ଣ୍ଣାଟକ ସ୍କୁଲ ଓ କଲେଜରେ ଧର୍ମୀୟ ପୋଷାକ ଉପରେ କଟକଣା ଲଗାଇବାର ଆଇନଗତ ନିଷ୍ପତ୍ତି ନେବା ଉଚିତ ନୁହେଁ। ସ୍କୁଲରେ ହିଜାବ କଟକଣା ଧର୍ମୀୟ ସ୍ୱାଧୀନତାର ଉଲ୍ଲଂଘନ କରୁଛି। ଏହା ମହିଳା ଓ ଝିଅମାନଙ୍କ ପ୍ରତି ଅନ୍ୟାୟ ହୋଇଛି ଓ ସେମାନଙ୍କ ସମ୍ମାନ ହାନି କରିଛି। ଏହି ପରାମର୍ଶକୁ ଗ୍ରହଣ କରାଯିବ ବୋଲି ଆଶା କରାଯାଏ, କିନ୍ତୁ ସମ୍ଭାବନା ନାହିଁ। ଧର୍ମୀୟ ପରମ୍ପରାରେ ହିଜାବର ଆବଶ୍ୟକତା ରହିଛି କି ନାହିଁ ତାହା ନ୍ୟାୟପାଳିକା ଏବେ ନିର୍ଦ୍ଧାରଣ କରିବାକୁ ଚାହୁଁଛି। ଧର୍ମକୁ ବାଦ୍ ଦେଲେ ସାମ୍ପ୍ରତିକ ଘଟଣାର ଏକ ରାଜନୈତିକ ଓ ସାମାଜିକ ଦିଗ ରହିଛି। ଯୁବତୀମାନଙ୍କ ସପକ୍ଷରେ କହିବାକୁ ମୁଁ ଦାବି କରୁନାହିଁ। କିନ୍ତୁ ଭାରତରେ ମୁସଲମାନଙ୍କ ବିରୋଧରେ ଯୋଜନାବଦ୍ଧ ଭାବେ କରାଯାଉଥିବା ଅଭିଯାନରେ ସେମାନଙ୍କୁ ଭୟଭୀତ କରାଯାଉଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ଥଳୀଗୁଡ଼ିକରେ ପ୍ରାର୍ଥନା କରିବାକୁ ସେମାନଙ୍କୁ ରୋକାଯାଉଛି। ନାଗରିକତ୍ୱକୁ ନେଇ ସେମାନଙ୍କ ବିରୋଧରେ ଆଇନଗୁଡ଼ିକ ପାସ୍ କରାଯାଇଛି ଏବଂ କଶ୍ମୀରରେ ବି ଏଭଳି କରାଯାଇଛି। ଏବେ ଛାତ୍ରୀମାନେ ସେମାନଙ୍କ ଧର୍ମ ଓ ସମୁଦାୟ ପାଇଁ ଆନ୍ଦୋଳନ କରୁଛନ୍ତି। ସେଥିପାଇଁ ଜଣେ ଛାତ୍ରୀ ଭିଡ଼ ସମ୍ମୁଖରେ ଏକାକୀ ପ୍ରତିବାଦର ସ୍ୱର ଉଠାଇବାର ଭିଡିଓ ଏବେ ଭାଇରାଲ ହୋଇଛି। ଏହା ସମସ୍ତ ଭାରତୀୟଙ୍କ ପାଇଁ ଏକ ଲଜ୍ଜାଜନକ ଘଟଣା ହେବା କଥା, କିନ୍ତୁ ତାହା ବାସ୍ତବରେ ହେଉ ନାହିଁ କି ହେବ ନାହିଁ ମଧ୍ୟ।

ପ୍ରଶ୍ନ ହେଉଛି, ଏଭଳି ମାନସିକତାରେ ରହୁଥିବା ଛାତ୍ରୀମାନଙ୍କୁ ଯଦି ହିଜାବ ପିନ୍ଧିବା ବାରଣ କରାଯାଏ ତେବେ ପରବର୍ତ୍ତୀ ସମୟରେ କ'ଣ ଘଟିବ ତାହାର ସଙ୍କେତ ସମ୍ପୂର୍ଣ୍ଣ ସ୍ପଷ୍ଟ। ଛାତ୍ରୀମାନଙ୍କୁ ହିଜାବ ପରିଧାନ ବାରଣ କରାଯିବାରୁ ଭାରତରେ ଆନ୍ଦୋଳନ ବ୍ୟାପୁଛି– ଏଭଳି ଏକ ଏକ ଶୀର୍ଷକ ଶୁକ୍ରବାର ସିଏନ୍‌ଏନ୍‌ରେ ପ୍ରକାଶ ପାଇଥିଲା। ଯାହାହେଲେ ବି ମହିଳାମାନେ ହିଜାବ ପିନ୍ଧି ଆସିବା ଜାରି ରଖିବେ। ତେବେ ସରକାର ସେମାନଙ୍କ ଉପରେ ବଳ ପ୍ରୟୋଗ କରିବ କି ନାହିଁ ତାହା ସ୍ଥିର କରିବାକୁ ପଡ଼ିବ। ସେମାନଙ୍କୁ ଶିକ୍ଷାରୁ ବଞ୍ଚିତ କରିବ କି ପରୀକ୍ଷା ହଲ୍‌ରେ ପ୍ରବେଶ କରିବାକୁ ମନା କରିବ ତାହା ମଧ୍ୟ ନିଷ୍ପତ୍ତି ନେବାକୁ ହେବ। ସରକାର କ'ଣ କରିବେ ତାହା ଆକଳନ କରିବା ଏତେ କଷ୍ଟ ନୁହେଁ। ଆଇନଗୁଡ଼ିକରେ ସେମାନଙ୍କ ପ୍ରତି ଅନ୍ୟାୟ କରାଯାଇଛି ବୋଲି ଅନୁଭବ କରି ବହୁଳ ସଂଖ୍ୟକ ନାଗରିକ ଆନ୍ଦୋଳନ କଲେ କ'ଣ ହୁଏ ତାହା ଆମେ ଦେଖିଛେ। ନାଗରିକତ୍ୱ ଆଇନ (ପାସ୍ କରାଯାଇଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଇନାହିଁ) ଏବଂ କୃଷି ଆଇନ ଘଟଣାରେ ସରକାର ଜନସ୍ୱର ସମ୍ମୁଖରେ ମୁଣ୍ଡ ନୁଆଁଇଛନ୍ତି। ଶେଷରେ କୃଷି ଆଇନକୁ ପ୍ରତ୍ୟାହାର କରିଛନ୍ତି। ଉଭୟ ପ୍ରସଙ୍ଗରେ କୋର୍ଟ ଲୋକଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ନ ଥିଲେ ମଧ୍ୟ ସେଥିରେ କିଛି ଫରକ ପଡ଼ିଲା ନାହିଁ। ଏ କ୍ଷେତ୍ରରେ ସେଭଳି ସମାନ ଘଟିବ ବୋଲି ଅନୁମାନ କରାଯାଏ। ପୁନର୍ବାର ଝିଅମାନଙ୍କୁ ସେମାନଙ୍କ ସ୍ୱାଧୀନତା ଫେରାଇବା ସହ ହିଜାବ ପିନ୍ଧିବାକୁ ଅନୁମତି ଦେବା ବ୍ୟତୀତ ଆଉ କିଛି ପରିଣାମ ଦେଖିବାକୁ ମିଳିବ ନାହିଁ। ବିନା ବିବାଦ, ଯୁକ୍ତି କିମ୍ବା ହିଂସାରେ ଏହା ହେବା ଦରକାର। କୋର୍ଟ ଯଥାଶୀଘ୍ର ମୌଳିକ ଅଧିକାର ସପକ୍ଷରେ ରାୟ ଦେବେ ବୋଲି ଆମେ ପ୍ରାର୍ଥନା କରିବା, ଯାହା ଫଳରେ ଛାତ୍ରୀଙ୍କ ପୋଷାକ ଉପରେ ମୁଣ୍ଡ ନ ଖେଳାଇ ଅନ୍ୟ ବିଷୟରେ ଚିନ୍ତା କରିବ।

Email:aakar.patel@gmail.com

# ଏକଲା ଚଲୋରେ



**ଡ. ଛାୟାକାନ୍ତ ଷଡ଼ଙ୍ଗୀ**

ଥରେ ଗ୍ରୀକ୍ ଦାର୍ଶନିକ ଡାୟୋଜିନିସ ବଜାରର ଗୋଟିଏ ଛକରେ ଛିଡ଼ା ହୋଇ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଭାଷଣ ଦେଉଥାଆନ୍ତି। ନିକଟରେ ବହୁ ଲୋକ ଚଳପ୍ରଚଳ ହେଉଥିଲେ। କିନ୍ତୁ କେହି ତାଙ୍କ ଭାଷଣ ଶୁଣିବା ପାଇଁ ଆସୁ ନ ଥିଲେ। କିଛି ସମୟ ପରେ ସେ ହଠାତ୍ ଭାଷଣ ବନ୍ଦ କରି ହୁଇସିଲ୍ ମାରିବା ଆରମ୍ଭ କଲେ। ଚାହୁଁ ଚାହୁଁ ଲୋକଙ୍କ ଭିଡ଼ ବଢ଼ିଗଲା। ତାଙ୍କ ଆଗରେ ଭିଡ଼ ଜମାଇଥିବା ଜନତାଙ୍କୁ ଲକ୍ଷ୍ୟ କରି ଡାୟୋଜିନିସ୍ କହିଲେ, ''କ'ଣ ପାଇଁ ଏହି ଭିଡ଼?'' ଜଣେ ଉତ୍ତର ଦେଲା, ''ଆପଣ ହୁଇସିଲ୍ ମାରିଲେ। ଏଣୁ ଆମେ କୌତୂହଳବଶତଃ ଜମା ହୋଇଗଲୁ।'' ଡାୟୋଜିନିସ କହିଲେ, ''ମଣିଷ ଅଭାବରୁ ଏଭଳି ଦୁର୍ଭାଗ୍ୟଜନକ ପରିସ୍ଥିତି ଉପୁଜୁଛି। ଯେତେବେଳେ ମୋର ଶ୍ରୋତା ଦରକାର ଥିଲା ଓ ମୁଁ କିଛି ଗୁରୁତ୍ୱପୂର୍ଣ୍ଣ କଥା କହୁଥିଲି, ତୁମ୍ଭମାନଙ୍କ ମଧ୍ୟରୁ କେହି ଜଣେ ବି ଆସିଲ ନାହିଁ। ଅଥଚ ମୋର ଅର୍ଥହୀନ ହୁଇସିଲ୍ ଶବ୍ଦ ଶୁଣି ଏତେ ବଡ଼ ଭିଡ଼ ଜମାଇଦେଲ।'' ଆଜି ମଧ୍ୟ ବହୁ ଦାର୍ଶନିକ, ସତ୍ୟନିଷ୍ଠ ଓ ଅନୁଭବୀ ବ୍ୟକ୍ତିମାନଙ୍କ ଅବସ୍ଥା ଠିକ୍ ଡାୟୋଜିନିସ୍‌ଙ୍କ ଭଳି। ଏହିଭଳି କିଛି ଲୋକ ଅଛନ୍ତି, ଯେଉଁମାନେ ନିଜସ୍ୱ ଅନୁଭୂତି ଓ ଅଭିଜ୍ଞତାରୁ ଏବଂ ବହୁବିଧ ପୁସ୍ତକ ଅଧ୍ୟୟନରୁ ଜ୍ଞାନ ଅର୍ଜନ କରନ୍ତି ଓ ତାକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିବା ପାଇଁ ଚାହାନ୍ତି। ମାତ୍ର ସେମାନଙ୍କ କଥା ଶୁଣିବା ପାଇଁ ଅନ୍ୟମାନଙ୍କ ପାଖରେ ସମୟ ନ ଥାଏ ବା ଆଗ୍ରହ ନ ଥାଏ। ସେତେବେଳେ ସେମାନଙ୍କ ମନରେ ପ୍ରଶ୍ନ ଆସେ ଏତେ ଅଧ୍ୟୟନ କରି ଜ୍ଞାନାର୍ଜନ କରିବା ଅର୍ଥହୀନ। ଏହି ପ୍ରସଙ୍ଗରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର କହିଥିଲେ, ''ଯଦି ତୋର ଡାକ୍ ଶୁନେ କେଉ ନ ଆସେ, ତବେ ଏକଲା ଚଲୋରେ।'' ନିଜେ ଅନୁଭବ କରିଥିବା ସତ୍ୟକୁ ଯଦି କେହି ଶୁଣୁନାହାନ୍ତି, ତେବେ ଏକଲା ଚାଲିବାକୁ ହେବ। ଗାନ୍ଧିଜୀ ମଧ୍ୟ ଏହି ଦର୍ଶନରେ ବିଶ୍ୱାସ କରୁଥିଲେ। ଏଣୁ ସେ ନୂଆଖାଲି ଓ କଲିକତାରେ ସାମ୍ପ୍ରଦାୟିକ ଦଙ୍ଗାର ନିଆଁକୁ ଲିଭାଇବା ବେଳେ ରବୀନ୍ଦ୍ରନାଥଙ୍କ ଏକଲା ଚଲୋରେ ଗୀତକୁ ପସନ୍ଦ କରୁଥିଲେ।

ପୃଥିବୀରେ ବହୁ ମହାମନୀଷୀ ଏହିଭଳି ଏକେଲା ଚାଲିଛନ୍ତି। ଗ୍ରୀକ୍‌ମନୀଷୀ ସକ୍ରେଟିସ୍ ବ୍ୟକ୍ତିର ବିଚାରବୋଧ, ମତ ସ୍ଥାପନର ସ୍ୱାଧୀନତା ଓ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଯାହା କହୁଥିଲେ ତତ୍କାଳୀନ ରାଷ୍ଟ୍ରଶାସନ ତାକୁ ଗ୍ରହଣ କରି ନ ଥିଲା। ସେ କହୁଥିଲେ, ''ସମଗ୍ର ସଂସାର ତୁମକୁ ବିରୋଧ କଲେ ମଧ୍ୟ ତୁମ ହୃଦୟ ଯଦି କହୁଛି ତୁମେ ଯାହା କରୁଛ ଠିକ୍ କରୁଛ, ତେବେ ତୁମେ ଅବିଚଳିତ ଭାବରେ ହୃଦୟର କଥା ଶୁଣ।'' ମାତ୍ର ରାଷ୍ଟ୍ରନେତାମାନେ ତାଙ୍କ କଥା ଗ୍ରହଣ କଲେ ନାହିଁ। ତଥାପି ସେ ଏକଲା ଚାଲିଲେ ଓ ଶେଷରେ ତତ୍କାଳୀନ ରାଷ୍ଟ୍ରଦଣ୍ଡକୁ ଗ୍ରହଣ କରି ବିଷପାନ କଲେ। ଇଟାଲୀର ଜିଓର୍ଦାନୋ ବ୍ରୁନୋ କୋପରନିକସ୍‌ଙ୍କୁ ସମର୍ଥନ କରି କହିଲେ, ସୂର୍ଯ୍ୟଙ୍କ ଚାରିପଟେ ପୃଥିବୀ ଘୂରୁଛି। ଏହା ଧର୍ମଗ୍ରନ୍ଥ ବାଇବେଲର ବିରୁଦ୍ଧାଚରଣ କରୁଥିବାରୁ ଧର୍ମଯାଜକମାନଙ୍କ ଦ୍ୱାରା ସେ ଧର୍ମଦ୍ରୋହୀ ଘୋଷିତ ହେଲେ। ମାତ୍ର ବ୍ରୁନୋ ତାଙ୍କ ମତରେ ଦୃଢ଼ ରହିଲେ। ତାଙ୍କ ଜିଭକୁ ତୀକ୍ଷ୍ଣ ଅସିଧାରରେ କାଟି ଦିଆଗଲା, ଯେପରି ସେ କହିପାରିବେ ନାହିଁ ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରୁଛି ବୋଲି। ତା'ପରେ ତାଙ୍କୁ ପୁଣି ଜୀବନ୍ତ ଦାହ କରାଗଲା। ମାତ୍ର ତା'ର ପ୍ରାୟ ତିନି ଶହ ବର୍ଷ ପରେ ଭାଟିକାନ୍ କୋପରନିକସ୍‌ଙ୍କ ଆବିଷ୍କୃତ ସତ୍ୟକୁ ସ୍ୱୀକାର କଲା। ଦିନେ ଯେଉଁ ମହାମନୀଷୀମାନଙ୍କ କଥାକୁ ସମାଜ ଗ୍ରହଣ କରୁନଥିଲା, ପରବର୍ତ୍ତୀ ସମୟରେ ସେହି ସମାଜ ଓ ସେହି ରାଷ୍ଟ୍ର ତାକୁ ସ୍ୱୀକୃତି ଦେଲା। ମାତ୍ର ଏଥିପାଇଁ ସେହି ମହାମନୀଷୀମାନଙ୍କୁ ଏକଲା ଚାଲିବାକୁ ପଡ଼ିଥିଲା। ଏହିଭଳି ଘଟଣା ପ୍ରବାହର ଏବେ ବି ଅନ୍ତ ହୋଇନାହିଁ। ଏହାହିଁ ବିଡ଼ମ୍ବନା। ତା' ସତ୍ତ୍ୱେ ରବୀନ୍ଦ୍ରନାଥଙ୍କ ଆହ୍ୱାନ ଥିଲା ଏକଲା ଚଲୋରେ। ସତ୍ୟ ଉପଲବ୍ଧି କରିଥିବା ବ୍ୟକ୍ତି ଅନ୍ୟ କାହାକୁ ତା' ଇଚ୍ଛା ବିରୋଧରେ ଜୋର କରି ଶୁଣାଇବାର ଆବଶ୍ୟକତା ନାହିଁ। ଗୀତାରେ ଭଗବାନ୍ ଅର୍ଜୁନଙ୍କୁ କହିଛନ୍ତି: ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ/ ନ ଚାଶୁଶ୍ରୁଷବେ ବାଚ୍ୟଂ ନ ଚ ମାଂ ଯୋଽ ଭ୍ୟସୂୟତି। ଅର୍ଥାତ୍ ଏହି ଗୁହ୍ୟବଚନ ତୁମେ ଯିଏ କଷ୍ଟ ସହିପାରେ ନାହିଁ (ଅତପସ୍ୱୀ), ଯାହାର ଶ୍ରଦ୍ଧା ନାହିଁ (ଅଭକ୍ତ), ଯିଏ ଶୁଣିବା ପାଇଁ ଅନିଚ୍ଛୁକ ଓ ଯାହାର ଦୋଷଦୃଷ୍ଟି ଅଛି ସେମାନଙ୍କୁ କହିବ ନାହିଁ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କାହାଣୀ।

ଜଣେ ଜମିଦାରଙ୍କ ଉଦ୍ୟାନରେ ଥିବା ଏକ କୁଟିରରେ ରହୁଥାନ୍ତି ଜଣେ ତପସ୍ୱୀ। ତିନିଜଣ ଜିଜ୍ଞାସୁ ଭକ୍ତଙ୍କୁ ସେ ବୁଝାଉଥା'ନ୍ତି ମଣିଷର ପ୍ରକୃତ ପରିଚୟ କ'ଣ, ସେ କେଉଁଠୁ ଆସିଛି, କେଉଁଠାକୁ ଯିବ ଇତ୍ୟାଦି। ତପସ୍ୱୀଙ୍କ ବୁଝାଇବା ଶୈଳୀରେ ମୁଗ୍ଧ ହୋଇ ପାଖରେ ଛିଡ଼ା ହୋଇଥିବା ଜମିଦାରଙ୍କ ସ୍ତ୍ରୀ ତପସ୍ୱୀଙ୍କୁ କହିଲେ, ''ମହାଭାଗ! ଆସନ୍ତାକାଲି ମୋର ତିନିଜଣ ବାନ୍ଧବୀ ଏଠାକୁ ବୁଲିବାକୁ ଆସିବେ। ତତ୍ତ୍ୱ କଥା ଶୁଣିବାର ସୁଯୋଗ ସେମାନେ କେବେ ପାଉ ନ ଥିବେ। ଏଣୁ ଆପଣଙ୍କୁ ଅନୁରୋଧ, ଆପଣ ସେମାନଙ୍କୁ କିଛି ତତ୍ତ୍ୱ କଥା ଶୁଣାଇବେ।'' ତପସ୍ୱୀ ନୀରବ ରହିଲେ। ପରଦିନ ପହଞ୍ଚିଲେ ତିନି ବାନ୍ଧବୀ। ଜଣେ ବିଚାରକଙ୍କ ପତ୍ନୀ, ଜଣେ ହାକିମଙ୍କ ପତ୍ନୀ ଓ ଆଉ ଜଣେ ବ୍ୟବସାୟୀଙ୍କ ପତ୍ନୀ। ସେମାନେ ତପସ୍ୱୀଙ୍କୁ ପ୍ରଣାମ କରି ଗୋଟିକ ପରେ ଗୋଟିଏ ଅନେକ ପ୍ରଶ୍ନ ପଚାରୁଥା'ନ୍ତି। ପ୍ରଶ୍ନଗୁଡ଼ିକ ଥିଲା, ଈଶ୍ୱର ବ୍ରହ୍ମାଣ୍ଡ ସୃଷ୍ଟି କଲେ କାହିଁକି? ମୃତ୍ୟୁ ପରେ ଆତ୍ମା କୁଆଡ଼େ ଯାଏ? ଏଭଳି ଅନେକ ପ୍ରଶ୍ନ। ତପସ୍ୱୀ ସେମାନଙ୍କ ପ୍ରଶ୍ନଗୁଡ଼ିକୁ ପ୍ରଶଂସା କଲେ, ମାତ୍ର ଉତ୍ତର ନ ଦେଇ ସହରର ଜଳବାୟୁ ପରିବେଶ, ଲୋକଚରିତ୍ର ଆଦି ବିଷୟରେ ଜାଣିବାକୁ ଚାହିଁଲେ ଓ କିଛି ସମୟ ପରେ ଦିବାହାର ପାଇଁ ଉଠି କହିଲେ ସେ ପ୍ରଶ୍ନଗୁଡ଼ିକର ଉତ୍ତର ଆଉ ଦିନେ ଦେବେ ଓ ଚାଲିଗଲେ। ଜମିଦାରଙ୍କ ପତ୍ନୀ ଦୁଃଖିତ ହେଲେ। ତା'ପରଦିନ ତପସ୍ୱୀ ଜଣେ ବ୍ୟକ୍ତିଙ୍କୁ ଜମିଦାରଙ୍କ ପତ୍ନୀଙ୍କ ନିକଟକୁ ପଠାଇଲେ। ଲୋକଟିକୁ ଗାଁ ସାରା ଲୋକେ ଠକ ବୋଲି ଜାଣନ୍ତି। ସେ ଯାଇ ଗୋଟିଏ ରାତି ପାଇଁ ଜମିଦାରଙ୍କ ପତ୍ନୀଙ୍କୁ ସୁନାହାରଟିଏ ମାଗିଲା। ଜମିଦାରଙ୍କ ପତ୍ନୀ ତାକୁ ଗାଳିକରି ଫେରାଇଦେଲେ। ସନ୍ଧ୍ୟା ସମୟରେ ସେ ତପସ୍ୱୀଙ୍କୁ ସାକ୍ଷାତ୍ କରିବାକୁ ଯାଆନ୍ତେ ତପସ୍ୱୀ କହିଲେ, ''ଆଜି ରାତିଟା ପାଇଁ ତୁମେ ମୋତେ ତୁମର ସୁନାହାରଟି ଦେଇପାରିବ?'' ସଙ୍ଗେ ସଙ୍ଗେ ମହିଳା ଜଣକ ହାରଟିକୁ ବଢ଼ାଇ ଦେଇ କହିଲେ, ''ମହାଭାଗ! ଆଉ କିଛି ଅଳଙ୍କାର ଦରକାର ହେଲେ ବି ମୁଁ ଦେବି।'' ତପସ୍ୱୀ କହିଲେ, ''ତାହେଲେ ଆଜି ଉପରଓଳି ତୁମ ଗାଁର ସେହି ଲୋକଟିକୁ ହାର ଦେଲ ନାହିଁ କାହିଁକି?'' ମହିଳା କହିଲେ, ''ମହାଭାଗ! ସେ ଜଣେ ଠକ। ମୁଁ ତାକୁ ବିଶ୍ୱାସ କରନ୍ତି କିପରି?'' ତପସ୍ୱୀ ଉତ୍ତର ଦେଲେ, ''ସୁନାହାର ଏକ ସ୍ଥୂଳ ସଂପଦ। ତୁମେ ତାକୁ ଜଣେ ଅଯୋଗ୍ୟ ଲୋକକୁ ଦେବାକୁ ପ୍ରସ୍ତୁତ ନୁହଁ। ବ୍ରହ୍ମଜ୍ଞାନ ହେଉଛି ଅତ୍ୟନ୍ତ ସୂକ୍ଷ୍ମ। ତାକୁ ମୁଁ କେତେଜଣ ଭ୍ରମର ବିଳାସିନୀଙ୍କୁ ଦିଅନ୍ତି କିପରି? ଜ୍ଞାନ ପାଇଁ ଲୋଡ଼ା ତୀବ୍ର ଅଭୀପ୍ସା, ବ୍ୟାକୁଳ ଅନୁସନ୍ଧିତ୍ସା ଓ ଗଭୀର ନମ୍ରତା।'' ଏଥିପାଇଁ ଭଗବାନ୍ କେବଳ ପ୍ରକୃତ ଜିଜ୍ଞାସୁ, କଷ୍ଟସହିଷ୍ଣୁ, ଶ୍ରଦ୍ଧାବାନ୍ ଓ ଆଗ୍ରହୀ ବ୍ୟକ୍ତିଙ୍କୁ ତତ୍ତ୍ୱ କହିବା ପାଇଁ ଅର୍ଜୁନଙ୍କୁ କହିଥିଲେ।

ନିରଞ୍ଜନା ନଦୀକୂଳରେ ପ୍ରାୟ ଛଅ ବର୍ଷ କାଳ ନାମକୁମାତ୍ର ଆହାର ଗ୍ରହଣ କରି ଅଶେଷ କ୍ଲେଶ ମଧ୍ୟରେ ଗୌତମ ତପସ୍ୟା କରୁଥା'ନ୍ତି। ଶେଷରେ ଖାଦ୍ୟ ବିନା ପ୍ରାୟ ଚେତାଶୂନ୍ୟ ଅବସ୍ଥାକୁ ପ୍ରାପ୍ତ ହେବାବେଳେ ଜଣେ ଗ୍ରାମକନ୍ୟା ସୁଜାତାଠାରୁ ସେ ଖାଦ୍ୟ ଗ୍ରହଣ କଲେ। ସେ ଉପଲବ୍ଧି କଲେ ଯେ, ଶରୀରର ସ୍ୱାଭାବିକତାକୁ ଅତୁଟ ରଖି ସାଧନା କରାଯିବା ଠିକ୍। ତା'ପରେ ସେ ଆବଶ୍ୟକ ଖାଦ୍ୟ ଗ୍ରହଣ କରି ସାଧନା ଅବ୍ୟାହତ ରଖିଲେ। ଗୌତମଙ୍କ ପାଖରେ ରହୁଥିଲେ ପାଞ୍ଚଜଣ ଜିଜ୍ଞାସୁ– ମହାନାମ, କୌଣ୍ଡିନ, ଭାଦୀୟ, ବପ୍ପ ଓ ଅଶ୍ୱଜିତ। ସତ୍ୟ ଆୟତ୍ତ କରିପାରିଲେ ଗୌତମ ସେମାନଙ୍କୁ ତାହା ପ୍ରଦାନ କରିବେ ଏହି ଆଶାରେ ସେମାନେ ତାଙ୍କର ପରିଚର୍ଯ୍ୟା କରୁଥିଲେ। ମାତ୍ର ସୁଜାତା ନିବେଦିତ ଖାଦ୍ୟ ଗୌତମ ଗ୍ରହଣ କଲା ପରେ ସେମାନେ ଭାବିଲେ ଗୌତମ ଯୋଗଚ୍ୟୁତ ହୋଇଛନ୍ତି। ଏଣୁ ସେମାନେ ତାଙ୍କୁ ତ୍ୟାଗ କଲେ। ଗୌତମ ହୋଇଗଲେ ଏକଲା। ସେହି ଏକଲା ଅବସ୍ଥାରେ ହିଁ ସେ ସତ୍ୟର ଉପଲବ୍ଧି କଲେ। ବୁଦ୍ଧତ୍ୱ ପ୍ରାପ୍ତ ହେବା ପରେ ସେହି ପାଞ୍ଚଜଣ ହିଁ ପ୍ରଥମେ ଗୌତମଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଧର୍ମ ପ୍ରଚାରର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ କମ୍ କ୍ଲେଶ ପାଇନାହାନ୍ତି। ରକ୍ଷଣଶୀଳମାନେ ତାଙ୍କୁ ନିର୍ମମ ଭାବରେ ବର୍ଜନ କରିଛନ୍ତି। ବୁଦ୍ଧ ମଧ୍ୟ ଲୋକଙ୍କ ପାଖରେ ଅଭୀପ୍ସା ନ ଥିଲେ ଦୀକ୍ଷା ଦେଉନଥା'ନ୍ତି। ସେ ସମ୍ପର୍କରେ ରହିଛି ଏକ ଜନଶ୍ରୁତି। ଦିବ୍ୟାନନ୍ଦର ବାର୍ତ୍ତା ପ୍ରଚାର କରିବା ପାଇଁ ବୁଦ୍ଧ ଗାଁ ଗାଁ ବୁଲୁଥିଲେ। ଦିନେ ଗୋଟିଏ ଗାଁର ଉପାନ୍ତରେ ବୃକ୍ଷ ତଳେ କ୍ଲାନ୍ତ ହୋଇ ବସି ପଡ଼ିଲେ। ଜଣେ ଶିଷ୍ୟ ତାଙ୍କୁ ପଚାରିଲେ– ପ୍ରଭୁ, ଆପଣଙ୍କର ନିମିଷକେ ସମସ୍ତଙ୍କୁ ଦିବ୍ୟଜ୍ଞାନ ଦେଇପାରିବାର ଶକ୍ତି ଅଛି। ତାହା ନ କରି ଆପଣ ଏତେ କଷ୍ଟ ସ୍ୱୀକାର କରୁଛନ୍ତି କାହିଁକି? ବୁଦ୍ଧଦେବ କହିଲେ– ''ଯାଅ, ନିକଟସ୍ଥ ଗାଁର ଲୋକମାନଙ୍କୁ ପଚାର, ସେମାନେ କ'ଣ ଚାହାନ୍ତି?'' ଶିଷ୍ୟଜଣଙ୍କ ଏହି ପ୍ରଶ୍ନର ଉତ୍ତରରେ ଜଣେ କହିଲେ, ସେ ନିଃସନ୍ତାନ। ଏଣୁ ସନ୍ତାନଟିଏ ପାଇଲେ ଖୁସି ହେବେ। ଜଣେ କହିଲେ, ତାଙ୍କ କନ୍ୟା ପାଇଁ ଉପଯୁକ୍ତ ବରପାତ୍ରଟିଏ ପାଇଲେ ଖୁସିହେବେ। ଆଉ ଜଣେ କହିଲେ, ସେ ବଡ଼ କୋଠାଟିଏ ତିଆରି କରିପାରିଲେ ଖୁସି ହେବେ। ବୁଦ୍ଧ ଶିଷ୍ୟଙ୍କୁ ପଚାରିଲେ– ''କେତେଜଣ କହିଲେ ଯେ ଜ୍ଞାନାଲୋକ ପାଇଲେ ସେମାନେ ଆନନ୍ଦିତ ହେବେ?'' ଶିଷ୍ୟ ଉତ୍ତର ଦେଲେ, ''ପ୍ରଭୁ, କେହି ଜଣେ ବି ସେ କଥା କହିନାହାନ୍ତି।'' ବୁଦ୍ଧ କହିଲେ, ''ତା'ହେଲେ ଯାହା ଜଣକର ଲୋଡ଼ା ନାହିଁ, ଯାହା ପାଇବା ପାଇଁ ଜଣକର ଆଗ୍ରହ ନାହିଁ, ମୁଁ ତାକୁ ତାହା ଦେବି କେମିତି?'' ବୁଦ୍ଧଙ୍କ ଭଳି ଅନେକ ମହାମନୀଷୀଙ୍କୁ ଶ୍ରୋତା ନ ପାଇ ଏକଲା ଚାଲିବାକୁ ହୋଇଥିଲା। ଏଣୁ ଲୋକଙ୍କ ମନରେ ଶୁଣିବା ପାଇଁ ଆସ୍ପୃହା ଜାଗରିତ ନ ହେବା ପର୍ଯ୍ୟନ୍ତ ଉପଲବ୍ଧ ଜ୍ଞାନକୁ ସେମାନଙ୍କୁ ଜୋର କରି ଶୁଣାଇବା ଆବଶ୍ୟକ ନାହିଁ। ସେହି ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ। ବୁଦ୍ଧଦେବଙ୍କୁ ମଧ୍ୟ ଅପେକ୍ଷା କରିବାକୁ ପଡ଼ିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଭାରତବ୍ୟାପୀ ତାଙ୍କ କଥା ଲୋକେ ଶୁଣିଲେ ଓ ବୌଦ୍ଧଧର୍ମ ସାରା ପ୍ରାଚ୍ୟରେ ପ୍ରାଧାନ୍ୟ ବିସ୍ତାର କଲା। କବି ଭବଭୂତି ନିଜ ସମୟରେ ଅବହେଳିତ ହୋଇ କହିଥିଲେ, 'ଉତ୍ପତ୍ସ୍ୟତେଽସ୍ତି ମମ କଶ୍ଚିତ୍ ସମାନଧର୍ମା/ କାଳୋହ୍ୟୟଂ ନିରବଧି ବିପୁଳାଶ୍ଚ ପୃଥ୍ୱୀ।' ଅର୍ଥାତ୍ ଏହି ସଂସାର ବିଶାଳ ଓ କାଳ ଅନନ୍ତ। ଏହି ଅନନ୍ତ କାଳ ମଧ୍ୟରେ ମୋ ସମଧର୍ମା ବ୍ୟକ୍ତି ଦିନେ ନିଶ୍ଚୟ ଜନ୍ମନେବେ ଓ ମୋ ଲେଖାର ପ୍ରକୃତ ମୂଲ୍ୟାୟନ କରିବେ। ଏକଲା ଚାଲୁଥିବା ମନୀଷୀମାନଙ୍କର ଏହାହିଁ ମନ୍ତ୍ର ହେଉ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ: ୯୪୩୭୩୨୯୨୬୩

# ଗାନ୍ଧୀଙ୍କ ଉପାସିକା

**ବ୍ୟକ୍ତିତ୍ୱ**



ପ୍ରଭାବେନ୍ ଶାହା

ମହାମାନବ ମହାତ୍ମା ଗାନ୍ଧୀ ୧୯୪୨ରେ ଯେତେବେଳେ ଭାରତ ଛାଡ଼ ଆନ୍ଦୋଳନ ଡାକରା ଦେଇଥିଲେ ସେତେବେଳେ ତାଙ୍କୁ ୧୨ ବର୍ଷ ବୟସ ହୋଇଥିଲା। କମ୍ ବୟସରେ ବର୍ଦ୍ଦୋଳି ସ୍ୱରାଜ ଆଶ୍ରମ ସହ ସଂଶ୍ଳିଷ୍ଟ ହୋଇଥିବା ପ୍ରଭାବେନ୍ ଶାହା ଆସନ୍ତା ଫେବୃୟାରୀ ୨୦ରେ ୯୩ ବର୍ଷ ବୟସରେ ପଦାର୍ପଣ କରିବେ। ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ଲାଗି ପ୍ରତିଜ୍ଞା କରି ସେ ଏକ ଝୋଟ ଅଖାକୁ ବିଛଣା ଭାବେ ବ୍ୟବହାର କରିଥିଲେ। ବ୍ରିଟିଶ ସାମଗ୍ରୀ ବର୍ଜନ ଲକ୍ଷ୍ୟରେ ସେ ସ୍କୁଲରେ ଚରଖା ମାଧ୍ୟମରେ ଖଦି ମଧ୍ୟ ତିଆରି କରିଥିଲେ। ଗାନ୍ଧିଜୀଙ୍କ ସହିତ ମିଶି କାମ କରିବା ବେଳେ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ। ଭାରତ ସ୍ୱାଧୀନ ହେବା ପରେ ସେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ, ପ୍ରାକୃତିକ ବିପର୍ଯ୍ୟୟ ବେଳେ ରିଲିଫ୍ ଦେବା ଏବଂ ପଡ଼ୋଶୀ ଦେଶ ସହ ଯୁଦ୍ଧ ବେଳେ ଆବଶ୍ୟକ ହେଉଥିବା ସେବାରେ ନିଜକୁ ନିୟୋଜିତ କରିଥିଲେ। ନିଃସ୍ୱାର୍ଥପର ସେବା ଯୋଗୁ ସେ ୨୦୨୨ ମସିହା ସକାଶେ ଭାରତ ସରକାରଙ୍କ ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ' ପାଇବେ ବୋଲି ଘୋଷଣା ହେବା ପରେ ଏହି ବୟସ୍କା ମହିଳାଙ୍କ ସେବା ବିଷୟରେ ବହୁ କଥା ଜଣାପଡ଼ିଛି।

ପ୍ରଭାବେନ୍ ସପ୍ତମରେ ପଢୁଥିବା ବେଳେ ତାଙ୍କ ପାଠରେ ଡୋରି ବନ୍ଧା ଯାଇଥିଲା। ସେତେବେଳେ ଗୁଜରାଟ ବିଦ୍ୟୁତ୍ ବୋର୍ଡରେ କାର୍ଯ୍ୟରତ ଥିବା ସୁବାସଙ୍କୁ ବିବାହ କରିଥିଲେ। ସ୍ୱାମୀଙ୍କ ବଦଳି ହେଲା ବେଳକୁ ତାଙ୍କ ବଡ଼ ଝିଅ ମାତ୍ର ଦେଢ଼ ବର୍ଷର। ୧୯୬୦ରେ ବର୍ଦ୍ଦୋଳିର ସେହି ଅଞ୍ଚଳରେ ପଢ଼ିବା ପାଇଁ ସ୍କୁଲ ନ ଥିଲା। ଶିକ୍ଷାର ବିକାଶ ଲାଗି ସେ ଗୁଜରାଟୀ ଭାଷାର 'ବାଲ୍ ମନ୍ଦିର' ଖୋଲିଥିଲେ। ପ୍ରଥମେ ସେ ସେଠାରେ ତାଙ୍କ ଝିଅ ଓ ପଡ଼ୋଶୀଙ୍କ ପିଲାଙ୍କୁ ନିଜେ ପଢ଼ାଇଥିଲେ। ସମୟକ୍ରମେ ଶିକ୍ଷା ପ୍ରତି ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବା ପରେ ସେ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। ସେମାନଙ୍କୁ ଦରମା ଦେବା ଲାଗି ପ୍ରଭାବେନ୍ ଏକ ଖଦି ଆଶ୍ରମରେ କିରାଣି ଭାବେ କାର୍ଯ୍ୟ କରିଥିଲେ। ସ୍କୁଲ ଠିକ୍ ଭାବେ ଚାଲିବାର ଦୁଇ ବର୍ଷ ପରେ ତାଙ୍କ ସ୍ୱାମୀଙ୍କ ବଦଳି ଡାମନ୍‌କୁ ହୋଇଯାଇଥିଲା। ସେଠାରେ ମଧ୍ୟ ସେ କୌଣସି ସ୍କୁଲ ପାଇ ନ ଥିଲେ। ସିଧାସଳଖ ବିଦ୍ୟାଳୟ ନ ଖୋଲି ସେ ଡାମନ ମହିଳା ମଣ୍ଡଳ ଗଠନ କରିଥିଲେ ଓ ତାହାରି ମାଧ୍ୟମରେ ଏକ ସ୍କୁଲ ଖୋଲିଥିଲେ। ୧୯୬୩ରେ ଡାମନ ମହିଳା ମଣ୍ଡଳ ସରକାରୀ ଭାବେ ସ୍ୱୀକୃତ ହୋଇଥିଲା। ସେତେବେଳେ ମହିଳାଙ୍କୁ ଏକତ୍ରିତ କରି ଏକ ନାରୀ ସଙ୍ଗଠନ ଗଢ଼ିବା ସାହସର କଥା ଥିଲା। କାରଣ ପରଦା ପଛରେ ମହିଳାଙ୍କୁ ରଖାଯାଉଥିଲା ଓ ସେମାନେ ବାହାରକୁ ବାହାରିବାକୁ ଡରୁଥିଲେ। କାଳେ କେଉଁଠି ଅସୁବିଧା ହେବ ପ୍ରଭାବେନ୍ ନିଜ ଘରେ ମହିଳାଙ୍କୁ ଡାକି ବୈଠକ କରୁଥିଲେ। ସେଠାରେ ବିଭିନ୍ନ ପ୍ରସଙ୍ଗରେ ଖୋଲାରେ ଆଲୋଚନା କରାଯାଇପାରୁଥିଲା। ପ୍ରଭାବେନ୍ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ଦୁଇଟି ଇଂଲିଶ୍ ମାଧ୍ୟମ ସ୍କୁଲ ସହ ଆଉ ଏକ ଗୁଜରାଟୀ ଭାଷାର ସ୍କୁଲ ଖୋଲିଥିଲେ। ଏପରି କି ନାରୀଙ୍କୁ ସାକ୍ଷର କରିବା ଲାଗି ରାତିରେ ସେମାନେ ଘରକାମ ସାରିଲା ପରେ ସମସ୍ତଙ୍କୁ ଏକାଠି କରି ଶିକ୍ଷାର ଗୁରୁତ୍ୱ ବିଷୟରେ ବୁଝାଉଥିଲେ। ଅଧିକାଂଶ ସମୟରେ ବିଦ୍ୟୁତ୍ ସେବା ମିଳିପାରୁ ନ ଥିବାରୁ ମହମବତି ମାଧ୍ୟମରେ ପଢ଼ାକାର୍ଯ୍ୟ ଚାଲୁଥିଲା। ଏସବୁଥିରେ ସଫଳତା ପାଇବା ପରେ ସେ ଅନ୍ୟ ମହିଳାଙ୍କୁ ନେଇ ମହିଳା ଋଣ ପ୍ରଦାନକାରୀ ସମିତି ଗଠନ କରିଥିଲେ। ତାହାରି ମାଧ୍ୟମରେ ସ୍ଥାନୀୟ ମହିଳାମାନେ ପାପଡ଼ ତିଆରି, ସିଲେଇ କରିବା, ତେଜରାତି ଦୋକାନ ସକାଶେ ସେହିଠାରୁ ଋଣ ନେଇପାରୁଥିଲେ। ଶିକ୍ଷା, ନାରୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପରେ ସେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଗକୁ ବଢ଼ିଥିଲେ। ଏପରି କି ସରକାରୀ ଡାକ୍ତରଖାନା ପରିସରରେ ସେ ଏକ ନିରାମିଷ କ୍ୟାଣ୍ଟିନ୍ କରି ରୋଗୀଙ୍କ ସମ୍ପର୍କୀୟଙ୍କୁ ଭୋଜନର ସୁବିଧା କରିଥିଲେ। ଏହା ପରେ ତାଙ୍କ ଚିନ୍ତାଧାରା ଆହୁରି ବ୍ୟାପକ ହୋଇଥିଲା। ୧୯୬୫ ଓ ୧୯୭୧ ଯୁଦ୍ଧରେ ଶହୀଦ ହୋଇଥିବା ପରିବାରବର୍ଗଙ୍କୁ ଆର୍ଥିକ ସାହାଯ୍ୟ କରିବା ଦିଗରେ ମହିଳା ମଣ୍ଡଳ ମଧ୍ୟ ସକ୍ରିୟ ହୋଇଥିଲା। ସୈନିକମାନେ ସୀମାନ୍ତରେ ଲଢୁଥିବାରୁ ସେମାନଙ୍କ ପାଇଁ ମହିଳା ମଣ୍ଡଳର ସଦସ୍ୟମାନେ ସ୍ୱେଏଟର ବୁଣି ପଠାଉଥିଲେ। ୧୯୮୪ ଭୋପାଳ ଗ୍ୟାସ୍ ଦୁର୍ଘଟଣାର ଦୁର୍ଗତଙ୍କ ପାଇଁ କ୍ଲଥ୍ ବ୍ୟାଙ୍କ୍ ଜରିଆରେ ସେମାନଙ୍କ ନିକଟକୁ ଲୁଗା ମଧ୍ୟ ପଠାଇବାର ବନ୍ଦୋବସ୍ତ କରାଯାଇଥିଲା।

ଶିଶୁଙ୍କଠାରୁ ମହିଳା ଓ ବୟସ୍କଙ୍କ ଉତ୍ଥାନ ପାଇଁ ସେ ଯେତେସବୁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ସେଥିରେ ତାଙ୍କ ସ୍ୱାମୀଙ୍କ ଦରମାର ଭାଗ ବହୁତ ଥିଲା। ନିଜ ପରିବାର ପାଇଁ ଅଳ୍ପ ଖର୍ଚ୍ଚ କରି ସ୍ୱାମୀଙ୍କ ମାସିକ ଦରମା ୨୫୦ ଟଙ୍କାରୁ କିଛି କିଛି ସଞ୍ଚୟ କରି ସେ ଏଭଳି ଜନହିତକର କାର୍ଯ୍ୟ କରୁଥିଲେ। ବାସ୍ତବରେ ଗାନ୍ଧିଜୀଙ୍କ ଆଦର୍ଶ ଓ କାର୍ଯ୍ୟର ଯଥାର୍ଥ ଉପାସିକା ଭାବେ ପ୍ରଭାବେନ୍ ଜୀବନବ୍ୟାପୀ ନେଇଥିବା ପଦକ୍ଷେପ ତାଙ୍କୁ ଆଜି ପଦ୍ମଶ୍ରୀ ସ୍ତରରେ ପହଞ୍ଚାଇଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଚେନ୍ନାଇର ଥରାଗଇ ଆର୍ଥନାଙ୍କ ପରିବେଶ ଚିନ୍ତା ତାଙ୍କୁ ସ୍ୱତନ୍ତ୍ର କରିପାରିଛି। ତାଙ୍କ ବୟସ ୮। ଚେନ୍ନାଇର କରାପାକ୍କମରେ ରହନ୍ତି ଥରାଗଇଙ୍କ ପରିବାର। ଜଣେ କୁନି ସ୍କୁବା ଡାଇଭର ଭାବେ ସେ ପରିଚିତ ଓ ସମୁଦ୍ରରୁ ପ୍ଲାଷ୍ଟିକ ବର୍ଜ୍ୟ ବାହାର କରି ସାମୁଦ୍ରିକ ଜୀବଙ୍କ ଜୀବନ ସୁରକ୍ଷିତ କରୁଛନ୍ତି। ବିଶାଳ ସମୁଦ୍ରରେ ତାଙ୍କର ଏହି କ୍ଷୁଦ୍ର ପ୍ରୟାସ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା ନିଶ୍ଚୟ। ଥରାଗଇଙ୍କ ପିତା ଅରବିନ୍ଦ ଆର୍ଥନା ବି ଜଣେ ସ୍କୁବା ଡାଇଭର ଓ ତାଙ୍କର ଚେନ୍ନାଇରେ ଏକ ଡାଇଭିଂ ସେଣ୍ଟର ରହିଛି। ସେଠାରେ ୫ ବର୍ଷ ବୟସରୁ ଡାଇଭିଂ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ ଥରାଗଇ। ସମୁଦ୍ରରୁ ପ୍ଲାଷ୍ଟିକ୍ ବର୍ଜ୍ୟ ବାହାର କରିବାରେ ତାଙ୍କୁ ସହଯୋଗ କରୁଛନ୍ତି ତାଙ୍କ ପିତା। ଏବେ ସୁଦ୍ଧା ବାପ ଓ ଝିଅ ମିଶି ୬୦୦ କେ.ଜି. ପ୍ଲାଷ୍ଟିକ ବୋତଲ ସଂଗ୍ରହ କରିସାରିଲେଣି। ଏହାକୁ ସେମାନେ ରିସାଇକ୍ଲିଂ ସେଣ୍ଟରକୁ ବିକ୍ରି କରିଛନ୍ତି ଓ ଏହି ଟଙ୍କାକୁ ପରିବେଶ ବିଭାଗକୁ ଦାନ କରିବା ଲାଗି କହିଛନ୍ତି ଥରାଗଇ।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଫେବୃୟାରୀ ୧୯୯୭

- ଇକ୍ୱେଡରର ନୂଆ ସ୍ଥାୟୀ ରାଷ୍ଟ୍ରପତି ଭାବେ ଫାବିୟାନ ଆଲାରକନ ଦାୟିତ୍ୱ ଗ୍ରହଣ କରିଛନ୍ତି।
- ତ୍ରିପୁରାର ପଶ୍ଚିମଜିଲ୍ଲା ଅନ୍ତର୍ଗତ ଜାରୁଲବାଘାଇ ଗ୍ରାମରେ କେତେକ ଅଜ୍ଞାତ ଆଦିବାସୀ ଉଗ୍ରପନ୍ଥୀ ଗୋଟିଏ ପରିବାରର ୮ଜଣ ସଦସ୍ୟଙ୍କ ସମେତ ୧୮ଜଣଙ୍କୁ ଅତିନିକଟରୁ ଗୁଳିଚଳାଇ ହତ୍ୟା କରିଛନ୍ତି।

## ଚିରନ୍ତନୀ

ଯେ ଥିଲା ଅତି ସତ ନିକଟତମ
କେସନ ତାକୁ ଆଜି କହିବି ଭ୍ରମ–
ଜୀବନ ହୋଇ ଦିନେ ଥିଲାଟି ଯାହା,
କେସନ ବୋଲିବି ସେ ମରଣ–ମାୟା!
ଦିନେ ଯେ ପୁଲକର ରୁଧିର
କଲା ଏ ଦେହମୟ ଅଧୀର,
ଲୁଚାଇଅଛି ତାହା ବୟସ ଆବରଣ
ନୁହଇ ମିଛ ତେବେ ନୁହେଁ ସେ ଅକାରଣ
ସେ ଲାଗି ସ୍ମୃତି ତା'ର ରଖିଛି ଆଜି ଯାକି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି!
(ଦୁଇଟି କଳା ଆଖି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 1 | 3 | | | | | |
| | | 8 | | | | 9 | | 7 |
| | | | | 7 | | | | 5 |
| 7 | | | | 4 | | 3 | | |
| | 3 | 2 | 8 | | | | | |
| | | 4 | 9 | | | 8 | | |
| | 2 | | | 5 | | | | |
| 6 | | | 4 | | | | | |
| | 9 | | 6 | | | 7 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 2 | 5 | 9 | 8 | 1 | 3 | 6 |
| 5 | 6 | 3 | 2 | 1 | 4 | 7 | 9 | 8 |
| 1 | 8 | 9 | 3 | 7 | 6 | 2 | 4 | 5 |
| 4 | 9 | 8 | 7 | 6 | 2 | 5 | 1 | 3 |
| 6 | 7 | 1 | 4 | 3 | 5 | 9 | 8 | 2 |
| 3 | 2 | 5 | 9 | 8 | 1 | 6 | 7 | 4 |
| 2 | 1 | 6 | 8 | 4 | 7 | 3 | 5 | 9 |
| 9 | 5 | 4 | 1 | 2 | 3 | 8 | 6 | 7 |
| 8 | 3 | 7 | 6 | 5 | 9 | 4 | 2 | 1 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଓ ରୋଗୀ

ମହାଶୟ,

ରାଜ୍ୟର ଗ୍ରାମାଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି। ଏଠାରେ ଅବସ୍ଥାପିତ ଡାକ୍ତରମାନେ ସରକାରୀ ହୋଇଥିଲେ ମଧ୍ୟ ସରକାରଙ୍କର ନିର୍ଦ୍ଦେଶନାମାକୁ ପାଳନ କରୁନାହାନ୍ତି। ଏହିସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ସେଠାକୁ ଆସୁଥିବା ରୋଗୀମାନଙ୍କୁ ସରକାରୀ ଔଷଧ ଦିଆଯିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ସେମାନେ ମାନୁନାହାନ୍ତି। ସେମାନେ ବାହାରେ ଥିବା ଔଷଧ ଦୋକାନୀମାନଙ୍କ ସହ ବ୍ୟବସାୟିକ ସମ୍ପର୍କ ରଖି ରୋଗୀମାନଙ୍କୁ ବାହାରୁ ମେଡିସିନ ଆଣିବା ପାଇଁ ପ୍ରେସ୍‌କ୍ରିପଶନ ଲେଖି ଦେଉଛନ୍ତି। ଫଳରେ ରୋଗୀ ମଧ୍ୟ ଅକାରଣରେ ଖର୍ଚ୍ଚାନ୍ତ ହେଉଛି। ଏହି ସମସ୍ୟା ପ୍ରତି ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର ଏବଂ ଚିକିତ୍ସାଧିକାରୀ ବିହିତ ପଦକ୍ଷେପ ନେବା ଆବଶ୍ୟକ।

– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୬ରେ ଆକ୍ରମଣ କରିପାରେ ରୁଷିଆ

ୱାଶିଂଟନ୍/ମସ୍କୋ, ୧୨।୨

ୟୁକ୍ରେନ ସୀମା ନିକଟରେ ରୁଷିଆ ସୈନ୍ୟ ୩ ପଟୁ ଘେରି ରହିଛନ୍ତି। ବିନା ନୋଟିସରେ ମସ୍କୋ ଯେ କୌଣସି ସମୟରେ ଆକ୍ରମଣ କରିପାରେ। ତେଣୁ ୪୮ ଘଣ୍ଟା ମଧ୍ୟରେ ସମସ୍ତ ଆମେରିକୀୟ ୟୁକ୍ରେନ ଛାଡ଼ନ୍ତୁ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ୟୁକ୍ରେନ ଉପରେ ଆକ୍ରମଣ କରିବା ନିମନ୍ତେ ରୁଷିଆ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକି ସୁଲିଭାନ କହିଛନ୍ତି। ଏ ଦିଗରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ରୁଷିଆ ଆସନ୍ତା ୧୬ ତାରିଖରେ ୟୁକ୍ରେନ ଉପରେ ଆକ୍ରମଣ ନିର୍ଦ୍ଦେଶ ଦେଇପାରେ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ପାଶ୍ଚାତ୍ୟ ମେଣ୍ଟକୁ ଫୋନ୍ କଲ୍ ମାଧ୍ୟମରେ କହିଥିବା ରିପୋର୍ଟ ପ୍ରକାଶ ପାଇଛି। ବ୍ରିଟେନ, ଜର୍ମାନୀ, ଇଟାଲୀ, କାନାଡା, ପୋଲାଣ୍ଡ, ରୋମାନିଆ ଏବଂ ଫ୍ରାନ୍ସ ସମେତ ନର୍ଥ ଆଟ୍‌ଲାଣ୍ଟିକ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ମହାସଚିବ ଓ ୟୁରୋପିଆନ୍ କମିଶନ ଅଧ୍ୟକ୍ଷଙ୍କ ସହ ବାଇଡେନ୍ ଏ ବାବଦରେ କଥା ହୋଇଛନ୍ତି। ୟୁକ୍ରେନ ଉପରେ ମସ୍କୋ ପକ୍ଷରୁ ମିଶାଇଲ କିମ୍ବା ସାଇବର ଆକ୍ରମଣ ହୋଇପାରେ ବୋଲି ବାଇଡେନ୍ ଚେତାବନୀ ଦେଇଛନ୍ତି। ସେପଟେ ଯୁଦ୍ଧ ଏଡ଼ାଇବା ପାଇଁ ବାଇଡେନ୍ ଓ ପୁଟିନ ଫୋନ୍ ଯୋଗେ ଆଲୋଚନା କରିଛନ୍ତି।

ଆମେରିକା ଏଭଳି ଗୋଇନ୍ଦା ସୂଚନା ପ୍ରକାଶ କରିବା ପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟ ଆଲର୍ଟ ମୋଡ୍‌ରେ ଅଛନ୍ତି। ୟୁକ୍ରେନ ସୀମା ନିକଟରେ ରୁଷିଆର ସ୍ଥଳ, ବାୟୁ ଏବଂ ନୌସେନା ମୁତୟନ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି। ସେଠାରେ ୫୫୦ରୁ ଅଧିକ ଟେଣ୍ଟ ଲଗାଯାଇଛି। ୟୁକ୍ରେନ ସୀମାକୁ ଲାଗିଥିବା ଆଜୋଭ୍ ସାଗରରେ ରୁଷିଆ ନୌସେନା ସମରାଭ୍ୟାସ ଜାରି ରଖିଛନ୍ତି। ପୂର୍ବରୁ ଆମେରିକା ଗୋଇନ୍ଦା ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ଚାଇନାରେ ଚାଲିଥିବା ଶୀତକାଳୀନ ଅଲିମ୍ପିକ୍ସ ସରିବା ପରେ ଅର୍ଥାତ ଫେବୃୟାରୀ ୨୦ ତାରିଖ ପରେ ପୁଟିନ୍ ୟୁକ୍ରେନ ଉପରେ ଆକ୍ରମଣ କରିପାରନ୍ତି। କିନ୍ତୁ ସଦ୍ୟ ରିପୋର୍ଟ ଅନୁସାରେ ରୁଷିଆ ଏହା ପୂର୍ବରୁ ଏପରି କରିପାରେ ବୋଲି ଆମେରିକା କହିଛି। ଏହାକୁ ଦୃଷ୍ଟିରେ ରଖି ୟୁକ୍ରେନ ରାଜଧାନୀ କିଭ୍‌ରେ ଥିବା ଦୂତାବାସରୁ ଏମର୍ଜେନ୍ସି ଡ୍ୟୁଟିରେ ନ ଥିବା କର୍ମଚାରୀଙ୍କୁ ଫେରିଆସିବାକୁ ଆମେରିକା ନିର୍ଦ୍ଦେଶ ଦେଇଛି। ଏହା ପୂର୍ବରୁ ଦୂତାବାସର ଅନ୍ୟ କର୍ମଚାରୀ ଏବଂ ସେମାନଙ୍କ ପରିବାର କିଭ୍ ଛାଡ଼ିବା ନିମନ୍ତେ ୱାଶିଂଟନ୍ ପକ୍ଷରୁ କୁହାଯାଇଥିଲା। ସେହିପରି ଜୋର୍ଡାନ, ନେଦରଲାଣ୍ଡ୍‌ସ, ଜର୍ମାନୀ ମଧ୍ୟ ସେମାନଙ୍କ ନାଗରିକଙ୍କୁ ୟୁକ୍ରେନ ଛାଡ଼ିବାକୁ କହିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ଆମେରିକା ପୋଲାଣ୍ଡକୁ ଆଉ ୩ ହଜାର ସୈନ୍ୟ ପଠାଇବା ନିମନ୍ତେ ଘୋଷଣା କରିଛି। ପୂର୍ବରୁ ସେଠାରେ ମୁତୟନ ଥିବା ୧୭୦୦ ସୈନ୍ୟଙ୍କ ସହ ସେମାନେ ସାମିଲ ହେବେ। ସୂଚନାଯୋଗ୍ୟ, ୟୁରୋପର ବିଭିନ୍ନ ବେସ୍‌ରେ ଆମେରିକାର ୮୦ ହଜାର ସୈନ୍ୟ ପୂର୍ବରୁ ରହିଛନ୍ତି।

ସୋଭିଏଟ ୟୁନିୟନର ବିଲୋପ ପରେ ୟୁକ୍ରେନ ଅଲଗା ଦେଶ ହୋଇଥିଲା। ଏହାର ପୂର୍ବ ଭାଗ ସୀମା ରୁଷିଆକୁ ଲାଗିଛି। ୨୦୧୪ରେ ପୁଟିନ ୟୁକ୍ରେନ ଉପରେ ଆକ୍ରମଣ କରି କ୍ରିମିଆ ଦ୍ୱୀପକୁ କବ୍‌ଜା କରିଥିଲେ। ଏହା ପରଠାରୁ ୟୁକ୍ରେନ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ଘନିଷ୍ଠତା ବଢ଼ାଇବାରେ ଲାଗିଛି। ୟୁକ୍ରେନକୁ ନାଟୋରେ ସାମିଲ କରିବାକୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଉଦ୍ୟମ କରୁଥିବାବେଳେ ରୁଷିଆ ଏହାକୁ ବିରୋଧ କରୁଛି। ଫଳରେ କ୍ରେମ୍‌ଲିନ ପକ୍ଷରୁ ୟୁକ୍ରେନ ସୀମାରେ ସୈନ୍ୟ ମୁତୟନ ବଢ଼ାଯାଇଥିବାରୁ ଉତ୍ତେଜନା ଲାଗି ରହିଛି।


ରୁଷିଆର ସମ୍ଭାବ୍ୟ ଆକ୍ରମଣ ବିରୋଧରେ ୟୁକ୍ରେନ୍‌ବାସୀ ବିକ୍ଷୋଭ କରୁଛନ୍ତି।

## ଘନେଇଲା ୟୁକ୍ରେନ୍ ସଙ୍କଟ

■୪୮ ଘଣ୍ଟାରେ ୟୁକ୍ରେନ ଛାଡ଼ିବାକୁ ଆମେରିକୀୟଙ୍କୁ ନିର୍ଦ୍ଦେଶ

## ମିଛ ପ୍ରସାର କରାଯାଉଛି: ମସ୍କୋ

ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ କରିବାକୁ ନେଇ ଆମେରିକା ବାରମ୍ବାର ଚେତାଇ ଆସୁଥିବାବେଳେ ମସ୍କୋ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକ ଏ ନେଇ ବଡ଼ ଧରଣର ମିଛ ପ୍ରଚାର କରିବାରେ ଲାଗିଛନ୍ତି ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନିଜର ଉତ୍ତେଜନାମୂଳକ କାର୍ଯ୍ୟକଳାପ ଉପରୁ ଧ୍ୟାନ ହଟାଇବା ପାଇଁ ଏପରି କରାଯାଉଥିବା ରୁଷିଆ କହିଛି।

## ସଂକ୍ଷେପରେ

### 'ଆଭ୍ୟନ୍ତରୀଣ ପ୍ରସଙ୍ଗରେ ବାହ୍ୟ ମନ୍ତବ୍ୟ ଗ୍ରହଣୀୟ ନୁହେଁ'


ଅରିନ୍ଦମ ବାଗଚି

ନୂଆଦିଲ୍ଲୀ,୧୨।୨: କର୍ଣାଟକର ହିଜାବ ବିବାଦକୁ ନେଇ ଅନ୍ୟ ଦେଶଗୁଡ଼ିକ ମନ୍ତବ୍ୟ ନ ଦେବାକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଆମ ଆଭ୍ୟନ୍ତରୀଣ ପ୍ରସଙ୍ଗରେ ପ୍ରରୋଚିତ ମନ୍ତବ୍ୟ ସ୍ୱାଗତଯୋଗ୍ୟ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ହିଜାବ ମାମଲା ଏବେ କର୍ଣାଟକ ହାଇକୋର୍ଟଙ୍କ ବିଚାରାଧୀନ ଥିବାରୁ ଅନ୍ୟମାନେ ଏହା ଉପରେ ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହିବାକୁ ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗଚି କହିଛନ୍ତି। ସୂଚନାଯୋଗ୍ୟ ବିଦେଶରେ ଧର୍ମୀୟ ସ୍ୱାଧୀନତା ଉପରେ ନଜର ରଖିଥିବା ଆମେରିକାର ଏକ ସରକାରୀ ସଂସ୍ଥା ଶୁକ୍ରବାର କର୍ଣାଟକକୁ ସମାଲୋଚନା କରିବା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏଭଳି ବିବୃତି ଜାରି କରାଯାଇଛି। ଶିକ୍ଷାନୁଷ୍ଠାନରେ ହିଜାବ ନିଷେଧ କରିବା ଧର୍ମୀୟ ସ୍ୱାଧୀନତାକୁ ଉଲ୍ଲଂଘନ କରୁଛି ବୋଲି ଇଣ୍ଟରନ୍ୟାଶନାଲ ରିଲିଜିଅସ୍ ଫ୍ରିଡମ (ଆଇଆର୍‌ଏଫ୍)ର ପ୍ରତିନିଧି ରଶଦ ହୁସେନ୍ ଟୁଇଟ୍ କରିଥିଲେ।

### ନିର୍ବାଚନ ପ୍ରଚାର ନିୟମ କୋହଳ

ନୂଆଦିଲ୍ଲୀ,୧୨।୨: କୋଭିଡ୍ ଦୈନିକ ସଂକ୍ରମଣ କମିଥିବାରୁ ବିଧାନସଭା ନିର୍ବାଚନ ହେଉଥିବା ୫ ରାଜ୍ୟରେ ପ୍ରଚାର ନିୟମକୁ କୋହଳ କରାଯାଇଛି। ଉତ୍ତରପ୍ରଦେଶରେ ଗୋଟିଏ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ଅନ୍ୟ ପର୍ଯ୍ୟାୟଗୁଡ଼ିକ ପାଇଁ କୋହଳ ପ୍ରଚାର ନିୟମ ଲାଗୁ ହେବ। ଶନିବାର ନିର୍ବାଚନ କମିଶନ ଘୋଷଣା କରିଥିବା ନୂଆ ଗାଇଡ୍‌ଲାଇନ ଅନୁଯାୟୀ ପ୍ରଚାର ବେଳେ ପଦଯାତ୍ରାକୁ ଅନୁମତି ଦିଆଯାଇଛି। ତେବେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏସ୍‌ଡିଏମ୍‌ଏ) ଧାର୍ଯ୍ୟ କରିଥିବା ସଂଖ୍ୟାଠାରୁ ଅଧିକ ଲୋକ ପଦଯାତ୍ରାରେ ସାମିଲ ହୋଇପାରିବେ ନାହିଁ। ପଦଯାତ୍ରା ପାଇଁ ଜିଲା ପ୍ରଶାସନଠାରୁ ଆଗୁଆ ଅନୁମତି ଆଣିବାକୁ ପଡ଼ିବ। ପୂର୍ବରୁ ରାତି ୮ରୁ ସକାଳ ୮ ପର୍ଯ୍ୟନ୍ତ ପ୍ରଚାର ନିଷେଧ କରାଯାଇଥିବାବେଳେ ନୂଆ ଗାଇଡ୍‌ଲାଇନରେ ଏହି ସମୟସୀମାକୁ ରାତି ୧୦ରୁ ସକାଳ ୬ କରାଯାଇଛି। କୋଭିଡ୍ ନିୟମ ମାନି ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ପ୍ରଚାର କରିବେ। ପ୍ରଚାର ସଭା ଓ ରାଲିରେ ଆସନ କ୍ଷମତାର ୫୦ ପ୍ରତିଶତ କିମ୍ବା ଏସ୍‌ଡିଏମ୍‌ଏ ଧାର୍ଯ୍ୟ କରିଥିବା ସୀମା ଅନୁଯାୟୀ ଲୋକ ଭାଗନେଇପାରିବେ। ନିର୍ବାଚନ କମିଶନ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସହ ୫ ରାଜ୍ୟର କୋଭିଡ୍ ସ୍ଥିତି ସମୀକ୍ଷା କରିବା ପରେ ପ୍ରଚାର ନିୟମ କୋହଳ କରିଛନ୍ତି।

### ସମାନ ଆଚାର ସଂହିତା ଜରୁରୀ: ତସ୍‌ଲିମା



ନୂଆଦିଲ୍ଲୀ,୧୨।୨: ବାଂଲାଦେଶୀ ଲେଖିକା ତସ୍‌ଲିମା ନସ୍‌ରିନ୍ ବୁର୍ଖାକୁ ଅନ୍ଧକାର ଯୁଗର ଏକ ସଂଯମତାର ପଟି ସହ ତୁଳନା କରିଛନ୍ତି। ବୁର୍ଖା ଏବଂ ହିଜାବ କଦାପି ମହିଳାମାନଙ୍କ ପସନ୍ଦ ହୋଇ ନ ପାରେ। କର୍ଣାଟକ ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ ପିନ୍ଧିବା ଦାବିରେ ମୁସଲମାନ ଛାତ୍ରୀମାନେ ଆନ୍ଦୋଳନରେ ସାମିଲ ହୋଇଥିବାବେଳେ ତସ୍‌ଲିମା ଏଭଳି ମନ୍ତବ୍ୟ ଦେଇଛନ୍ତି। ଯେତେବେଳେ ପସନ୍ଦ ଛଡ଼ାଇ ନିଆଯାଏ, ସେମାନେ ହିଜାବ କିମ୍ବା ବୁର୍ଖା ପିନ୍ଧିବାକୁ ବାଧ ହୋଇଥାନ୍ତି। ରାଜନୈତିକ ଇସ୍‌ଲାମ ଭଳି ବୁର୍ଖା/ହିଜାବକୁ ମଧ୍ୟ ଏବେ ରାଜନୈତିକ କରାଗଲାଣି। ବିବାଦ ଦୂର କରିବାକୁ ହେଲେ ସମାନ ଆଚାର ସଂହିତା ଏବଂ ସମାନ ଡ୍ରେସ୍ କୋଡ୍ ଜରୁରୀ। ଧର୍ମ ଅଧିକାର ଶିକ୍ଷା ଅଧିକାରଠାରୁ ବଡ଼ ନୁହେଁ ବୋଲି ସେ ମତ ଦେଇଛନ୍ତି।

## ହିଜାବ ବିବାଦ

### ସମାନ ଡ୍ରେସ୍ କୋଡ୍ ଲାଗି ସୁପ୍ରିମକୋର୍ଟରେ ପିଟିଶନ

ନୂଆଦିଲ୍ଲୀ,୧୨।୨(ଆଇଏଏନ୍‌ଏସ୍)

ହିଜାବ ପରିଧାନକୁ ନେଇ ବିବାଦ ବଢ଼ୁଥିବାବେଳେ ସୁପ୍ରିମକୋର୍ଟରେ ଶନିବାର ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ସାମାଜିକ ସମାନତା ଓ ମର୍ଯ୍ୟାଦା ରକ୍ଷା ଏବଂ ଜାତୀୟ ସଂହତି ବଢ଼ାଇବା ଲାଗି ସମସ୍ତ ପଞ୍ଜୀକୃତ ତଥା ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ ସମାନ ଡ୍ରେସ୍ କୋଡ୍ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେବା ଲାଗି ଏଥିରେ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରାଯାଇଛି। ଗାଜିଆବାଦର ନିଖିଲ ଉପାଧ୍ୟାୟ ଏହି ପିଟିଶନ ଦାଏର କରିଛନ୍ତି। ସେ କହିଛନ୍ତି, ସାଧାରଣତନ୍ତ୍ର ଆରମ୍ଭରୁ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ ବ୍ୟବସ୍ଥା ଦ୍ୱାରା ଗଣତନ୍ତ୍ରର ସାମାଜିକ ରଜ୍ଜୁକୁ ସୁଦୃଢ଼ କରିବାର ଭୂମିକା ନେଇଥିବା ସାର୍ବଜନିନ ଶିକ୍ଷା ଗ୍ରହଣୀୟ ହୋଇପାରିଛି। ସମାନତା, ସାମାଜିକ ନ୍ୟାୟ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ବଢ଼ାଇବା ପାଇଁ ସମାନ ଡ୍ରେସ୍ କୋଡ୍ କେବଳ ଜରୁରୀ ତାହା ନୁହେଁ, ସମାଜରୁ ଜାତିବାଦ, ସାମ୍ପ୍ରଦାୟିକତାବାଦ, ଶ୍ରେଣୀବାଦ, ମୌଳବାଦ, ବିଚ୍ଛିନ୍ନତାବାଦ ଆଦି ବଡ଼ ବିପଦ ହଟାଇବା ଲାଗି ଏହା ଅପରିହାର୍ଯ୍ୟ। ଆଇନଜୀବୀ ଅଶ୍ୱିନୀ କୁମାର ଦୁବେଙ୍କ ଜରିଆରେ ଦାଏର ହୋଇଥିବା ପିଟିଶନରେ କୁହାଯାଇଛି, ଆମେରିକା, ବ୍ରିଟେନ, ଫ୍ରାନ୍ସ, ସିଙ୍ଗାପୁର, ଚାଇନା ଆଦି ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ ସମାନ ଡ୍ରେସ୍ କୋଡ୍ ପ୍ରଚଳିତ। ଡ୍ରେସ୍ କୋଡ୍ ଶୃଙ୍ଖଳା ଆଣିଥାଏ ଏବଂ ଶୃଙ୍ଖଳା ଦ୍ୱାରା ଶାନ୍ତି ଓ ନେତୃତ୍ୱ ମନୋଭାବ ଆସିଥାଏ। ଡ୍ରେସ୍ କୋଡ୍ ସମାନତା ଆଣିଥାଏ, ଯାହା ଆଇନଶୃଙ୍ଖଳା ଓ ଶାନ୍ତି ସହ ଓତଃପ୍ରୋତ ଭାବେ ଜଡ଼ିତ ବୋଲି ପିଟିଶନରେ କୁହାଯାଇଛି। ସୂଚନାଯୋଗ୍ୟ, ହିଜାବ ବିବାଦ ଉପରେ କର୍ଣାଟକ ହାଇକୋର୍ଟଙ୍କ ଅନ୍ତରୀଣ ରାୟ ବିରୋଧରେ ପିଟିଶନର ତ୍ୱରିତ୍ ଶୁଣାଣି ଲାଗି ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ତେବେ ସର୍ବୋଚ୍ଚ ଅଦାଲତ ଏହା ଉପରେ ନଜର ରଖିଛନ୍ତି ଏବଂ ଉପଯୁକ୍ତ ସମୟରେ ହସ୍ତକ୍ଷେପ କରିବେ ବୋଲି କହିଥିଲେ। ଏଥିସହିତ ଏଭଳି ପ୍ରସଙ୍ଗକୁ ଜାତୀୟ ସ୍ତରକୁ ନ ଆଣିବା ଲାଗି ଖଣ୍ଡପୀଠ ପରାମର୍ଶ ଦେଇଥିଲେ।



ହିଜାବ ପରିଧାନକୁ ସମର୍ଥନ କରି କୋଲକାତାରେ ମୁସଲମାନ ମହିଳାମାନେ ପ୍ଲାକାର୍ଡ ଦେଖାଇ ସ୍ଲୋଗାନ ଦେଉଛନ୍ତି।

## ପଶ୍ଚିମବଙ୍ଗ ବିଧାନସଭାକୁ ମୁଲତବୀ ରଖିଲେ ରାଜ୍ୟପାଳ

କୋଲକାତା,୧୨।୨

ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ୍ ଧନ୍‌ଖର ରାଜ୍ୟ ବିଧାନସଭାକୁ ଶନିବାରଠାରୁ ମୁଲତବୀ ରଖିଛନ୍ତି। ପରବର୍ତ୍ତୀ ଅଧିବେଶନ ଡାକିବା ପାଇଁ ସରକାର ରାଜ୍ୟପାଳଙ୍କ ଅନୁମତି ନେବାକୁ ହେବ ଏବଂ ତାଙ୍କ ଅଭିଭାଷଣରେ ଅଧିବେଶନ ଆରମ୍ଭ ହେବ ବୋଲି ଜଗଦୀପ୍ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୭୪ର ଧାରା (୨)ର ଉପଧାରା (କ) ଅନୁଯାୟୀ ପ୍ରଦତ୍ତ କ୍ଷମତା କ୍ରମେ ଫେବୃୟାରୀ ୧୨ରୁ ପଶ୍ଚିମବଙ୍ଗ ବିଧାନସଭାକୁ ପ୍ରୋରୋଗ କରାଗଲା ବୋଲି ରାଜ୍ୟପାଳ ତାଙ୍କ ନିର୍ଦ୍ଦେଶନାମାରେ ଲେଖିଛନ୍ତି। ଫେବୃୟାରୀ ଶେଷ କିମ୍ବା ମାର୍ଚ୍ଚ ଆରମ୍ଭରେ ଗୁରୁତ୍ୱପୂର୍ଣ୍ଣ ବଜେଟ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ବିଧାନସଭାକୁ ମୁଲତବୀ କରାଯିବା ଉଲ୍ଲେଖନୀୟ ଘଟଣା।

ରାଜ୍ୟପାଳ ଜଗଦୀପ୍ ସରକାରଙ୍କ ଦୈନନ୍ଦିନ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଅଭିଯୋଗ କରି ଆଗାମୀ ଅଧିବେଶନରେ ତାଙ୍କ ବିରୋଧରେ ପ୍ରସ୍ତାବ ଆଣିବା ପାଇଁ ଶାସକ ଦଳ ବିଚାର କରୁଥିଲା। ତେବେ ବାଚସ୍ପତି କିମ୍ବା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ବିନା ବିଧାନସଭା ଅଧିବେଶନକୁ ରାଜ୍ୟପାଳ ପ୍ରୋରୋଗ କରିବା ଘଟଣା ନିକଟ ଅତୀତରେ ଘଟିଥିବାର ଦୃଷ୍ଟାନ୍ତ ନାହିଁ ବୋଲି ସାମ୍ବିଧାନିକ ବିଶେଷଜ୍ଞମାନେ କହିଛନ୍ତି। ଶୁକ୍ରବାର ଟିଏମ୍‌ସିର ରାଜ୍ୟ ସଭା ସଦସ୍ୟ ସୁଖେନ୍ଦୁ ଶେଖର ରାୟ ଧାରା ୧୭୦ରେ ଏକ ପ୍ରସ୍ତାବ ଆଣି ପଶ୍ଚିମବଙ୍ଗ ରାଜ୍ୟପାଳ ପଦବୀରୁ ଜଗଦୀପ୍ ଧନଖରଙ୍କୁ ହଟାଇବା ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଅନୁରୋଧ କରିଥିଲେ। ପୂର୍ବରୁ ଅନେକ ବିଲ୍‌କୁ ରାଜ୍ୟପାଳ ମଞ୍ଜୁରୀ ଦେଇ ନ ଥିଲେ। ଏବେ ବିଧାନସଭାକୁ ମୁଲତବୀ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଅନ୍ୟାୟ। ରାଜ୍ୟ ସରକାର ଏହା ବିରୋଧରେ ଅଦାଲତ ଯିବେ ବୋଲି ତୃଣମୂଳ କଂଗ୍ରେସ ଏମ୍‌ପି କହିଛନ୍ତି।


ଜଗଦୀପ୍ ଧନ୍‌ଖର

### କୋର୍ଟରେ ଚ୍ୟାଲେଞ୍ଜ କରିବ ଟିଏମ୍‌ସି

## ବିନା ପାଇଲଟରେ ଉଡ଼ିଲା ବ୍ଲାକ୍ ହକ୍

କେଣ୍ଟୁକି, ୧୨।୨

ସ୍ୱୟଂଚାଳିତ ବିମାନ ଉଡ଼ାଣ ଇତିହାସରେ ଆମେରିକା ରେକର୍ଡ କରିଛି। ଏହାର ବ୍ଲାକ୍ ହକ୍ ହେଲିକପ୍ଟର ପ୍ରଥମ ଥର ପାଇଁ ବିନା ପାଇଲଟରେ ୩୦ ମିନିଟ ପର୍ଯ୍ୟନ୍ତ ଉଡ଼ିଛି। କେଣ୍ଟୁକି ପ୍ରଦେଶରେ ଗତ ୫ ତାରିଖରେ ହେଲିକପ୍ଟରଟି ପ୍ରାୟ ୪ ହଜାର ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଉଡ଼ିବାରେ ସକ୍ଷମ ହୋଇଛି। ବ୍ଲାକ୍ ହକ୍‌ର ବେଗ ଘଣ୍ଟାକୁ ୧୧୫ରୁ ୧୨୫ ମାଇଲ ଥିଲା। ଗତ ସୋମବାର ମଧ୍ୟ ଆଉ ଏକ ବ୍ଲାକ୍ ହକ୍ ବିମାନର ସ୍ୱୟଂଚାଳିତ ଉଡ଼ାଣ ପରୀକ୍ଷା କରାଯାଇଛି। ପ୍ରତିରକ୍ଷା କ୍ଷେତ୍ରରେ ଆମେରିକାର ଏହି ସଫଳତା ଚାଇନା ଓ ରୁଷିଆର ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।



ବିନା ପାଇଲଟରେ ବ୍ଲାକ୍ ହକ୍‌ର ଉଡ଼ାଣ ପରୀକ୍ଷା ନିମନ୍ତେ କେଣ୍ଟୁକିରେ ଏକ ଭର୍ଚୁଆଲ ସହର ନିର୍ମାଣ କରାଯାଇଥିଲା। ସ୍ୱୟଂଚାଳିତ ବିମାନର ୩ଟି ମୁଖ୍ୟ ଉଦ୍ଦେଶ୍ୟ ହେଲା ସୁରକ୍ଷା, ଚ୍ୟାଲେଞ୍ଜପୂର୍ଣ୍ଣ ସ୍ଥିତିରେ ଯେ କୌଣସି ମିଶନରେ ଏହା ସେନାକୁ ବେଶ୍ ସୁବିଧାଜନକ ସ୍ଥିତିରେ ରଖିବା ସହ ଦିନ ରାତି କାର୍ଯ୍ୟକ୍ଷମ ରହିପାରିବ। କମ୍ ଭିଜନ ଥିବା ସ୍ଥାନରେ ମଧ୍ୟ ଏହା ଦକ୍ଷତା ଅନୁଯାୟୀ କାର୍ଯ୍ୟ କରିପାରିବ ବୋଲି କୁହାଯାଇଛି।

## ଫିଲିପାଇନ୍ସରେ ୯ ଜଣଙ୍କୁ ଗୁଳିକରି ହତ୍ୟା

କୋଟାବାଟୋ,୧୨।୨

ଦକ୍ଷିଣ ଫିଲିପାଇନ୍ସରେ କେତେଜଣ ବନ୍ଧୁକଧାରୀ ଶନିବାର ଅଚାନକ ଆକ୍ରମଣ କରି ଜଣେ ମୁସଲମାନ ବିଦ୍ରୋହୀଙ୍କ ସମେତ ୯ ଜଣଙ୍କୁ ହତ୍ୟା କରିଛନ୍ତି। ଜମିଜମା ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଆକ୍ରମଣକାରୀମାନେ ଦୁଇଟି ଏସ୍‌ୟୁଭିରେ ଆସି ମାଗୁଇଣ୍ଡାନାଓ ପ୍ରଦେଶର ଗୁଇଣ୍ଟୁଲୁଙ୍ଗନ୍ ସହର ନିକଟବର୍ତ୍ତୀ ଏକ ଗ୍ରାମରେ ଆକ୍ରମଣ କରିଥିଲେ। ବିବାଦ ସମାଧାନ କରିବାକୁ ଯାଇଥିବା ଅନ୍ୟ ୩ ଜଣ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ପୋଲିସ କହିଛି।

## ଭୂ-ରାଜନୈତିକ ଆହ୍ୱାନର ସାମ୍ନା କରୁଛି ଭାରତ

ୱାଶିଂଟନ୍, ୧୨।୨

ଭାରତ ଏବେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂ-ରାଜନୈତିକ ଆହ୍ୱାନର ସାମ୍ନା କରୁଛି। ବିଶେଷ କରି ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ଚାଇନାର କାର୍ଯ୍ୟକଳାପ ଭାରତ ପାଇଁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଶାସନ ପକ୍ଷରୁ ଶୁକ୍ରବାର ପ୍ରକାଶିତ ପ୍ରଥମ ଆଞ୍ଚଳିକଭିତ୍ତିକ ଇଣ୍ଡୋ-ପାସିଫିକ୍ ଷ୍ଟ୍ରାଟେଜି ରିପୋର୍ଟରେ କୁହାଯାଇଛି। ଏଥିରେ ଭାରତ ଓ ଆମେରିକା ମଧ୍ୟରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ଚାଇନାକୁ ଟାର୍ଗେଟ କରାଯାଇଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆମେରିକାର ସ୍ଥିତିକୁ ମଜବୁତ କରିବା ଏବଂ ଏହି ପ୍ରକ୍ରିୟାରେ ଭାରତର ଦୃଢ଼ ଆଞ୍ଚଳିକ ନେତୃତ୍ୱକୁ ସମର୍ଥନ କରିବା ବିଷୟରେ ମଧ୍ୟ କୁହାଯାଇଛି। ସ୍ୱତନ୍ତ୍ର ରଣନୈତିକ ଭାଗୀଦାରିରେ ଭାରତ ଏବଂ ଆମେରିକା ଏକାଠି କାମ କରିବେ। ଦକ୍ଷିଣ ଏସିଆରେ ଶାନ୍ତି ଓ ସ୍ଥିରତା ବୃଦ୍ଧି ନିମନ୍ତେ ଆଞ୍ଚଳିକ ଗୋଷ୍ଠୀ ମାଧ୍ୟମରେ କାର୍ଯ୍ୟ କରାଯିବ। ଏଥିସହିତ ସ୍ୱାସ୍ଥ୍ୟ, ମହାକାଶ, ସାଇବର ସ୍ପେସ୍ ଭଳି କ୍ଷେତ୍ରରେ ଅର୍ଥନୈତିକ ଏବଂ ବୈଷୟିକ ସହଯୋଗକୁ ବଢ଼ାଇ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ ରଖାଯିବ ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ଦକ୍ଷିଣ ଏସିଆ ଏବଂ ଭାରତ ମହାସାଗରରେ ଭାରତର ଚିନ୍ତାଧାରା ସମାନ ଏବଂ ଦକ୍ଷିଣ ପୂର୍ବ ଏସିଆ ସହ ଏହା ସକ୍ରିୟ ଭାବେ ଜଡ଼ିତ। କ୍ୱାଡ୍ ଏବଂ ଅନ୍ୟ ଆଞ୍ଚଳିକ ସଙ୍ଗଠନ ନିମନ୍ତେ ଭାରତର ଭୂମିକା ମହତ୍ତ୍ୱପୂର୍ଣ୍ଣ। କ୍ଷେତ୍ରୀୟ ବିକାଶ ଦିଗରେ ଭାରତ ଇଞ୍ଜିନ ଭଳି ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ସମଗ୍ର ବିଶ୍ୱରେ ଚାଇନା ଆକ୍ରମଣାତ୍ମକ ତଥା ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟ କରୁଥିବା ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର କାର୍ଯ୍ୟକଳାପ ଅଧିକ ରହିଛି। ଅଷ୍ଟ୍ରେଲିଆ ଉପରେ ଅର୍ଥନୈତିକ ଚାପ ଠାରୁ ଆରମ୍ଭ କରି ଏଲ୍‌ଏସିରେ ମନମୁଖୀ କାର୍ଯ୍ୟ, ତାଇୱାନ ଉପରେ ଚାପ ବୃଦ୍ଧି ଏବଂ ପୂର୍ବ-ଦକ୍ଷିଣ ଚୀନ୍ ସାଗରରେ ପଡୋଶୀ ଦେଶ ପ୍ରତି ଚାଇନା ବିପଦ ସୃଷ୍ଟି କରୁଥିବାରୁ ଆମେରିକା ସହଯୋଗୀଙ୍କୁ ଏ ସବୁକୁ ସାମ୍ନା କରିବାକୁ ପଡୁଥିବା ରିପୋର୍ଟରେ ପ୍ରକାଶ ପାଇଛି। ଆଞ୍ଚଳିକ ଆକ୍ରୋଶ ବିରୋଧରେ ଏକତା ବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ସହଯୋଗୀ ଏବଂ ଅଂଶୀଦାରମାନଙ୍କ ଭାଗୀଦାରି ଦ୍ୱାରା ସମସ୍ୟାର ସମାଧାନ ନିମନ୍ତେ ବାଟ ବାହାରିପାରିବ ବୋଲି କୁହାଯାଇଛି।



### ହ୍ୱାଇଟ୍ ହାଉସ୍‌ର ଇଣ୍ଡୋ-ପାସିଫିକ୍ ଷ୍ଟ୍ରାଟେଜି ରିପୋର୍ଟ

## ଚୁକ୍ତି ଉଲ୍ଲଂଘନ କରିଛି ଚାଇନା

ମେଲବର୍ନ, ୧୨।୨

ଭାରତ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କ୍ୱାଡ ବୈଠକରେ ଭାରତ-ଚାଇନା ସୀମା ବିବାଦ କଥା ଉଠାଇଛନ୍ତି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ସୈନ୍ୟ ମୁତୟନ ନ କରିବା ପାଇଁ ହୋଇଥିବା ଲିଖିତ ଚୁକ୍ତିନାମାକୁ ଚାଇନା ଉଲ୍ଲଘଂନ କରିଛି। ଫଳରେ ଲଦାଖରେ ବିବାଦ ତଥା ଉତ୍ତେଜନା ଲାଗି ରହିଛି ବୋଲି ଜୟଶଙ୍କର କହିଛନ୍ତି। ଅଷ୍ଟ୍ରେଲିଆ ପ୍ରତିପକ୍ଷ ମାରିସ୍ ପେନେଙ୍କ ଉପସ୍ଥିତିରେ ଶନିବାର ଏକ ଯୁଗ୍ମ ଖବରଦାତା ସମ୍ମିଳନୀରେ ଜୟଶଙ୍କର କହିଥିଲେ, ସୀମା ନିକଟରେ ସୈନ୍ୟ ମୁତୟନ ନ ବଢ଼ାଇବାକୁ ୨୦୨୦ରେ ଚାଇନା ସହ ଚୁକ୍ତି ହୋଇଥିଲା। କିନ୍ତୁ ଚାଇନାର ଏହାର ଉଲ୍ଲଂଘନ କରିଛି। ଏକ ବଡ଼ ଦେଶ ଲିଖିତ ଚୁକ୍ତିନାମାର ଖିଲାପ କରିବା ସମଗ୍ର ଅନ୍ତର୍ଜାତୀୟ ସମୁଦାୟ ପାଇଁ ଚିନ୍ତାର କାରଣ। ଆମର କାର୍ଯ୍ୟରେ ସ୍ୱଚ୍ଛତା ରହିଛି। ଚାଇନା ଏହାକୁ ବାରମ୍ବାର ସମାଲୋଚନା କରିବା ଦ୍ୱାରା ଆମର ବିଶ୍ୱସନୀୟତା କମ୍ ହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ମାରିସ୍ ପେନେ କହିଥିଲେ, ଶାନ୍ତି ଓ ସମୃଦ୍ଧି ପାଇଁ ସକାରାତ୍ମକ କାର୍ଯ୍ୟ ସହ ଏହି ଅଞ୍ଚଳରେ ସ୍ଥିରତା ବଜାୟ ରଖିବାକୁ ବୈଠକରେ ୪ ଦେଶର ବହିର୍ବ୍ୟାପାର ମନ୍ତ୍ରୀ ଏକମତ ହୋଇଛନ୍ତି।



■କ୍ୱାଡ ବୈଠକରେ କହିଲେ ଜୟଶଙ୍କର

■ଲଦାଖରେ ଉତ୍ତେଜନା ସୃଷ୍ଟି ପାଇଁ ଦାୟୀ କଲେ

## ଧାନ ଗାଡ଼ି ଅଟକାଇ ଲୁଟ୍: ଅଭିଯୁକ୍ତ ଗିରଫ

ପାଟଣା,(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ଶନିବାର ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ଉଦୟପୁର ଗାଁର ସୁମନ୍ତ କୁମାର ସିଂ। ବୁଧବାର ବିଳମ୍ବିତ ରାତିରେ ଏକ ୪୦୭ ଗାଡ଼ିରେ ଧାନ ବୋଝେଇ ହୋଇ କରଞ୍ଜିଆ ସ୍ଥିତ ରାଇସ ମିଲ୍‌କୁ ଯାଉଥିବା ବେଳେ ୨ ଯୁବକ ଖଣ୍ଡା ଦେଖାଇ ୫ ହଜାର ଟଙ୍କା ଓ ୮୦ହଜାର ଟଙ୍କାର ଏକ ଚାଲାଣ ଲୁଟ କରିଥିବା ପାଟଣା ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

# ଏମ୍ସ ଓପିଡି ଉଦ୍‌ଘାଟନରେ ବିଳମ୍ବ ନେଇ ଅସନ୍ତୋଷ

ବାଲେଶ୍ୱର ଅଫିସ, ୧୨।୨

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବାମପଦା ଛକ ନିକଟରେ ୨୫ ଏକର ଜାଗା ଉପରେ ୨୦୧୩ରେ ଭୁବନେଶ୍ୱର ଏମ୍ସର ସାଟେଲାଇଟ୍ ସେଣ୍ଟର ହେବାର ଘୋଷଣା ହୋଇଥିଲା। ୩ଶହ ଶଯ୍ୟା ବିଶିଷ୍ଟ ଏହି ସାଟେଲାଇଟ୍ ସେଣ୍ଟର ପାଇଁ ୩ଶହ କୋଟି ଟଙ୍କା ଖର୍ଚ୍ଚ ବ୍ୟୟବରାଦର ପ୍ରକଳ୍ପ ପ୍ରସ୍ତୁତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୩୦କୋଟି ଟଙ୍କା ଅନୁଦାନରେ ବହିର୍ବିଭାଗ ବିଲ୍ଡିଂ ସହ ପାଚେରି ନିର୍ମାଣ ସିପିଡବ୍ଲ୍ୟୁଡି (ସେଣ୍ଟ୍ରାଲ ପବ୍ଲିକ ୱାର୍କସ ଡିପାର୍ଟମେଣ୍ଟ) ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ୨୦୨୧ ଜାନୁୟାରୀରେ କାମ ଶେଷ ହେବାକୁ ଥିବାବେଳେ ମହାମାରୀ କରୋନା ପାଇଁ କାର୍ଯ୍ୟରେ ବିଳମ୍ବ ହୋଇଥିଲା। କାମକୁ ତ୍ୱରାନ୍ୱିତ କରାଯାଇ ଗତ ସେପ୍ଟେମ୍ବରରେ ଓପିଡ଼ି ସେବା ଆରମ୍ଭ ହେବାର ନିଷ୍ପତ୍ତି ହୋଇଥିଲା। ଏପର୍ଯ୍ୟନ୍ତ ଏମ୍ସ ଓପିଡ଼ି ଉଦ୍‌ଘାଟନରେ ବିଳମ୍ବ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ସହର ସେଣ୍ଟ୍ରାଲ ସ୍କୁଲ ଛକ ସ୍ଥିତ ପ୍ରତିରକ୍ଷା କଲୋନୀରେ ଚାଲିଥିବା ଏମ୍ସର ଅସ୍ଥାୟୀ ଓପିଡ଼ି ସେବା ବନ୍ଦ ରହିଛି।

ବାଲେଶ୍ୱରର ଏମ୍ସ ସାଟେଲାଇଟ୍ ସେଣ୍ଟରର ନିର୍ମାଣାଧୀନ ଓପିଡ଼ି (ବହିର୍ବିଭାଗ) କୋଠା କାମ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହେବାକୁ ଥିବା ବହିର୍ବିଭାଗ ଚିକିତ୍ସା ସେବା ପାଇଁ ଆବଶ୍ୟକ ଯନ୍ତ୍ରପାତି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ବି ଆସି ରହିଛି। ଅକ୍ସିଜେନ୍, ବିଦ୍ୟୁତ ସହିତ ପାଣି ବ୍ୟବସ୍ଥା ବି ସରିଛି। ପାଖାପାଖି ୨୦ଟି ବିଭାଗର ଓପିଡ଼ି ଚିକିତ୍ସା ସେବା ଲୋକଙ୍କୁ ଯୋଗାଇ ଦିଆଯିବ ବୋଲି ବ୍ୟବସ୍ଥା ହୋଇଛି। ଓପିଡ଼ି କାର୍ଯ୍ୟକ୍ଷମ ହେଲେ ଉତ୍ତରଓଡ଼ିଶା ସହିତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ଲୋକେ ଚିକିତ୍ସା ପାଇପାରିବେ। ଲୋକଙ୍କୁ ଭୁବନେଶ୍ୱରକୁ ଆଉ ଦୌଡ଼ିବାକୁ ପଡ଼ିବ ନାହିଁ। କେବଳ ଗୁରୁତର ରୋଗୀଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯିବ।


ନବ ନିର୍ମିତ ଏମ୍ସ ଓପିଡି ବିଲ୍ଡିଂ।

ବିଲ୍ଡିଂ ନିର୍ମାଣ ଦାୟିତ୍ୱରେ ଥିବା ସରୋଜ କୁମାର ବିଶ୍ୱାଳ କହନ୍ତି, ବିଲ୍ଡିଂ କାମ ସମ୍ପୂର୍ଣ୍ଣ ହୋଇଯାଇଛି। ଆଖପାଖରେ କିଛି ଛୋଟ ଛୋଟ କାମ ଥିଲା ତାହା ଏବେ ଶେଷ ହୋଇଯାଇଛି। ଭୁବନେଶ୍ୱର ଏମ୍ସ ଓ ସିପିଡବ୍ଲ୍ୟୁଡିକୁ ବିଲ୍ଡିଂ ହସ୍ତାନ୍ତର କରିଦିଆଯିବାର ପ୍ରକାଶ କରିଛନ୍ତି।

ବାଲେଶ୍ୱର ସାଟେଲାଇଟ୍ ସେଣ୍ଟର କନ୍‌ଷ୍ଟ୍ରକସନ୍ ସୁପରଭାଇଜର କମିଟିର ଡା. ସରୋଜ କୁମାର ଦାସମଜୁମଦାର କହନ୍ତି, ଶୀଘ୍ର ଓପିଡ଼ି ସେବା ଯୋଗାଇ ଦେବା ପାଇଁ କାମ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ଡାକ୍ତର ନିଯୁକ୍ତି ପାଇଁ ବିଜ୍ଞାପନ ଦିଆଯାଇଥିଲା। ହେଲେ ୬୦ ଡାକ୍ତର ବଦଳରେ ମାତ୍ର ୧୫/୨୦ ଡାକ୍ତର ଆବେଦନ କରିଥିଲେ। ସେଥିରେ ପୁଣି ଆବେଦନ କରିଥିବା ଡାକ୍ତରଙ୍କ ଅଭିଜ୍ଞତା କମ୍ ରହିଛି। ତେଣୁ ପୁଣି ଥରେ ବିଜ୍ଞାପନ ଦିଆଯାଇ ଡାକ୍ତର ଓ କର୍ମଚାରୀଙ୍କୁ ନିଯୁକ୍ତି କରାଯିବ। କରୋନା ପାଇଁ କାମ ବିଳମ୍ବ ହୋଇଛି ସତ। ତେବେ ଆସନ୍ତା ଦୁଇମାସ ଭିତରେ ଓପିଡ଼ି ସେବା ଆରମ୍ଭ କରିବାକୁ ଯୋଜନା କରିଛୁ। ଦ୍ୱିତୀୟ ପର୍ଯ୍ୟାୟରେ ସାଟେଲାଇଟ୍ ସେଣ୍ଟର କରାଯାଇ ଏଥିରେ ମଲ୍‌ଟି ସ୍ପେଶାଲିଟି ଡାକ୍ତରଖାନା ପାଇଁ କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ବାସୁଦେବପୁର,୧୨।୨(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ବଜାର ସ୍ଥିତ ହାଇସ୍କୁଲ ଛକଠାରେ ଶୁକ୍ରବାର ରାତିରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ବାଲିମୁଣ୍ଡା ଗ୍ରାମର ଦୀପକ ମାଇତି। ଆହତ ନାଣ୍ଟୁ ବେରାଙ୍କୁ ଚିକିତ୍ସା ପାଇଁ କଟକ ପଠାଯାଇଛି। ପ୍ରକାଶ ଯେ, ଦୀପକ ଗୁଜୁରାଟରୁ ନିଜ ଘର ଅଭିମୁଖେ ନାଣ୍ଟୁଙ୍କ ସହିତ ଆସୁଥିଲେ। ଭଦ୍ରକରୁ ଏକ ବାଇକ୍ ଯୋଗେ ଉଭୟ ଆସୁଥିବା ବେଳେ ହାଇସ୍କୁଲ ଛକଠାରେ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନା ନେଇଥିବା ବେଳେ ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଅଚିହ୍ନା ମହିଳାଙ୍କ ମୃତଦେହ ଜବତ

ବାହାନଗା,୧୨।୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖନ୍ତାପଡା ଥାନା ୧୬ନମ୍ବର ଜାତୀୟ ରାଜପଥ ଶେରଗଡସ୍ଥିତ ଗୋଲଡେନ୍ ପ୍ଲାଜା ହୋଟେଲ ସାମ୍ନାରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଖନ୍ତାପଡା ଥାନା ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୭/୨୨)ରୁଜୁ ହୋଇଛି। ମହିଳାଙ୍କର ଆନୁମାନିକ ବୟସ ୪୫ହେବ। ମହିଳାଜଣକ ରାସ୍ତା ପାର୍ଶ୍ୱରେ ବୁଲୁଥିବା ବେଳେ କୌଣସି ମାଲ ବୋଝେଇ ଯାନ କିମ୍ବା ଟ୍ରକ୍ ଧକ୍କାରେ ପ୍ରାଣ ହରାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ମୃତ ମହିଳା ଜଣକ ନାଲି ଛିଟ ଶାଢ଼ୀ ପିନ୍ଧିଥିବା ଦେଖିବାକୁ ମିଳିଛି।

### ଗଛରେ କାର୍ ପିଟି ହୋଇ ଚାଳକ ମୃତ

ଠାକୁରମୁଣ୍ଡା,୧୨।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତାର ଜୁଆଳିକଟା ପେଟ୍ରୋଲ ପମ୍ପ ନିକଟରେ ଶନିବାର ପୂର୍ବାହ୍ନରେ ଏକ କାର୍ ଗଛରେ ପିଟି ହେବାରୁ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। କାର୍‌ରେ ବସିଥିବା ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ମୃତକ ହେଲେ ରିତେଶ ଗୁପ୍ତା। ଗୁରୁତର ସଞ୍ଜୟ ଯାଦବଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଠାକୁରମୁଣ୍ଡା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ପୋଖରୀରେ ପଡ଼ି ବୃଦ୍ଧା ମୃତ

ପଦ୍ମପୁର, ୧୨।୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତ ଅଯୋଧ୍ୟା ଗ୍ରାମର ଫୁଲମଣି ଖିଲାର(୭୦)ଙ୍କର ଗୁରୁବାର ବିଳମ୍ବିତ ରାତିରେ ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି। ଶୁକ୍ରବାର ନାୟକାଣିଡିହୀ ପୋଲିସ ପୋଖରୀରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୨) ରୁଜୁ କରାଯାଇଛି।

### କେନାଲରୁ ମୃତଦେହ ଜବତ

ବଡ଼ବିଲ,୧୨।୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ସେରେଣ୍ଡାସ୍ଥିତ ମାଗାଜିନ ହଟିଂ ନିକଟ କେନାଲରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଓଡ଼ିଶା ଖଣି ନିଗମର ଅବସରପ୍ରାପ୍ତ କର୍ମଚାରୀ ଜଗବନ୍ଧୁ ନାଏକ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୨) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

### ନଦୀରେ ବୁଡ଼ି ଯୁବକ ମୃତ

ଆରଡି, ୧୨।୨( ଡି.ଏନ.ଏ.)-ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଦୋହରାପାଟଣା ଗ୍ରାମର ବିଭୁଦତ୍ତ ନାୟକ( ୨୩) ନାମକ ଯୁବକ ଶନିବାର ବୈତରଣୀ ନଦୀରେ ଗାଧୋଉଥିବା ବେଳେ ବୁଡିଯାଇ ପ୍ରାଣ ହରାଇଛନ୍ତି। ସାଥିରେ ଥିବା ଅନ୍ୟ ୩ଜଣ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଗ୍ରାମର ଯୁବକମାନେ ଦେଶୀ ଡଙ୍ଗା ସାହାଯ୍ୟରେ ବିଭୁଦତ୍ତଙ୍କ ମୃତଦେହ ଉଦ୍ଧାର କରିଥିଲେ। ସେଠାରେ ଆରଡି ପୋଲିସ ଓ ଧାମନଗର ଦମକଳ ବାହିନୀ ପହଞ୍ଚି ମୃତଦେହକୁ ଜବତ କରି ଆରଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥଲେ। ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଭଦ୍ରକ ଜଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବିଭୁଦତ୍ତ ଯୁକ୍ତ ୩ ସ୍ନାତକ ଡିଗ୍ରୀ ହାସଲ କରି ଓଡିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବାର୍ ଆସୋସିଏଶନ ହଲ୍, ଏମିନିଟ୍ ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ଅବସରରେ ଉପସ୍ଥିତ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧରନ୍ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୧୨।୨

ଭଦ୍ରକ ଜିଲା ଅଦାଲତ ପରିସରରେ ବାର ଆସୋସିଏଶନ୍‌ର ହଲ୍ ଏବଂ ଏମିନିଟ୍ ସେଣ୍ଟର(ସାମର୍ଥ୍ୟ କେନ୍ଦ୍ର)କୁ ଉଚ୍ଚ ନ୍ୟାୟଳୟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧରନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆୟୋଜିତ ସଭାରେ ଜିଲା ଜଜ୍ ପ୍ରଦ୍ୟୁମ୍ନ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ବିଚାରପତି ମୁରଲୀଧରନ୍ ତାଙ୍କ ବକ୍ତବ୍ୟରେ ସମସ୍ତଙ୍କ ସହଯୋଗ ନ ରହିଲେ ଆଇନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିବ ନାହିଁ। ଏଥିରେ ଉଭୟ ଆଇନ ବିଭାଗ ସାଙ୍ଗକୁ ପ୍ରଶାସନ ଓ ପୋଲିସ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି କହିଛନ୍ତି । ଅନ୍ୟତମ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟଳୟ ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ୍ ଦେବବ୍ରତ ଦାସ ଯୋଗଦେଇଥିଲେ। ଭଦ୍ରକ ଓକିଲ ସଂଘ ସଭାପତି ଦିଲୀପ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ନିରାକାର ଜେନା, ଅରୁଣ କୁମାର ଚାନ୍ଦ, ପବନ ଶର୍ମା ପ୍ରମୁଖ ବାରର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରେଣ୍ୟ ଅତିଥିମାନଙ୍କୁ ଜିଲାପାଳ ତ୍ରିଲୋଚନ ମାଝି, ଆରକ୍ଷୀ ଅଧୀକ୍ଷକ ଚରଣସିଂ ମୀନାଙ୍କ ସମେତ ଜିଲା ଜଜ୍ ଓ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ ଏବଂ ଓକିଲ ସଂଘର କର୍ମକର୍ତ୍ତାମାନେ ନୂତନ କୋର୍ଟ ପରିସର ବୁଲି ଦେଖିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ନିରାକାର ଜେନା, ରାୟ ରାମାନନ୍ଦ ମହାପାତ୍ର, ଶଶିଭୂଷଣ ପଣ୍ଡା ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାୟ ୧କୋଟି ଟଙ୍କା ବ୍ୟୟରେ ଏହି ଦୁଇଟି ଗୃହ ନିର୍ମାଣ ହେବ ବୋଲି ଅଟକଳ କରାଯାଇଛି। ସଭାକୁ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ୍ ରୀତିକା ଜେନା ସଂଯୋଜନା କରିଥିଲେ। କୋର୍ଟ ମ୍ୟାନେଜର ମାନସ କୁମାର ରଥ ଓ ରେଜିଷ୍ଟ୍ରାର୍ ଅବକାଶ ଚୌଧୁରୀ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଆସନ୍ତା ଫେବୃୟାରୀ ୨୧ଠାରୁ ନିୟମିତ ଭାବେ ଫୁଲବେଞ୍ଚରେ କୋର୍ଟ କାର୍ଯ୍ୟ ଚାଲିବ ବୋଲି ଘୋଷଣା କରାଯାଇଥିଲା।

## ଦେୱାନୀ, ଫୌଜଦାରି ଅଦାଲତ ଗୃହ ଉଦ୍‌ଘାଟିତ

ଧାମନଗର ,୧୨।୨(ଡି.ଏନ.ଏ)

ଭଦ୍ରକ ଜିଲା ଧାମନଗର ବ୍ଲକ ଜୟନଗରଠାରେ ଦେୱାନୀ ଓ ଫୌଜଦାରୀ ଅଦାଲତର ନୂତନ ଗୃହ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଡ. ଏସ୍ ମୁରଲୀଧରନଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଚାରପତି ନୀଳିମା ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ.ଏସ୍ ମୁରଲୀଧରନ, ଅନ୍ୟତମ ଅତିଥି ଉଚ୍ଚ ନ୍ୟାୟାଳୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଦେବବ୍ରତ ଦାଶ, ଭଦ୍ରକ ଜିଲା ଜଜ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇଥିଲେ। ଧାମନଗରଠାରେ ଏହି ଅଦାଲତ ସ୍ଥାପନ ହେବା ଦ୍ୱାରା ଅଞ୍ଚଳର ବିଭିନ୍ନ ନ୍ୟାୟ ଭିତ୍ତିକ ସମସ୍ୟା ସମାଧାନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଆଇନଜୀବୀ ଅଭିରାମ ମହାନ୍ତି ସ୍ୱାଗତ ଭାଷଣ ଓ ଅମରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝି ଓ ଏସ୍‌ପି ଚରଣ ସିଂ ମିନା ଅତିଥିମାନଙ୍କୁ ସ୍ୱାଗତ କରି ନୂତନ ଅଦାଲତକୁ ବୁଲାଇ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଧାମନଗର ଓ ଭଦ୍ରକ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

## ପୋଲିସ, ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଆକ୍ରମଣ: ଜଣେ ଗିରଫ

ପାଟଣା,୧୨।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନାର ୨ ପୋଲିସ ଓ ଜଣେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଶନିବାର ପୋଲିସ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ମୟୂରଭଞ୍ଜ ଜିଲା ଚଡ଼େଇଭୋଳ ଗ୍ରାମର ଅବଦୁଲ ସଲାମ। ତୁରୁମୁଙ୍ଗା ଥାନାରେ ମାମଲା(ନଂ.୨୬/୨୨) ରୁଜୁ ହୋଇଛି। ଏହି ଘଟଣାରେ ଆହୁରି ଅନେକ ଲୋକ ସଂଶ୍ଳିଷ୍ଟ ଥିବା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନରେ ୪୯ନଂ. ଜାତୀୟ ରାଜପଥର ଡୁମୁରିଗୋଡ଼ା ନିକଟରେ ଏକ କାର୍‌କୁ ଟ୍ରକ୍ ଧକ୍କା ଦେବା ଫଳରେ କାର୍‌ରେ ଥିବା ୫ ଯାତ୍ରୀ ଆହତ ହୋଇଥିଲେ।

## ମରଣାନ୍ତକ ଆକ୍ରମଣ ମାମଲା

### ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ

ପଦ୍ମପୁର, ୧୨।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ଗ୍ରାମର ବନମାଳୀ ପାଢ଼ୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ବାସୁଦେବପୁର ସହାୟକ ଦୌରାଜଜ୍ ଅଭିଯୁକ୍ତମାନଙ୍କୁ ୭ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୪ରେ ବନମାଳୀଙ୍କୁ ଏକ ପାରିବାରିକ ବିବାଦରୁ ସେହି ଗ୍ରାମର ସୁବାଷ ପାଢ଼ୀ, କେଦାର ପାଢ଼ୀ, ରବୀନ୍ଦ୍ର ପାଢ଼ୀ, ବିଟୁ ପାଢ଼ୀ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ବାଡ଼ି ସାହାଯ୍ୟରେ ପିଟି କ୍ଷତାକ୍ତ କରି ଦେଇଥିଲେ। ତାଙ୍କୁ ବଞ୍ଚାଇବାକୁ ସେହି ଗ୍ରାମର ଅରୁଣ ସେଠୀ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଘଟଣା ନେଇ ବନମାଳୀଙ୍କ ବାପା ଗଣେଶ ପାଢ଼ୀ ନାୟକାଣିଡିହି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ୫ ଜଣ ଅଭିଯୁକ୍ତଙ୍କ ବିରୋଧ ଚାର୍ଜସିଟ୍ ଦାଖଲ କରିଥିଲା। ଦୀର୍ଘ ୮ ବର୍ଷ ଧରି କୋର୍ଟରେ ଏହି ମାମଲା ଚାଲିଥିବା ବେଳେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସହାୟକ ଦୌରାଜଜ୍ ପୂଜା ଷଡ଼ଙ୍ଗୀ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ତରଫରୁ ଆଡ଼ିସ୍‌ନାଲ ପବ୍ଲିକ ପ୍ରସିକ୍ୟୁଟର କମଳାକାନ୍ତ ମହାପାତ୍ର ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ାଉ

### ମଦ ଜବତ, ୩ ଗିରଫ

ଖୁଣ୍ଟା, ୧୨।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫.୫୮୦ ଲିଟର ନକଲି ବିଦେଶୀ ମଦ ଏବଂ ୩୫ ଲିଟର ମହୁଲି ମଦ ଜବତ କରାଯାଇଛି। ଖୁଣ୍ଟା ଅବକାରୀ ଥାନାଧିକାରୀ ପ୍ରସନ୍ନ କୁମାର ଜାଲିଙ୍କ ନେତୃତ୍ୱରେ ଏଏସ୍ଆଇ ବିଜୟ କୁମାର ମହାନ୍ତ, ଉଦଳା ଅବକାରୀ ଏଏସ୍ଆଇ ବିଶ୍ୱନାଥ ମହାନ୍ତଙ୍କ ସମେତ କର୍ମଚାରୀ ତମନ ପରିଡ଼ା, ସମାୟ ହାଁସଦା, ଦୀପାଞ୍ଜଳି ଦାସ ପ୍ରମୁଖଙ୍କୁ ନେଇ ଏକ ଟିମ୍ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା। ବିପ୍ରଚରଣପୁର ଗ୍ରାମର ପୃଥନାଥ ଟୁଡୁ ବିକ୍ରି ପାଇଁ ଗଚ୍ଛିତ ରଖିଥିବା ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ନକଲି ବିଦେଶୀ ମଦ, ମେଘମାରି ଗ୍ରାମର ମୋହନ ଟୁଡୁଙ୍କ ନିକଟରୁ ୧୫ ଲିଟର ଓ ମହୁଲିଆ ଗ୍ରାମର ଶ୍ୟାମସୁନ୍ଦର ହେମ୍ବ୍ରମଙ୍କ ନିକଟରୁ ୨୦ ଲିଟର ଚୋରା ମହୁଲି ମଦ ଜବତ କରିଥିଲା ଏହି ଟିମ୍। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି।

## ଏଲ୍‌ଟି ନିଯୁକ୍ତିକୁ ନେଇ ବିବାଦ

**କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା**

କେନ୍ଦୁଝର,୧୨।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଦୁଇ ଲାବୋରେଟେରୀ ଟେକ୍ନିସିଆନ (ଏଲଟି) ନିଯୁକ୍ତିକୁ ନେଇ ବିବାଦ ଦେଖାଦେଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା କୋଭିଡ୍ ହସ୍ପିଟାଲରେ ନିୟୋଜିତ ସମସ୍ତ ପାରାମେଡିକାଲ କର୍ମଚାରୀଙ୍କୁ ବାହାର କରିଦିଆଯାଇଛି। ତେବେ ସେମାନଙ୍କ ମଧ୍ୟରୁ ୨ଜଣ ଲାବୋରେଟେରୀ ଟେକ୍ନିସିଆନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାର ପାଥୋଲୋଜି ୱାର୍ଡରେ ନିଯୁକ୍ତି ଦିଆଯାଇଛି। ଜିଲାପାଳଙ୍କ ଅନୁମତି କ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ବିଭାଗର ବଳଦେବ ନନ୍ଦ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ୧୩ଜଣ ଏଲ୍‌ଟି ନିୟୋଜିତ ହୋଇଥିବା ବେଳେ କିପରି ଆଉ ୨ଜଣଙ୍କୁ ନିଯୁକ୍ତି ଦିଆଗଲା ତାହାକୁ ନେଇ ଚାକିରିରୁ ବିଦା ହୋଇଥିବା ଅନ୍ୟ କର୍ମଚାରୀମାନେ ପ୍ରଶ୍ନ ଉଠାଇଛନ୍ତି। ଏହା ଦ୍ୱାରା ଅଯଥା ଡିଏମ୍‌ଏଫରୁ ଅର୍ଥ ଖର୍ଚ୍ଚ ହେବ ବୋଲି ମତ ପ୍ରକାଶ ପାଉଛି। ସେମାନଙ୍କୁ ପାଥୋଲୋଜି ବିଭାଗରେ ନିୟୋଜିତ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏସଂକ୍ରାନ୍ତରେ ସିଡିଏମଓ ଡା. ସୁଜାତା ରାଣୀ ମିଶ୍ରଙ୍କୁ ପଚାରିବାରୁ କୋଭିଡ୍ ହସ୍ପିଟାଲ ବନ୍ଦ ହୋଇଯାଇଥିଲେ ହେଁ କୋଭିଡ୍ ଟେଷ୍ଟ ପାଇଁ ସେମାନଙ୍କୁ ନିୟୋଜିତ କରାଯାଇଥିଲା। ମେଡିକାଲରେ ଥିବା ଏଲଟିମାନଙ୍କୁ ନେଇ କୋଭିଡ୍ ଟେଷ୍ଟ କରାଯିବ। ଉକ୍ତ ଦୁଇ ଜଣଙ୍କୁ ବିଦା କରିଦିଆଯିବ ବୋଲି ସେ କହିଛନ୍ତି ।

## ୫ ଚୋରା ମଦ ବେପାରୀ ଗିରଫ

ଭଦ୍ରକ ଅଫିସ, ୧୨।୨

ଜିଲା ଅବକାରୀ ବିଭାଗ ପକ୍ଷରୁ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଭଦ୍ରକ ଟାଉନ ଥାନା ଅଧୀନ ଏଲଖା, ସାବରଙ୍ଗ ଥାନା ଅନ୍ତର୍ଗତ ସାହାଡ଼ା ଓ ପୁରୁଣାବଜାର ଥାନା ଅଧୀନ ମିର୍ଜାପୁର ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ମାନେ ହେଲେ ଭଦ୍ରକ ଟାଉନ ଥାନା ଏଲଖା ଗ୍ରାମର ରଥେନ୍ଦ୍ର ଜେନା, ସାବରଙ୍ଗ ଥାନା ସାହାଡ଼ା ଗ୍ରାମର ଭାସ୍କର ବେହେରା, ହେମଲତା ବେହେରା ଓ ରମ୍ଭାମଣି ବେହେରା ଏବଂ ପୁରୁଣାବଜାର ଥାନା ମିର୍ଜାପୁର ଗ୍ରାମର ଗୌରୀ ବେହେରା । ଜବତ ମଦ ଓ ଗୁଡ଼ ପୋଚର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ।

## ଜାତି ସଂରକ୍ଷଣ ବ୍ୟବସ୍ଥା ଉଠାଇବାକୁ ଦାବି


ପ୍ରତିଷ୍ଠା ଦିବସରେ ଉପସ୍ଥିତ ସମିତିର ସଦସ୍ୟ।

ଖଇରା, ୧୨।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ବିଦ୍ୟାଧରପୁର ଶାସନ ହରେକୃଷ୍ଣଜୀଉ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ବ୍ରାହ୍ମଣ ସମତିର ପ୍ରତିଷ୍ଠା ଓ ପଣ୍ଡିତ ଶ୍ୟାମସୁନ୍ଦର ଶତପଥୀଙ୍କ ମହାପ୍ରୟାଣ ଦିବସ ଆୟୋଜିତ ହୋଇଯାଇଛି । ସଭାପତି ଜଳଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ରହ୍ମସମିତିର ରାଜ୍ୟସଭାପତି ଡଃ ସଦାନନ୍ଦ ଦିକ୍ଷିତ ଯୋଗଦେଇ ଜାତି ସଂରକ୍ଷଣ ନାମରେ ସମାଜକୁ ଭାଗ ଭାଗ ହେଉଥିବାରୁ ଏହି କଳଙ୍କିତ ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ଦାବି କରିଥିଲେ। ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ଜିଲା ଉପସଭାପତି ଶକ୍ତିପଦ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ଦାଶ, ଯୁବଶକ୍ତି ସଭାପତି ବୈଦ୍ୟନାଥ ଆଚାର୍ଯ୍ୟ ଯୋଗଦେଇ ସଙ୍ଗଠନର ସଦସ୍ୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ।

## ସ୍ୟାଣ୍ଡସିଟି କ୍ରିକେଟ୍ କପ୍

### ପ୍ରଥମ ସେମିଫାଇନାଲରେ ୟୁ ଆଣ୍ଡ ମି କ୍ଲବ ବିଜୟୀ

ବାଲେଶ୍ୱର ଅଫିସ, ୧୨।୨

ବାଲେଶ୍ୱର ପରମିଟ୍ ପଡ଼ିଆ ଆନୁକୂଲ୍ୟରେ ସ୍ୟାଣ୍ଡସିଟି କ୍ରିକେଟ୍ କପ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍ ବାଲେଶ୍ୱର ୟୁ ଆଣ୍ଡ ମି କ୍ଲବ ଓ ସମ୍ରାଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ୟୁ ଆଣ୍ଡ ମି କ୍ଲବ ବିଜୟୀ ହୋଇଛି।

ସମ୍ରାଟ କ୍ଲବ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲ। ୩୪.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମାନସ ପାତ୍ର ସର୍ବାଧିକ ୪୯ ଓ ମହମ୍ମଦ ନସିବ ୨୪ ରନ୍ କରିଥିଲେ। ୟୁ ଆଣ୍ଡ ମି କ୍ଲବ ପକ୍ଷରୁ ସର୍ବେଶ୍ୱର ମହାନ୍ତି ୭ ଓଭର ବୋଲିଂ କରି ୨୩ ରନ୍ ବିନିମୟରେ ସର୍ବାଧିକ ୪ଟି ଉଇକେଟ୍ ହାସଲ କରିଥିଲେ। ଜବାବରେ ୟୁ ଆଣ୍ଡ ମି କ୍ଲବ ୨୭.୩ ଓଭରରେ ୮ ଉଇକେଟ୍ ହରାଇ ୧୫୫ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସର୍ବେଶ୍ୱର ମହାନ୍ତି ସର୍ବାଧିକ ୬୮ ରନ୍ କରିଥିଲେ। ସମ୍ରାଟ କ୍ଲବ ତରଫରୁ ଅଶୋକ ବାରିକ ୭ ଓଭରରେ ୨୮ ରନ୍ ଦେଇ ୪ ଉଇକେଟ୍ ହାସଲ କରିଥିଲେ। ୟୁ ଆଣ୍ଡ ମି କ୍ଲବର ଖେଳାଳୀ ସର୍ବେଶ୍ୱର ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ଓ ପୁରସ୍କାର ବରିଷ୍ଠ କ୍ରିକେଟର ଅଜିତ ପାତ୍ର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌ରେ ଯଶୋବନ୍ତ ବେହେରା ଓ ଶାନ୍ତନୁ କୁମାର ଦାସ ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାହୁଲ ସିଂ ଓ ସୌମେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ଶିମିଳିପାଳରୁ ୯ ପରିବାର ବିସ୍ଥାପିତ

ଉଦଳା,୧୨।୨(ଡି.ଏନ.ଏ.)

ଜାତୀୟ ଉଦ୍ୟାନ ମାନ୍ୟତା ସକାଶେ ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରୁଥିବା ପରିବାରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଆଭ୍ୟନ୍ତରୀଣ ଅଞ୍ଚଳ ଯମୁନାଗଡ଼ରେ ବସବାସ କରୁଥିବା ୩୫ ପରିବାରକୁ ଗତ ୨୦୧୫ ସେପ୍ଟେମ୍ବର ୧୫ରେ ବିସ୍ଥାପନ କରାଯାଇ ଉଦଳା ବ୍ଲକ ଅଧୀନ ନାବରା ନିକଟରେ ଥଇଥାନ କରାଯାଇଥିଲା। ସେଠାରେ ରହୁଥିବା ଆଉ ୯ ପରିବାରକୁ ଶୁକ୍ରବାର ବିସ୍ଥାପିତ କରାଯାଇଛି। ଏହି ପରିବାରଗୁଡ଼ିକୁ ଉଦଳା ବ୍ଲକ ଅଞ୍ଚଳକୁ ଅଣାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ପରିବାରକୁ ଆମଡିହା ଏବଂ ବାକି ୭ ପରିବାରକୁ ନାବରା ଅଞ୍ଚଳରେ ଥଇଥାନ କରାଯାଇଛି। ବିସ୍ଥାପିତ ପରିବାରଗୁଡ଼ିକୁ ସରକାରୀସ୍ତରରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ ଏବଂ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ଉପସ୍ଥିତ ରହି ବିସ୍ଥାପିତ ପରିବାରଙ୍କ ସହିତ ଆଲୋଚନା କରିଥିଲେ।


ବିସ୍ଥାପିତ ପରିବାର ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍

**ଯାତ୍ରୀ ହନ୍ତସନ୍ତ, ଫ୍ଲାଏଓଭର ନିର୍ମାଣ ଦାବି**

କେନ୍ଦୁଝର,୧୨।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଧୀନ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଖଣିରୁ ଲୁହାପଥର ପରିବହନ ପାଇଁ ଏନ୍ଏଚ୍ ନଂ.୪୯ରେ ଟ୍ରକ୍ ଗୁଡ଼ିକର ଲମ୍ବା ଲାଇନ ଲାଗୁଥିବାରୁ ଟ୍ରାଫିକ୍ ଜାମ୍ ସମସ୍ୟା ସୃଷ୍ଟି ହେଉଛି। ଫଳରେ ସାଧାରଣ ଯାତାୟତ ବ୍ୟାହତ ହେଉଛି। ଏହି ଜାତୀୟରାଜପଥ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଯାତ୍ରୀ, ପର୍ଯ୍ୟଟକମାନେ ଜାମ୍‌ରେ ଫସି ହିନସ୍ତା ଭୋଗୁଛନ୍ତି। ହଜାର ହଜାର ସଂଖ୍ୟକ ଟ୍ରକ୍ ୨/୩ ଲାଇନରେ ଏହି ରାସ୍ତାରେ ଦୀର୍ଘ ସମୟ ଧରି ଲୁହାପଥର ଲୋଡିଂ ପାଇଁ ଛିଡ଼ା ହେଉଛନ୍ତି। ତେବେ ଏହାକୁ ସୁଧାରିବା ପାଇଁ ପୋଲିସ ବିଭାଗ କିମ୍ବା ଖଣି ସଂସ୍ଥା ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ କୁହୁଳୁଛି। ବିଶେଷ କରି ଶୁଆକାଟି ଓ ପୁତୁଲୁପାଣି ଖଣି ଛକ ଏହି କାରଣରୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ରାସ୍ତାର ଅନେକ ସ୍ଥାନରେ ହାତୀମାନଙ୍କ ଯାତାୟତ ପାଇଁ ସୂଚନା ଫଳକ ଲାଗିଛି। ମାତ୍ର ଲମ୍ବା ଟ୍ରକ୍ ଲାଇନ୍ ଯୋଗୁ ହାତୀ ପଲ ଚଳପ୍ରଚଳ କରିପାରୁ ନ ଥିବାରୁ ପରିବେଶବିତ୍‌ମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଣୁ ଏହି ସ୍ଥାନରେ ଫ୍ଲାଏଓଭର ନିର୍ମାଣ ହେଲେ ଯାତାୟତ ସୁଗମ ହେବା ସହ ଲୁହାପଥର ପରିବହନ ଠିକ୍ ଭାବରେ ହୋଇପାରିବ ବୋଲି ମତପ୍ରକାଶ ପାଉଛି।


ଶୁଆକାଟି ଛକ ନିକଟରେ ଫସି ରହିଥିବା ଟ୍ରକ୍ ।

# ଓଡ଼ିଶା ପୋଲିସ, ଇଷ୍ଟକୋଷ୍ଟ ରେଲୱେ ବିଜୟୀ

**ଭୁବନେଶ୍ୱର, ୧୨।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ମହିଳା ଫୁଟ୍‌ବଲ ଲିଗ୍ ୨୦୨୨ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଖେଳରେ ଓଡ଼ିଶା ପୋଲିସ ଓ ଇଷ୍ଟକୋଷ୍ଟ ରେଲୱେ ବିଜୟୀ ହୋଇଛନ୍ତି। ଓଡ଼ିଶା ପୋଲିସ ପ୍ୟାରି ଖାଖାଙ୍କ ହ୍ୟାଟ୍ରିକ୍ ସହାୟତାରେ ୫-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ପ୍ୟାରି ୫୨, ୮୨ ଓ ୯୦+୨ ତମ ମିନିଟ୍‌ରେ ତିନୋଟି ଗୋଲ ଦେଇଥିବା ବେଳେ ଅନ୍ୟ ଦୁଇଟ ଯବାମଣି ଟୁଡୁ ୪୩ତମ ଓ ୪୫+୨ ମିନିଟ୍‌ରେ ସ୍କୋର

## ଓଡ଼ିଶା ମହିଳା ଫୁଟ୍‌ବଲ ଲିଗ୍ ଆରମ୍ଭ

କରିଥିଲେ। ଚିତ୍ରାଙ୍ଗଦା ପାତ୍ର, ବବ୍‌ଲି ଗଡ଼ନାୟକ, ବୀଣାପାଣି ବିରୁଆ ଓ ବିଷ୍ଣୁପ୍ରିୟା ଦାସ ମ୍ୟାଚ ଅଫିସିଆଲ ଦାୟିତ୍ୱ ତୁଲାଇଥିଲେ। ଦୁର୍ଗାମାଧବ ନାୟକ ଓ ରେଫରି ଆସେସର ସୁଦୀପ୍ତା ଦାସ ମ୍ୟାଚ କମିଶନର ଥିଲେ। ଅନ୍ୟପକ୍ଷରେ ଇଷ୍ଟକୋଷ୍ଟ ରେଲୱେ ସମାନ ଗୋଲ ବ୍ୟବଧାନରେ ଓଜିପି କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଲହରି ମଙ୍ଗରାଜ (୨୫ ଓ ୩୯ତମ ମିନିଟ୍) ଦୁଇଟି ଏବଂ ପୂର୍ଣ୍ଣିମା ରାଓ (୩୬ତମ), ତାରା ଖାତୁନ (୪୪ତମ) ଓ ମନୀଷା ପାନା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ମୁଖ୍ୟ ଗ୍ରାଉଣ୍ଡରେ ହୋଇଥିଲା। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଫାଓର ୩ଜଣ ଉପସଭାପତି ବିଜୟ ଦାସ, ଦିଲୀପ ସାହୁ ଓ ହୃଦୟରଞ୍ଜନ ବେହେରା, ଫାଓ କୋଷାଧକ୍ଷ ଭକ୍ତ ବଲ୍ଲଭ ଦାସ, ଫାଓର ୩ଜଣ ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍, ସଙ୍ଗୀତା ଶର୍ମା ଓ ମହମ୍ମଦ ସହିଦ ଜବାର, କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା ଏବଂ ପୂର୍ବତନ ଭାରତୀୟ ମହିଳା ଫୁଟ୍‌ବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଇଷ୍ଟକୋଷ୍ଟ ରେଲୱେ ଓ ଓଜିପି କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଧରିତ୍ରୀ ଜିତିଲା ସମଲେଶ୍ୱରୀ ମିଡିଆ କପ୍

**ସମ୍ବଲପୁର, ୧୨।୨ (ବ୍ୟୁରୋ)**

ସମ୍ବଲପୁର କମିଶନର କଲୋନୀ (ହାଓ୍ୱା ମଇଦାନ)ରେ ଆୟୋଜିତ ସମଲେଶ୍ୱରୀ ମିଡିଆ କପ୍-୨୦୨୨ ଫାଇନାଲରେ ସକାଳ ଦଳକୁ ହରାଇ ଧରିତ୍ରୀ ଟିମ୍ ଚାମ୍ପିୟନ ହୋଇଛି। ସକାଳ ଦଳ ଟସ୍ ଜିଣି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଧରିତ୍ରୀ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୮୮ ରନ କରିଥିଲା। ସକାଳ ଦଳର କମଳ ଖୁଣ୍ଟିଆ ୧୧ ରନ୍ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ୮୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଖେଳିଥିବା ସକାଳ ଦଳ ୧୦ ଓଭରରେ ୯ ଉଇକେଟ ହରାଇ ୬୪ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ୨୪ ରନରେ ସକାଳ ଦଳ ପରାଜିତ ହୋଇଥିଲା। ଧରିତ୍ରୀ ବୋଲର ପୀତାମ୍ବର ସାହୁ ୨ ଓଭରରେ ୯ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ସକାଳ ସମ୍ବଲପୁର ସଂସ୍କରଣ ଶାଖା ପରିଚାଳକ ନରୋତ୍ତମ ଗୁରୁଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟିପିଡବ୍ଲ୍ୟୁଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିତ ନାଏକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡମ୍ବରୁଧର ଓଝା, ଏମ୍‌ଆର୍‌ଟି ଅଧୀକ୍ଷଣ ଯନ୍ତ୍ରୀ ଧନଞ୍ଜୟ ରାଣା, ବିରାଟ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ରାହୁଲ ରାଜ, ଅନ୍ତର୍ଜାତୀୟ ଆଥଲେଟ ପଙ୍କଜ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ସିରିଜ ରୁକ୍ମଣି ଭୋଇ, ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ୍ ଦି ମ୍ୟାଚ ପୀତାମ୍ବର ସାହୁଙ୍କ ସମେତ ନିରଞ୍ଜନ ଲେଙ୍କା, ପ୍ରଭାତ ବେସନ, ଅଶୋକ କୁମାର ଭୁଏ, ସମ୍ବିତ ହୋତାଙ୍କୁ ପୁରସ୍କୃତ କରାଯାଇଥିଲା। ଧରିତ୍ରୀ ଦଳ ପକ୍ଷରୁ ଶିବବ୍ରତ ଦାଶ, ଶୁଭାଶିଷ ପାଢ଼ୀ, ରୋଶନ ପଣ୍ଡିତ, ମିଲନ ବେହେରା, ପୀତାମ୍ବର ସାହୁ, ରୁକ୍ମଣି ଭୋଇ, ସୌମ୍ୟରଞ୍ଜନ ମହାରଣା, ଦିନେଶ ବିଶ୍ୱକର୍ମା, ନିଖିଳ ପଟେଲ, ଉମେଶ ବେହେରା, ରୋଶନ ଖର୍ସେଲ ମ୍ୟାଚ ଖେଳିଥିଲେ। ଧରିତ୍ରୀ ପରିବାରର ସଞ୍ଜୟ ବେହେରା, ନରୋତ୍ତମ ଜେନା, କୁନାରାମ ବାଗ, ମନୋଜ ମହାନ୍ତି, ଟିମ୍ ମ୍ୟାନେଜର ଶଙ୍କର ବେହେରା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଯୁଧିଷ୍ଠିର ନାରାୟଣ ସିଂ, ଡିଲୁ ଦାଶଭାୟା ମ୍ୟାଚ ପରିଚାଳନା କରିଥିବାବେଳେ କିରଣ କୁମାର ଭୋଇ ସ୍କୋର ଓ କେଶବ କୁମାର ପଢ଼ିହାରୀ ଧାରା ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ଟ୍ରଫି ସହ ଧରିତ୍ରୀ ଦଳ।

## ସ୍ପିଡ୍ ସ୍କେଟିଂରେ ଟିଙ୍ଗ୍‌ୟୁଙ୍କ ରେକର୍ଡ

**ବେଜିଂ, ୧୨।୨**

ଚାଇନାର ପ୍ରଥମ ପୁରୁଷ ଆଥ୍‌ଲେଟ ଭାବେ ଟିଙ୍ଗ୍‌ୟୁ ଗାଓ ୱିଣ୍ଟର ଅଲିମ୍ପିକ୍ସ ସ୍ପିଡ୍ ସ୍କେଟିଂ ଟାଇଟଲ ହାସଲ କରିଛନ୍ତି। ସେ ନୂଆ ଗେମ୍ସର ନୂଆ ରେକର୍ଡ ସହ ୫୦୦ ମିଟର ଟାଇଟଲ ଜିତିଛନ୍ତି। ଗାଓ ଗେମ୍ସର ୨୦୧୮ ସଂସ୍କରଣରେ ଚାଇନାର ପ୍ରଥମ ପୁରୁଷ ଆଥଲେଟ ଭାବେ ସ୍ପିଡ୍ ସ୍କେଟିଂରେ ଏକ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ସେତେବେଳେ ସେ ଏକ ବ୍ରୋଞ୍ଜ ଜିତିଥିଲେ। ୨୪ ବର୍ଷୀୟ ଗାଓ କିନ୍ତୁ ଏଥର ୦.୦୯ ସେକେଣ୍ଡ ଦ୍ରୁତ ୩୪.୩୨ ସେକେଣ୍ଡ ଟାଇମିଂରେ ପୁରୁଣା ରେକର୍ଡକୁ ଭଙ୍ଗ କରି ଦେଇଥିଲେ। ୪ବର୍ଷ ପୂର୍ବେ ନରୱେର ହାଭାର୍ଡ ଲୋରେନ୍‌ଜେନ୍ ଏହି ରେକର୍ଡର ଅଧିକାରୀ ଥିଲେ। ଦକ୍ଷିଣ କୋରିଆର ମିନ୍-କ୍ୟୁ ଚା ରୌପ୍ୟ ହାସଲ କରିଥିବା ବେଳେ ଜାପାନର ୱାଟାରୁ ମୋରିସିଗେ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ମିଥାଲିଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ ପରାସ୍ତ

**କାଇନ୍ସ ଟାଉନ୍, ୧୧।୨ (ପି.ଟି.)**

ଅଧିନାୟିକା ମିଥାଲି ରାଜଙ୍କ ଚମତ୍କାର ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଶନିବାର ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୬୨ରନ୍‌ରେ ନ୍ୟୁଜିଲାଣ୍ଡ ନିକଟରୁ ହାରିଯାଇଛି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ସୁଜି ବେଟ୍ସଙ୍କ ଶତକ (୧୧୧ବଲ୍‌ରୁ ୧୦୬ ରନ) ସହାୟତାରେ ୨୭୫ରନର ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ଜବାବରେ ଭାରତ ୪୯.୪ ଓଭରରେ ୨୧୩ ରନ କରି ଅଲଆଉଟ ହୋଇଯାଇଥିଲା। ଫର୍ମରେ ଥିବା ୩୯ ବର୍ଷୀୟା ମିଥାଲିଙ୍କର ଏହାଥିଲା ୨୨୧ତମ ଅନ୍ତର୍ଜାତୀୟ ଦିନିକିଆ। ତାଙ୍କର ଗତ ୧୧ଟି ଇନିଂସରେ ଏହାଥିଲା ୭ମ ଅର୍ଦ୍ଧଶତକ। ସେ ୫୯ ବଲ୍‌ରେ ୬ ଚୌକା ସହ ୭୩ରନ କରି ଭାରତ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ଭାରତ ଏହାର ସର୍ବାଧିକ ରନ ଚେଜ୍ ରେକର୍ଡ ଅଷ୍ଟ୍ରେଲିଆ ବିପକ୍ଷରେ କରିଥିଲା। ଗତବର୍ଷ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ମହିଳା ଦଳ ଦ୍ୱାରା ଧାର୍ଯ୍ୟ ୨୬୫ରନର ରେକର୍ଡକୁ ଅତିକ୍ରମ କରି ବିଜୟୀ ହୋଇଥିଲା। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୪ଟି ପୃଥକ୍ ପୃଥକ୍ ଦଳ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୦୦୦ ରନ ପୂରଣ କରି ଚାର୍ଲୋଟ ଏଡୱାର୍ଡ୍ସଙ୍କ ସହ ଯୋଗ ଦେଇ ପାରିଛନ୍ତି ମିଥାଲି। ସେ ଆହୁରି ମଧ୍ୟ ପ୍ରଥମ ଭାରତୀୟ ଭାବେ ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା ଅନ୍ତର୍ଜାତୀୟ ଦିନିକିଆରେ ୧୦୦୦ ରନ ପୂରଣ କରିଛନ୍ତି। ମିଥାଲିଙ୍କୁ ଜଷ୍ଟିକା ଭାଟିଆ (୬୩ ବଲ୍‌ରୁ ୪୧ରନ)ଙ୍କଠାରୁ ଭଲ ସହଯୋଗ ମିଳିଥିଲା। ଉଭୟେ ୩ ଉଇକେଟ ପାର୍ଟନରଶିପ୍‌ରେ ୮୩ ରନ ଯୋଗ କରିଥିଲେ।



ଟ୍ରଫି ସହ ରାମକୁମାର ରମାନାଥନ ଓ ସାକେଥ ମାଇନେନି।

## ସାକେଥ-ରାମକୁମାରଙ୍କୁ ଡବଲ୍ସ ଟାଇଟଲ

**ବେଙ୍ଗାଲୁରୁ, ୧୨।୨ (ପି.ଟି.)**

ଭାରତର ସାକେଥ ମାଇନେନି ଓ ରାମକୁମାର ରମାନାଥନ ବେଙ୍ଗାଲୁରୁ ଓପନ ଏଟିପି ଚ୍ୟାଲେଞ୍ଜର ଟେନିସ ଟୁର୍ନାମେଣ୍ଟ ଡବଲ୍ସ ଟାଇଟଲ ଜିତିଛନ୍ତି। ସ୍ଥାନୀୟ କେଏସ୍‌ଏଲ୍‌ଟିଏ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଫାଇନାଲରେ ସେମାନେ ଫ୍ରେଞ୍ଚ ଯୋଡ଼ି ହୁଗୋ ଗ୍ରିନର ଓ ଆଲେଜାଣ୍ଡ୍ରେ ମୁଲରଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସାକେଥଙ୍କର ଏହା ୯ମ ଡବଲ୍ସ ଟାଇଟଲ ହୋଇଥିବା ବେଳେ ରାମକୁମାରଙ୍କର ୩ସପ୍ତାହରେ ଏହା ହେଉଛି ତୃତୀୟ ଟାଇଟଲ। ଅନ୍ୟପକ୍ଷରେ କ୍ୱାଲିଫାୟର ତଥା କ୍ରୋଏସିଆର ବୋର୍ନା ଗୋଜୋ ଫ୍ରେଞ୍ଚ ଖେଳାଳି ଆଲେଜାଣ୍ଡ୍ରେ ମୁଲରଙ୍କୁ ହରାଇ ପୁରୁଷ ସିଙ୍ଗଲ୍ସ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେ ତାଇପେର ଚୁନ୍‌ସିନ୍ ତିସେଙ୍ଗଙ୍କ ସହ ଟାଇଟଲ ମୁକାବିଲା କରିବେ। ତିସେଙ୍ଗ ଫ୍ରେଞ୍ଚ ଖେଳାଳି ତଥା ୬ଷ୍ଠ ସିଡ୍ ଏଞ୍ଜୋ କୋଆକଡ୍‌ଙ୍କୁ ୭-୫, ୬-୪ ସେଟ୍‌ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଥିଲେ।

**ଅନ୍ୟାନ୍ୟ ଖବର**

## ଓଡ଼ିଶାର ପ୍ରଥମ ନିର୍ବାଚନ କମିଶନର ଦେବେନ୍ଦ୍ର ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, (ବ୍ୟୁରୋ)/ ସୋନପୁର, ୧୨।୨ (ନି.ପ୍ର.) : ରାଜ୍ୟର ପ୍ରଥମ ନିର୍ବାଚନ କମିଶନର ଦେବେନ୍ଦ୍ର କୁମାର ମିଶ୍ରଙ୍କ ଶନିବାର ପରଲୋକ ହୋଇଯାଇଛି। ସେ କୋଭିଡ୍‌ରେ ସଂକ୍ରମିତ ଥିଲେ। ସୁସ୍ଥ ହେବାର କିଛିଦିନ ପରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୪ ମସିହାରେ ରାଜ୍ୟ ନିର୍ବାଚନ ଆୟୋଗ ଗଠନ କରାଯାଇଥିଲା। ଦେବେନ୍ଦ୍ର ମିଶ୍ରଙ୍କୁ ପ୍ରଥମ ନିର୍ବାଚନ କମିଶନର ଭାବେ ନିଯୁକ୍ତ କରାଯାଇଥିଲା। ଉକ୍ତ ବର୍ଷ ମେ' ୨୭ରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ସାମ୍ବିଧାନିକ ବିଧିବ୍ୟବସ୍ଥା ସହ ନିର୍ବାଚନ ଆୟୋଗ ପାଇଁ ସ୍ୱର୍ଗତ ମିଶ୍ର ଅନେକ ନିୟମ ତିଆରି କରିଥିଲେ। ଏଥିସହ ନିର୍ବାଚନ ପରିଚାଳନା ଓ ନିର୍ବାଚନ ଆୟୋଗର ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ। ସୋନପୁର ସହର ଘୋଡ଼ାଘାଟପଡ଼ାର ବାସିନ୍ଦା ସ୍ୱର୍ଗତ ମିଶ୍ର ରାଜ୍ୟ ପ୍ରଶାସନରେ ଥିବାବେଳେ ପଶ୍ଚିମ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ବ୍ୟକ୍ତିଗତ ତଥା ସାମୂହିକ ଭାବରେ ଅନେକ କାର୍ଯ୍ୟ କରିଥିଲେ। ରବିବାର ଭୁବନେଶ୍ୱର ସତ୍ୟନଗରସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ ପାଇଛି। ଦେବେନ୍ଦ୍ରଙ୍କ ମୃତ୍ୟୁରେ ସୁବର୍ଣ୍ଣପୁର ଜିଲାରେ ଶୋକର ଛାୟା ଖେଳିଯାଇଛି।



# ୧୪ ସନ୍ଧ୍ୟା ସୁଦ୍ଧା ନିର୍ବାଚନ ଅଞ୍ଚଳ ଛାଡ଼ିବେ ବାହାର ନେତା

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ)**

**ପଞ୍ଚାୟତ ନିର୍ବାଚନ**

- ୧୬ରେ ହେବ ୨୦୨ ଜିଲା ପରିଷଦ ଜୋନ, ୧୬୬୯ ପଞ୍ଚାୟତରେ ମତଦାନ
- ସମ୍ବେଦନଶୀଳ ବୁଥ୍‌ରେ ମୁତୟନ ହେବେ ଅତିରିକ୍ତ ସୁରକ୍ଷାକର୍ମୀ

ଆସନ୍ତା ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରୁଥିବା ବାହାର ନେତା ଓ କର୍ମୀ ଯେଭଳି ୧୪ ତାରିଖ ସନ୍ଧ୍ୟା ସୁଦ୍ଧା ସ୍ଥାନ ଛାଡ଼ିବେ, ତାହା ସୁନିଶ୍ଚିତ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଜିଲାପାଳଙ୍କ ସହ ଶନିବାର ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କମିଶନର କହିଛନ୍ତି ଯେ ୧୪ ତାରିଖ ସନ୍ଧ୍ୟା ୭ଟାରୁ ସମସ୍ତ ପ୍ରକାର ପ୍ରଚାର ବନ୍ଦ ହେବ। ୧୪ ତାରିଖ ସନ୍ଧ୍ୟା ପରେ ପ୍ରଚାରରେ ନିୟୋଜିତ ଥିବା ବାହାର ଅଞ୍ଚଳର ଲୋକ ଅଥବା ରାଜନୈତିକ ଦଳର କର୍ମୀ ଓ ନେତାମାନଙ୍କୁ ନିର୍ବାଚନ ହେବାକୁ ଥିବା ଅଞ୍ଚଳରେ ରହିବା ପାଇଁ ଅନୁମତି ମିଳିବ ନାହିଁ। ଆସନ୍ତା ୧୪ ଓ ୧୫ ତାରିଖରେ ମତଦାନ କେନ୍ଦ୍ର ଅଭିମୁଖେ ପୋଲିଂ ଅଧିକାରୀମାନେ ଗସ୍ତ କରିବେ।

୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ୨୦୨ ଜିଲା ପରିଷଦ ଜୋନ୍‌ର ୧୬୬୯ଟି ପଞ୍ଚାୟତରେ ନିର୍ବାଚନ ହେବ। ୩୦ ଜିଲାର ୭୧ ବ୍ଲକ ଅନ୍ତର୍ଗତ ୨୦୨ ଜିଲା ପରିଷଦ ଆସନ, ୧୬୬୯ ସରପଞ୍ଚ ଓ ୧୬୬୯ ସମିତି ସଭ୍ୟ, ୨୨୩୭୯ ୱାର୍ଡମେମ୍ବର ପଦବୀ ପାଇଁ ଭୋଟଗ୍ରହଣ ଅନୁଷ୍ଠିତ ହେବ। ମୋଟ ୬୭ଲକ୍ଷ ୫୧ହଜାର ୦୬୮ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। କମିଶନଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥ୍‌ରେ ଅତିରିକ୍ତ ସୁରକ୍ଷାକର୍ମୀ ମୁତୟନ କରାଯିବ। ସମସ୍ତ ସମ୍ବେଦନଶୀଳ ବୁଥ୍‌ରେ ମତଦାନର ଭିଡିଓ ରେକର୍ଡିଂ କରାଯିବା ସହ ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି କ୍ୟାମେରା ଲଗାଯିବ ଓ ଭୋଟଗଣତିର ରେକର୍ଡିଂ ମଧ୍ୟ ହେବ ବୋଲି କମିଶନର କହିଛନ୍ତି।

# ଭୁବନେଶ୍ୱର ସମେତ ୨୬ସ୍ଥାନରେ ଏନ୍‌ଆଇଏ ଚଢ଼ାଉ

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ)**

**ଆତଙ୍କବାଦୀ ପାଣ୍ଠି ପରିଚାଳନା କରୁଛି ମାଓବାଦୀ ସଂଗଠନ**

ମାଓବାଦୀ ଗୋଷ୍ଠୀ ଦ୍ୱାରା ଆତଙ୍କବାଦୀ ପାଣ୍ଠିବ୍ୟବହାର ସମ୍ପର୍କିତ ଏକ ମାମଲାରେ ନ୍ୟାଶନାଲ ଇନଭେଷ୍ଟିଗେଶନ୍ ଏଜେନ୍ସି (ଏନ୍‌ଆଇଏ)ର ଟିମ୍ ଓଡ଼ିଶାର ଭୁବନେଶ୍ୱର ସମେତ ବିହାର, ଝାଡ଼ଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶର ମୋଟ ୨୬ଟି ସ୍ଥାନରେ ଶନିବାର ଚଢ଼ାଉ କରିଛି। ଚଢ଼ାଉ ସମୟରେ ଏନ୍‌ଆଇଏ ଟିମ୍ ୩ଟି ଦେଶୀ ବନ୍ଧୁକ, ଗୋଟିଏ .୩୧୫ ବୋର ରାଇଫଲ, ୫୯ ଗୁଳି, ବହୁ ଡିଜିଟାଲ ଡିଭାଇସ୍, ମାଓବାଦୀ ପୁସ୍ତକ, ଆପରାଧିକ କାଗଜପତ୍ର ଏବଂ ୪ କେଜିର ନିଶାଦ୍ରବ୍ୟ ଜବତ କରିଛି। ଚଢ଼ାଉ ବେଳେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଏନ୍‌ଆଇଏ ଟିମ୍ ସ୍ଥାନୀୟ ପୋଲିସ ଏବଂ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଏବଂ ସିଆର୍‌ପିଏଫ୍‌ର ସହାୟତା ନେଇଥିଲା। ତେବେ ଭୁବନେଶ୍ୱରର କେଉଁ ସ୍ଥାନରେ ଚଢ଼ାଉ ହୋଇଥିଲା ଏବଂ ଏନ୍‌ଆଇଏ ଟିମ୍‌ରେ କେତେଜଣ ଥିଲେ, ସେନେଇ କମିଶନରେଟ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। କେନ୍ଦ୍ର ସରକାରଙ୍କ ସଂସ୍ଥା ଚଢ଼ାଉ କରିଥିବାରୁ ଉକ୍ତ ସଂସ୍ଥା ହିଁ ସବିଶେଷ ତଥ୍ୟ ଦେଇପାରିବେ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ମିଳିଥିବା ସୂଚନା ଅନୁସାରେ ବିହାରର ମଗଧ ଅଞ୍ଚଳରେ ସକ୍ରିୟ ଥିବା ସିପିଆଇ ମାଓବାଦୀମାନେ ଏକ ବଡ଼ ନେଟୱର୍କ ମାଧ୍ୟମରେ ଆତଙ୍କବାଦୀ ପାଣ୍ଠି ପରିଚାଳନା କରୁଥିବାନେଇ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରାଯାଇ ଉକ୍ତ ମାଓବାଦୀ ଗୋଷ୍ଠୀ ସକ୍ରିୟ ଥିବା ୪ ରାଜ୍ୟରେ ଚଢ଼ାଉ କରାଯାଇଛି ବୋଲି ଏନ୍‌ଆଇଏର ଜଣେ ଅଧିକାରୀ କହିଛନ୍ତି। ମାଓବାଦୀମାନେ ସେମାନଙ୍କର ଘୃଣ୍ୟ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା କ୍ରୟ ନିମନ୍ତେ ପାଣ୍ଠି ସଂଗ୍ରହ କରିବାକୁ ସେମାନେ ନିରନ୍ତର ଚେଷ୍ଟା କରୁଛନ୍ତି। ଏପରି କି ଏହି ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପକୁ ପୁନର୍ଜୀବିତ ତଥା ମଜଭୁତ କରିବା ପାଇଁ ଅଭିଯୁକ୍ତମାନେ ବିଭିନ୍ନ ଜେଲ୍‌ରେ ଥିବା ମାଓବାଦୀ, ଓଭର ଗ୍ରାଉଣ୍ଡ ୱାର୍କର୍ସ (ଓଜିଡବ୍ଲ୍ୟୁଏସ୍)ଙ୍କ ସହ ଯୋଗାଯୋଗରେ ନୂତନ କ୍ୟାଡର ନିଯୁକ୍ତ କରୁଥିବା ଜଣାପଡ଼ିଛି। ତେଣୁ ଏହାକୁ ରୋକ୍ ଦେବାକୁ ମାଓବାଦୀ ଗତିବିଧି ଥିବା ୨୬ସ୍ଥାନରେ ଚଢ଼ାଉ କରାଯାଇଛି। ସେଥିମଧ୍ୟରେ ବିହାରର ଜାହାନାବାଦ୍, ପାଟନା ରୁରାଲ, ଅରୱାଲ, ନାଳନ୍ଦା, ଗୟା, ନାୱଡା ଏବଂ ଔରଙ୍ଗାବାଦ୍ ଜିଲାର ୨୩ସ୍ଥାନ, ଝାଡ଼ଖଣ୍ଡର କୋଡେର୍ମା ଜିଲା, ଓଡ଼ିଶାର ଭୁବନେଶ୍ୱର ଏବଂ ଆନ୍ଧ୍ରର ନେଲୋରର ଗୋଟିଏ ଲେଖାଏ ସ୍ଥାନରେ ଚଢ଼ାଉ କରାଯାଇଥିବା ଏନ୍‌ଆଇଏ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

## ୨ ବର୍ଷ ପରେ କାମକୁ ଫେରିଲେ ରିଆ

ମୁମ୍ବାଇ: ପ୍ରାୟ ୨ ବର୍ଷ ପରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ କାମକୁ ଫେରିଛନ୍ତି। ଏ ନେଇ ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭଏସ୍ ରେକର୍ଡିଂ କରୁଥିବାର ଭିଡିଓ ଶେୟାର କରିଛନ୍ତି। ଦୁଇ ବର୍ଷ ପରେ କାମକୁ ଫେରିଥିବାରୁ ସେ ବେଶ୍ ଖୁସି ବୋଲି କ୍ୟାପଶନରେ ଲେଖିବା ସହ ତାଙ୍କ ପ୍ରଶଂସକ ଓ ଶୁଭେଚ୍ଛୁଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ରିଆ ୨୦୨୧ରେ ରିଲିଜ୍ ହୋଇଥିବା ସିନେମା 'ଚେହେରେ'ରେ ନଜରକୁ ଆସିଥିଲେ। ଏହି ଫିଲ୍ମର ଶୁଟିଂ ୨୦୧୯-୨୦ ଭିତରେ ସରିଥିଲା। ସେଥିରେ ଅଭିନେତା ଇମ୍‌ରାନ ହାସିମ୍, ଅମିତାଭ ବଚ୍ଚନ, ସିଦ୍ଧାର୍ଥ କପୁର, ରଘୁବୀର ଯାଦବ ଏବଂ ଅନୁ କପୁର ଥିଲେ। ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ନାନା ସମାଲୋଚନାର ଶିକାର ହୋଇଥିଲେ ରିଆ ଚକ୍ରବର୍ତ୍ତୀ। ପରେ ରିଆ ଏବଂ ତାଙ୍କ ସାନଭାଇଙ୍କୁ ଡ୍ରଗ୍ସ ମାମଲାରେ ଗିରଫ ହେବାକୁ ପଡିଥିଲା। ତେବେ ସେ ଏବେ ସେସବୁରୁ ବାହାରି ପୁଣିଥରେ ତାଙ୍କ କାମରେ ଯୋଗଦେବା ସହ ଖୁସି ଥିବା ନଜର ଆସିଛନ୍ତି।



## କେନ୍ଦ୍ରକୁ ପୁଣି ଚିଠି ଲେଖିବେ ବାଚସ୍ପତି

**ଭୁବନେଶ୍ୱର, ୧୨।୨ (ବ୍ୟୁରୋ)**

**ବିଧାନ ପରିଷଦ ଗଠନ ପ୍ରସଙ୍ଗ**

ବିଧାନ ପରିଷଦ ଗଠନ ସମ୍ପର୍କିତ କୌଣସି ପ୍ରସ୍ତାବ ଓଡ଼ିଶା ସରକାରଙ୍କଠାରୁ ପାଇ ନ ଥିବା ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ କହିବା ପରେ ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ବୟାନକୁ ନେଇ ଶାସକ ଦଳର ନେତା ଓ ଏମ୍‌ପିମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଥିବା ବେଳେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ବିଧାନ ପରିଷଦ ସଂକଳ୍ପ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ପଡ଼ିଛି। ବାଚସ୍ପତି ୨୦୧୮ ସେପ୍ଟେମ୍ବରରେ ସଂକଳ୍ପ ପଠାଯାଇଥିବା କହୁଥିବା ବେଳେ ପୁଣି କେନ୍ଦ୍ରକୁ ଏ ନେଇ ଆଉ ୨ଟି ଚିଠି ଲେଖିବେ ବୋଲି ସୂଚନା ଦେଇଛନ୍ତି। ୨୦୧୮ରେ ବିଧାନସଭାରେ ସର୍ବସମ୍ମତିକ୍ରମେ ପାରିତ ବିଧାନ ପରିଷଦ ସଂକଳ୍ପକୁ ରାଜ୍ୟ ସରକାର କେନ୍ଦ୍ର ନିକଟକୁ ପଠାଇଥିଲେ। କିନ୍ତୁ ମନ୍ତ୍ରୀଙ୍କୁ ଆଇନ ବିଭାଗ କାହିଁକି ଭୁଲ ତଥ୍ୟ ଦେଇଛି, ସେକଥା ଚିଠିରେ ଉଲ୍ଲେଖ କରିବେ। ଏନେଇ ତଦନ୍ତ ପାଇଁ ବାଚସ୍ପତି ଚିଠି ଲେଖିବେ ବୋଲି ସୂଚନା ଦେଇଛନ୍ତି।

୨୦୧୮ ସେପ୍ଟେମ୍ବର ୬ରେ ସଂକଳ୍ପ ବିଧାନସଭାରେ ପାରିତ ହୋଇଥିଲା। ୨୦୧୮ ସେପ୍ଟେମ୍ବର ୧୮ରେ କେନ୍ଦ୍ର ନିକଟକୁ ଚିଠି ପଠାଯାଇଥିଲା। ଲୋକ ସଭା, ରାଜ୍ୟ ସଭା, ସଂସଦୀୟ ବ୍ୟାପାର ଓ ଆଇନ ସଚିବଙ୍କୁ ଏ ନେଇ ଚିଠି ପଠାଯାଇଥିଲା ବୋଲି ବାଚସ୍ପତି କହିଛନ୍ତି। ପୁଣିଥରେ ୨ଟି ଚିଠି ଲେଖି ସମସ୍ତ କଥା ଅବଗତ କରାଯିବ ବୋଲି ବାଚସ୍ପତି କହିଛନ୍ତି।

# ଟ୍ରେଲରରେ ପିଟି ହେଲା ଆମ୍ବୁଲାନ୍ସ, ୨ ମୃତ

ବାହାନଗା, ୧୨।୨ (ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡାସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ଦାଣ୍ଡକାଳୀ ମନ୍ଦିର ନିକଟରେ ଏକ ଟ୍ରେଲର ଓ ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା ହେବା ଯୋଗୁ ୨ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ଟ୍ରେଲର ଚାଳକଙ୍କ ଗୋଡ ଭାଙ୍ଗିଯିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। କଟକରେ ଜଣେ ରୋଗୀଙ୍କୁ ଛାଡି ଏକ ଘରୋଇ ଆମ୍ବୁଲାନ୍ସ (ନଂ.ଡବ୍ଲ୍ୟୁବି-୨୯ଏ-୮୮୬୭)କୋଲକାତା ଅଭିମୁଖେ ଫେରୁଥିବା ବେଳେ ଦାଣ୍ଡକାଳୀ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇ ଡିଭାଇଡର ଡେଇଁ ସମ୍ମୁଖରୁ ଆସୁଥିବା ଟ୍ରେଲର(ନଂ.ଏନଏଲ-୦୨-କେ-୫୪୩୭)ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ହେଲପରଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଦ୍ୱାରା ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଟ୍ରେଲର ଡ୍ରାଇଭର ଯାଜପୁର ମଙ୍ଗଳପୁର ଗ୍ରାମର ଉପେନ୍ଦ୍ର ନାୟକ (୨୫)ଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଆମ୍ବୁଲାନ୍ସ ଡ୍ରାଇଭର ଓ ହେଲପରଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ପରେ ଟ୍ରେଲର ରାସ୍ତାପାର୍ଶ୍ୱରେ ଥିବା ଏକ ଦୋକାନ ଭିତରକୁ ପଶିଯାଇଥିଲା।


ଦୁର୍ଘଟଣା ପରେ ଟ୍ରେଲର ରାସ୍ତାକଡ଼ ଦୋକାନ ଉପରକୁ ମାଡ଼ି ଯାଇଛି।

## ସଂକ୍ଷେପରେ

### ସାମ୍‌ସଙ୍ଗ୍‌ର ଗାଲାକ୍ସି ଏସ୍‌୨୨ ଅଲଟ୍ରାର ଶୁଭାରମ୍ଭ

ଭୁବନେଶ୍ୱର,୧୨।୨: ଦେଶର ପ୍ରମୁଖ ଆଣ୍ଡ୍ରଏଡ୍ ଫୋନ୍ ସାମ୍‌ସଙ୍ଗ୍‌ର ଗାଲାକ୍ସି ଏସ୍‌୨୨ ଅଲଟ୍ରାର ଶୁଭାରମ୍ଭ ହୋଇଯାଇଛି। ଏକ ବିଲ୍ଟ-ଇନ୍ ଏସ୍ ପେନ୍, ଅତ୍ୟାଧୁନିକ ନାଇଟୋଗ୍ରାଫି ଏବଂ ଭିଡିଓ ସାମର୍ଥ୍ୟ ଏବଂ ସାରା ଦିନ ଧରି ଚାଲୁଥିବା ବ୍ୟାଟେରି ଲାଇଫ୍‌ରେ ବ୍ୟବସ୍ଥିତ ଗାଲାକ୍ସି ଏସ୍‌୨୨ ଅଲଟ୍ରା ହେଉଛି ସାମ୍‌ସଙ୍ଗ୍‌ର ଏପର୍ଯ୍ୟନ୍ତର ସବୁଠାରୁ ଶକ୍ତିଶାଳୀ ଅଲଟ୍ରା ଡିଭାଇସ। ଏ ସମ୍ପର୍କରେ ସାମ୍‌ସଙ୍ଗ୍ ଇଲେକ୍ଟ୍ରୋନିକ୍ସ ଏମ୍‌ଏକ୍ସ (ମୋବାଇଲ ଏକ୍ସପେରିୟନ୍ସ) ବିଜ୍‌ନେସ୍‌ର ପ୍ରେସିଡେଣ୍ଟ ଏବଂ ହେଡ୍ ଟିଏମ୍ ରୋ କହିଛନ୍ତି, ଗାଲାକ୍ସି ଏସ୍‌୨୨ ଅଲଟ୍ରା ଗାଲାକ୍ସି ନୋଟ୍‌ର କାର୍ଯ୍ୟଦକ୍ଷତା ଏବଂ ଏସ୍ ସିରିଜର ବହୁଚର୍ଚ୍ଚିତ ଦିଗଗୁଡ଼ିକୁ ଗ୍ରହଣ କରିଛି ଓ ଏକ ଅନନ୍ୟ ମୋବାଇଲ ଅଭିଜ୍ଞତା ପାଇଁ ସେଗୁଡ଼ିକୁ ଏକତ୍ର କରିଛି।

### ବ୍ୟବସାୟ ବୃଦ୍ଧିରେ ଏମ୍‌ଓୟୁ ଗୁରୁତ୍ୱ ବହନ କରିବ

ଭୁବନେଶ୍ୱର,୧୨।୨: ଆଦିତ୍ୟ ବିର୍ଲା ହେଲ୍‌ଥ ଇନ୍‌ସ୍ୟୁରାନ୍ସ କୋ ଲିମିଟେଡ୍ ପକ୍ଷରୁ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ସହିତ ସହଭାଗିତା ଘୋଷଣା କରାଯାଇଛି। ଏହି ସହଭାଗିତା ଅଧୀନରେ କମ୍ପାନୀ ବ୍ୟାଙ୍କର ସର୍ବଭାରତୀୟ ସ୍ତରରେ ରହିଥିବା ଶାଖା ନେଟ୍‌ୱର୍କ ମାଧ୍ୟମରେ ସ୍ୱାସ୍ଥ୍ୟ ବୀମା ଉତ୍ପାଦର ବିତରଣ କରିବ। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ହେଲ୍‌ଥ ଇନ୍‌ସ୍ୟୁରାନ୍ସର ସିଇଓ ମୟଙ୍କ ବାଥ୍‌ୱାଲ କହିଛନ୍ତି, ଆମେ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ସହିତ ସହଭାଗିତା କରି ଖୁବ୍ ଆନନ୍ଦିତ । ଏହି ସହଭାଗିତା ଆମକୁ ବ୍ୟାଙ୍କର ବିସ୍ତୃତ ନେଟ୍‌ୱର୍କ ମାଧ୍ୟମରେ ବିତରଣକୁ ଆହୁରି ମଜଭୁତ କରିବା ଓ ବିକାଶ ସୁଯୋଗଗୁଡ଼ିକୁ ଅନ୍‌ଲକ୍ କରିବାରେ ସାହାଯ୍ୟ କରିବ।

# ବ୍ଲୁ ହାଇଡ୍ରୋଜେନ୍ ନିର୍ମାତା ହେବାକୁ ଆର୍‌ଆଇଏଲ୍‌ର ଚେଷ୍ଟା

ନୂଆଦିଲ୍ଲୀ,୧୨।୨

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସର୍ବଭାରତୀୟ ସ୍ତରରେ ନୀଳ ହାଇଡ୍ରୋଜେନ୍‌ର ସର୍ବବୃହତ୍ ଉତ୍ପାଦକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ବିଶ୍ୱର ସର୍ବବୃହତ୍ ତୈଳ ବିଶୋଧନ କମ୍ପ୍ଲେକ୍ସର ଅପରେଟର ଏକ ୩୦,୦୦୦ କୋଟି ଟଙ୍କାର ପ୍ଲାଣ୍ଟକୁ ପୁନଃ ବ୍ୟବହାର ପାଇଁ ପ୍ରସ୍ତୁତ କରାଯାଉଛି ବୋଲି ସୂଚନା ମିଳିଛି। ଏହା ବର୍ତ୍ତମାନ ପେଟ୍ରୋଲିୟମ କୋକ୍‌କୁ ସିନ୍ଥେସିସ୍ ଗ୍ୟାସ୍‌ରେ ପରିଣତକରି କିଲୋଗ୍ରାମରେ ୧.୨ରୁ ୧.୫ ଡଲାରରେ ନୀଳ ହାଇଡ୍ରୋଜେନ୍ ଉତ୍ପାଦନ କରିବ ବୋଲି ରିଲାଏନ୍ସ ପୃଥକ୍ ଯୋଜନା ବିଷୟରେ ଏକ ଉପସ୍ଥାପନାରେ ମତବ୍ୟକ୍ତ କରିଛି। ହାଇଡ୍ରୋଜେନ୍ ହେଉଛି ଇନ୍ଧନର ସବୁଠାରୁ ଶୁଦ୍ଧ ରୂପ। ଏହାର ଉତ୍ପାଦନ ପଦ୍ଧତି ଅନୁସାରେ ହାଇଡ୍ରୋଜେନ୍ ଧୂସର, ନୀଳ କିମ୍ବା ସବୁଜ ହୋଇପାରେ। ଧୂସର ହାଇଡ୍ରୋଜେନ୍ ହେଉଛି ସବୁଠାରୁ ସାଧାରଣ ରୂପ ଏବଂ ପ୍ରାକୃତିକ ବାଷ୍ପ କିମ୍ବା ମିଥେନ୍‌ରୁ 'ବାଷ୍ପ ସଂସ୍କାର' ନାମକ ଏକ ପ୍ରକ୍ରିୟା ମାଧ୍ୟମରେ ଏହା ଉତ୍ପନ୍ନ ହୁଏ। ଯେତେବେଳେ ବାଷ୍ପ ସଂସ୍କାରରୁ ଉତ୍ପନ୍ନ ଅଙ୍ଗାରକାମ୍ଳ ଧରାଯାଏ ଏବଂ ଗଚ୍ଛିତ ହୁଏ, ହାଇଡ୍ରୋଜେନ୍‌କୁ ନୀଳ ରଙ୍ଗ ଦିଆଯାଏ। ତେଣୁ ନୀଳ ହାଇଡ୍ରୋଜେନ୍ ବେଳେବେଳେ କାର୍ବନ ନିରପେକ୍ଷ ଭାବେ କୁହାଯାଏ, କାରଣ ବାୟୁମଣ୍ଡଳରେ ନିର୍ଗମନ ବିସ୍ତାର ହୋଇ ନ ଥାଏ। ସବୁଜ ହାଇଡ୍ରୋଜେନ୍‌କୁ 'ପରିଷ୍କାର ହାଇଡ୍ରୋଜେନ୍' ମଧ୍ୟ କୁହାଯାଏ। ନବୀକରଣଯୋଗ୍ୟ ଶକ୍ତି ଉତ୍ସରୁ ସୌର ଶକ୍ତି ବ୍ୟବହାରକରି ସୌର କିମ୍ବା ପବନ ଶକ୍ତି ଦ୍ୱାରା ଜଳକୁ ଦୁଇଟି ହାଇଡ୍ରୋଜେନ୍ ପରମାଣୁ ଏବଂ ଗୋଟିଏ ଅମ୍ଳଜାନ ପରମାଣୁକୁ ଇଲେକ୍ଟ୍ରୋଲାଇସିସ୍ ନାମକ ଏକ ପ୍ରକ୍ରିୟାରେ ବିଭକ୍ତ କରାଯାଏ।

## ୱାଓ' ମୋମୋର 'ଫାଷ୍ଟ କାଜୁଆଲ ଡାଇନିଂ'

କଟକ,୧୨।୨




ଭାରତ ଏପରିକି ଓଡ଼ିଶା ବଜାରରେ ୱାଓ' ମୋମୋର ସଫଳତା ପରେ ବ୍ରାଣ୍ଡ ୱାଓ ଚାଇନା ଗ୍ରାହକମାନଙ୍କୁ ଅଭିନବ ଚାଇନିଜ୍ ଖାଦ୍ୟର ସମ୍ଭାର ପାଇଁ ସ୍ଥାନୀୟ ସିଡିଏ –୬ ରେ ପ୍ରଥମକରି 'ଫାଷ୍ଟ କାଜୁଆଲ ଡାଇନିଂ' ଫର୍ମାଟ୍‌ରେ ଏକ ରେଷ୍ଟୁରାଣ୍ଟର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ର ସମ୍ପାଦକ ସଞ୍ଜୟ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୧୦୦୦ ବର୍ଗଫୁଟ୍ ପରିସରରେ ୪୦ ସିଟ୍ ବିଶିଷ୍ଟ ଏହି ରେଷ୍ଟୁରାଣ୍ଟକୁ କଳାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚାଇନିଜ୍ ୱାଟର କଲର୍ସରେ ସଜାଇଛନ୍ତି ଏବଂ ଚାଇନିଜ ହ୍ୟାଣ୍ଡ୍‌ପେଣ୍ଟେଡ୍ ଫ୍ୟାନ୍ସ ଓ ନିଅନ୍ ରେଡ୍ ଲାଇଟ୍ସରେ ସଜ୍ଜିତ ବାର୍ ମଧ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ୱାଓ' ମୋମୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ଏବଂ ସହ ପ୍ରତିଷ୍ଠାତା ସାଗର ଦରୟାନୀ କହିଛନ୍ତି, ୱାଓ' ମୋମୋ ଓଡ଼ିଶାବାସୀଙ୍କ ପାଖରେ ବେଶ୍ ଆଦୃତ ହୋଇପାରିଛି। ଆମେ ମୋମୋକୁ ଏକ ନୂତନ ରୂପରେ ଆଣିଛୁ ଏବଂ ବର୍ତ୍ତମାନ ସ୍ୱାସ୍ଥ୍ୟକର, ହାଇଜେନିକ ଖାଦ୍ୟ ସହିତ ବହୁମାତ୍ରାରେ ଖୁସି ଆଣିଦେବାର ଯୋଜନା ରଖିଛୁ ବୋଲି ସାଗର ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ପୁଣେ ଏବଂ ହାଇଦ୍ରାବାଦ ଭଳି ମୁଖ୍ୟ ସହରଗୁଡ଼ିକରେ ୱାଓ ଚାଇନାର ୭୦ଟି ଆଉଟ୍‌ଲେଟ୍ ସହିତ ଦେଶର ପ୍ରମୁଖ ଶପିଂ ମଲ୍‌ର ଫୁଡ୍ କୋର୍ଟରେ କିଓସ୍କ ମଧ୍ୟ ରହିଛି। ସେହିଭଳି ଓଡ଼ିଶାରେ କେବଳ ୪ଟି ଆଉଟ୍‌ଲେଟ୍ ଭୁବନେଶ୍ୱରର ଇନ୍‌ଫୋସିଟି, ଡିଏନ୍‌ରେଗାଲିଆରେ ଥିବାବେଳେ କଟକରେ ମଧ୍ୟ କଲେଜ ଛକ ଏବଂ ସିଡିଏରେ ନୂତନ ଭାବେ ଏହାର ରେଷ୍ଟୁରାଣ୍ଟ ଆଉଟ୍‌ଲେଟ୍ ରହିଛି।

## ଭୁବନେଶ୍ୱରରେ ରାଜ୍ୟର ପ୍ରଥମ ଫ୍ଲାଗ୍‌ଶିପ ସ୍ମାର୍ଟ ହେଲ୍‌ଥ କ୍ଲିନିକ

ଭୁବନେଶ୍ୱର,୧୨।୨

ଡ.କିୟୋର ଡିଜିଟାଲ ଆପ୍ ପକ୍ଷରୁ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ବରିଷ୍ଠ ନାଗରିକ ତଥା ଏନ୍‌ଆରଆଇମାନଙ୍କୁ ଆବଶ୍ୟକ ଘରୋଇ ଚିକିତ୍ସା ସେବା ଯୋଗାଇ ଦେଇ ଅପୂର୍ବ ସଫଳତା ପାଇଥିବା ଡ.କିୟୋର ନିକଟରେ ସ୍ଥାନୀୟ ରସୁଲଗଡ଼ ଛକ ନିକଟରେ ଏହାର ପ୍ରଥମ ଫ୍ଲାଗ୍‌ଶିପ ସ୍ମାର୍ଟ ହେଲ୍‌ଥ କ୍ଲିନିକର ଶୁଭାରମ୍ଭ କରିଛି। ଏହି ଅବସରରେ ବରିଷ୍ଠ ଚିକିତ୍ସକ ଡା. ମମତା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏହାର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡା. ଏ.ସି.ମଲିକ୍ କହିଛନ୍ତି, ଏହି ସ୍ମାର୍ଟ କ୍ଲିନିକ୍‌ରେ ସମସ୍ତ ପ୍ରକାର ଆଧୁନିକ ଓ ଆବଶ୍ୟକ ଚିକିତ୍ସା ଉପକରଣ ସହ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଦୃଢ଼ ପରିକର।

## ଓଏମ୍‌ସି ସହ ୟୁନିୟନ ବ୍ୟାଙ୍କର ରାଜିନାମା




ଭୁବନେଶ୍ୱର,୧୨।୨

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ମଧ୍ୟରେ ନିକଟରେ ଏକ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ସରକାରୀ ବାଣିଜ୍ୟ ବିଭାଗ ଜେନେରାଲ ମ୍ୟାନେଜର ଆର୍.କେ. ଜଗଲାନ ଏବଂ ଓଏମ୍‌ସିର ସିଜିଏମ୍ ବି.ବି.ପାଣି ଓ ଓଏମ୍‌ସିର ଏମ୍‌ଡି ବଲୱନ୍ତ ସିଂଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ପେମେଣ୍ଟ ଗେଟ୍‌ୱେ ଫାସିଲିଟି ଓଏମ୍‌ସିର ବିକ୍ରି କ୍ଷେତ୍ରରେ ବେଶ୍ ସହାୟକ ହେବ ବୋଲି ଉଭୟ ପକ୍ଷ ମତ ଦେଇଛନ୍ତି। ଏହା କ୍ୟାଶ୍‌ଲେସ୍ ଏବଂ ପେପରଲେସ୍ ପେମେଣ୍ଟ ଦିଗରେ ବିଶେଷ ଭାବେ କାର୍ଯ୍ୟ କରିବ। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ଏଭଳି ପଦକ୍ଷେପ ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜୋନ୍‌ର ଫିଲ୍‌ଡ ଜେନେରାଲ ମ୍ୟାନେଜର ଆର୍.କେ. ପ୍ରଧାନ, ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ସୋଭନ ସେନ୍‌ଗୁପ୍ତା, ଓଏମ୍‌ସିର ଡେପୁଟି ଜେନେରାଲ ମ୍ୟାନେଜର ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଇ–ରୁପିର କାରବାର ବୃଦ୍ଧିକୁ ସ୍ୱୀକୃତି

ଭୁବନେଶ୍ୱର,୧୨।୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ନିକଟରେ ପ୍ରିପେଡ୍ ଡିଜିଟାଲ ଭାଉଚର ଇ–ରୁପିର କାରବାର ସୀମାକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଥିବା ସୂଚନା ମିଳିଛି। ଫଳରେ ଏହାର ଗ୍ରାହକ ୧୦ହଜାର ବଦଳରେ ବର୍ତ୍ତମାନ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରିପାରିବେ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ମୁଦ୍ରାନୀତି ବୈଠକ ପରେ ଏଭଳି ମତ ଦେଇଛନ୍ତି। ସେହିଭଳି ଇ–ରୁପିକୁ ଅନେକ ଉପଯୋଗ ଲାଗି ମଧ୍ୟ ମଞ୍ଜୁରି ମିଳିଛି। ଇ–ରୁପି ପାଇଁ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ରହିବା ଆବଶ୍ୟକ ନାହିଁ। ଇ–ରୁପିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୧ ଅଗଷ୍ଟ ୨ରେ ଶୁଭାରମ୍ଭ କରିଥିଲେ। ଏହା ଏକ ଇଲେକ୍ଟ୍ରୋନିକ୍ ଭାଉଚର ଉପରେ ଆଧାରିତ ଡିଜିଟାଲ ପେମେଣ୍ଟ ସିଷ୍ଟମ। ଡିଜିଟାଲ କରେନ୍ସି ରୂପେ ଭାରତର ଏହା ପ୍ରଥମ ପଦକ୍ଷେପ ଥିଲା।

## ଫୁର୍‌ସତ

# ବଢ଼ୁଛି ରେଡିଓ କ୍ରେଜ୍




**ଶବ୍ଦ, ସ୍ୱର, ସଙ୍ଗୀତ, ସୃଜନଶୀଳତାର ସାବଲୀଳ ସଙ୍ଗମ ହେଉଛି ରେଡିଓ। ଶ୍ରୋତାଙ୍କ ହୃଦୟରେ ଶତାବ୍ଦୀରୁ ଅଧିକ ସମୟ ଧରି ଘର କରି ରହିଥିବା ଏହି ଲୋକପ୍ରିୟ ଶ୍ରାବ୍ୟ ଉପକରଣର କଳେବର ସମୟକ୍ରମେ ବଦଳିଛି। ତା' ସାଙ୍ଗକୁ ବଢ଼ିଛି ଏହାର କ୍ରେଜ୍। ରୁପେଲି ପରଦା ଭଳି ବେତାର ଦୁନିଆ ରଙ୍ଗିନ ନୁହେଁ, ହେଲେ ଶ୍ରୋତାଙ୍କୁ ବାନ୍ଧି ରଖିବା ଭଳି ସମସ୍ତ ସାମର୍ଥ୍ୟ ଖୁନ୍ଦି ହୋଇରହିଛି ଏହା ନିକଟରେ। ଖାସ୍ ସେଇଥିପାଇଁ ରେଡିଓ ଶବ୍ଦ ଉଚ୍ଚାରଣ ହେବା ମାତ୍ରକେ ଜଣେ ଶ୍ରୋତା ପହଞ୍ଚିଯାଏ ଏକ ଭିନ୍ନ ଦୁନିଆରେ, ଯେଉଁଠି ଥାଏ ତାଜା ଖବରଠାରୁ ଆରମ୍ଭ କରି ମନୋରଞ୍ଜନ, ସର୍ବୋପରି ସଚେତନତା ଭଳି ବହୁବିଧ କାର୍ଯ୍ୟକ୍ରମ। ଏକବିଂଶ ଶତାବ୍ଦୀରେ ରେଡିଓର ବ୍ୟବସାୟୀକରଣ ହୋଇଛି। ମୁଣ୍ଡ ଟେକିଛି କମ୍ୟୁନିଟି ରେଡିଓ। ଆଞ୍ଚଳିକସ୍ତରରେ ଶ୍ରୋତାଙ୍କ ହୃଦୟ ଜିଣିବାକୁ ବେସରକାରୀ କମ୍ପାନୀଗୁଡ଼ିକ ମଧ୍ୟରେ ଚାଲିଛି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା। ଫଳରେ ଏହାର ଫାଇଦା ମିଳିଛି ସାମାଜିକ ବ୍ୟବସ୍ଥାକୁ। ବିଶେଷ କରି କରୋନା ମହାମାରୀ ଭଳି ସମୟରେ ଜନସଚେତନତା ପାଇଁ ସାଧନ ଆବଶ୍ୟକ ପଡୁଥିବାବେଳେ ରେଡିଓ ଅନ୍ୟତମ ପ୍ରମୁଖ ଯୋଗାଯୋଗ ମାଧ୍ୟମ ଭାବେ ଲୋକମାନଙ୍କର ଆହୁରି ନିକଟତର ହୋଇପାରିଛି। ରେଡିଓ ଭଳି ଏକ ପୁରୁଣା ମନୋରଞ୍ଜନର ମାଧ୍ୟମ ସମ୍ପର୍କରେ ଜନଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ୧୩ରେ ବିଶ୍ୱ ରେଡିଓ ଦିବସ ପାଳିତ ହେଉଛି। ଏହାକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା...**

### ରେଡିଓ ଟିଆର୍‌ପି ଦୌଡ଼ରେ ନାହିଁ



ଟିଆର୍‌ପି ପଛରେ ଧାଉଁ ନ ଥିବା ଗଣମାଧ୍ୟମ ହେଉଛି ରେଡିଓ। ବେତାରର ଏହି ମାଧ୍ୟମକୁ ଲୋକେ ହେୟ ଜ୍ଞାନ କରିପାରନ୍ତି, କିନ୍ତୁ ଏକଥା ସତ୍ୟ ଯେ ରେଡିଓ କେବେ ମିଛ କହେନା। ରେଡିଓର ପହଞ୍ଚ ପର୍ଯ୍ୟାପ୍ତ ହୋଇପାରିନି। ଏବେ ବି ଏହା ବିକ୍ଷିପ୍ତ ଅବସ୍ଥାରେ ରହିଛି। ଏହାର ମୁଖ୍ୟ କାରଣ ହେଉଛି ଆଞ୍ଚଳିକସ୍ତରରେ ପ୍ରତିଯୋଗିତାମୂଳକ ଗଣମାଧ୍ୟମ। କିଛି ଜାଗାରେ ଏହା ପର୍ଯ୍ୟାପ୍ତ ମାତ୍ରାରେ ଉପଲବ୍ଧ ହେଉଛି ତ ଅନ୍ୟ କେତେକ ସ୍ଥାନରେ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ପହଞ୍ଚିପାରୁନାହିଁ। ସବୁଠି ରେଡିଓର ଶ୍ରୋତା ଅଛନ୍ତି। ଦୈନନ୍ଦିନ ଜୀବନରେ ରେଡିଓର ବ୍ୟବହାରିକ ଉପଚାର ହୁଏତ କ୍ଷୁଣ୍ଣ ହୋଇଥାଇପାରେ, କିନ୍ତୁ ଏହାର ମର୍ଯ୍ୟାଦାହାନି ହୋଇନାହିଁ।

**–କେଦାର ମହାନ୍ତି,**
**ପୂର୍ବତନ ବାର୍ତ୍ତା ସମ୍ପାଦକ, ଆକାଶବାଣୀ କଟକ**

### ନିକଟତର ହେଉଛି ରେଡିଓ



ସ୍ୱର ମାଧ୍ୟମରେ ଶ୍ରୋତାଙ୍କ ପାଖରେ ପହଞ୍ଚିବାର ମାଧ୍ୟମ ହେଉଛି ରେଡିଓ। ଘରୋଇ ଟେଲିଭିଜନର ପ୍ରାବଲ୍ୟ ବଢ଼ିବା ପରେ ଏହାର କ୍ରେଜ୍ କମିଛି ବୋଲି ଅନେକଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା। ଏବେ କିନ୍ତୁ ସମୟ ବଦଳିଛି। ଅନେକ ଏଫ୍‌ଏମ୍ ଚ୍ୟାନେଲ ଖୋଲିଲାଣି। ଏଥିରେ ନିୟମିତ ଖବର ପରିବେଷଣ ସାଙ୍ଗକୁ ସବୁବର୍ଗଙ୍କୁ ସୁହାଇବା ଭଳି ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ପ୍ରସାରଣ ହେଉଛି। ପକେଟ୍ ରେଡିଓରେ ଆକାଶବାଣୀର ଚ୍ୟାନେଲ ସହିତ ବେସରକାରୀ ଏଫ୍‌ଏମ୍ ମଧ୍ୟ ଉପଲବ୍ଧ। ମୋବାଇଲ ଫୋନ୍‌ରେ ମଧ୍ୟ ରେଡିଓ ସୁବିଧା ରହିଛି। ଯୁଗ ଯେତେ ଆଧୁନିକ ହେଲେ ମଧ୍ୟ ରେଡିଓ ସମୟ ସହ ତାଳଦେଇ ଚାଲିଛି। କହିବାକୁ ଗଲେ ଦିନକୁ ଦିନ ରେଡିଓ ଲୋକମାନଙ୍କ ଆହୁରି ନିକଟତର ହେଉଛି।

**–ଶୁଭେନ୍ଦୁ ମହାନ୍ତି, ପୂର୍ବତନ**
**ସମାଚାର ଉପସ୍ଥାପକ ଆକାଶବାଣୀ କଟକ,**

### ପ୍ରାସଙ୍ଗିକତା ଆଜି ବି ସେମିତି ରହିଛି



ସମୟର ପରିବର୍ତ୍ତନ ଅନୁଯାୟୀ ରେଡିଓର ଶ୍ରୋତା ସଂଖ୍ୟା କମିଯାଇଥାଇପାରେ। କିନ୍ତୁ ଏହାର ସ୍ଥିତି ଓ ପ୍ରାସଙ୍ଗିକତା ଆଜି ବି ସେମିତି ରହିଛି। ଏମିତି ସମୟ ଥିଲା, ରେଡିଓର ଚାହିଦା କମିଯାଇଛି ବୋଲି ଲୋକମାନେ ହୃଦ୍‌ବୋଧ କରିବା ଆରମ୍ଭ କରିଥିଲେ। ହେଲେ ପ୍ରଧାନମନ୍ତ୍ରୀଙ୍କ ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' ପୁଣି ସମସ୍ତଙ୍କୁ ରେଡିଓ ପାଖକୁ ଟାଣି ଆଣିଲା। ଅନ୍ୟ ଗଣମାଧ୍ୟମ ଭଳି ରେଡିଓରେ ମଧ୍ୟ ପରୀକ୍ଷାନିରୀକ୍ଷା ଜାରି ରହିଛି। ଛୋଟ ପିଲାମାନଙ୍କ ପାଇଁ 'ଶିଶୁ ସଂସାର' କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ବୟସ୍କଙ୍କ ପାଇଁ 'ମାନନୀୟେଷୁ' ଯାହା ବର୍ତ୍ତମାନ ସ୍ମୃତିର ପାହାଚ କାର୍ଯ୍ୟକ୍ରମ ଭାବେ ଲୋକପ୍ରିୟତା ସାଉଁଟୁଛି।

**–ସୁମିତ୍ରା ମହାପାତ୍ର, କାର୍ଯ୍ୟକ୍ରମ ନିଷ୍ପାଦକ,**
**ଆକାଶବାଣୀ କଟକ**

### ପ୍ରଭାବଶାଳୀ ନାଟକ ଉପସ୍ଥାପନା

ମଞ୍ଚ ନାଟକ, ଯାତ୍ରା, ପ୍ରେକ୍ଷାଳୟଠାରୁ ବେତାର ନାଟକ ଭିନ୍ନ। କେବଳ ସ୍ୱର ମାଧ୍ୟମରେ କାହାଣୀକୁ ପ୍ରଭାବଶାଳୀ ଢଙ୍ଗରେ ଶ୍ରୋତାଙ୍କ ପାଖେ ପହଞ୍ଚାଇବାକୁ ପଡ଼େ। ଏହା ସଫଳ ହେଲେ ଶ୍ରୋତାମାନେ ନାଟକକୁ ଉପଭୋଗ କରିପାରିବେ। ରେଡିଓ ନାଟକକୁ ଅଧିକରୁ ଅଧିକ ବାସ୍ତବଧର୍ମୀ କରିବାକୁ ହେଲେ ଭାଷା, ବିଭିନ୍ନ ଚରିତ୍ରର ପରିଚୟ ଦେବାର ଶୈଳୀ, ସଂଳାପକୁ ସେତିକି ମନଛୁଆଁ କରିବା ଦରକାର। ମନୋରଞ୍ଜନ ପାଇଁ ବିଭିନ୍ନ ମାଧ୍ୟମ ସୃଷ୍ଟି ହେବା ପରେ ରେଡିଓ ନିକଟରୁ ଲୋକେ ଦୂରେଇ ଯିବା ଆରମ୍ଭ କରିଥିଲେ। କିନ୍ତୁ ଏଫ୍‌ଏମ୍ ପୁଣି ଥରେ ଶ୍ରୋତାମାନଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନରୁ ଅନୁବାଦକ ଭାବେ ଏକଥାକୁ ହୃଦୟଙ୍ଗମ କରିପାରିଛି। ବର୍ତ୍ତମାନ ଡିଜିଟାଲ, ଲାଇଭ୍ ଷ୍ଟ୍ରିମିଂ, ବିଭିନ୍ନ ମୋବାଇଲ ଆପ୍ ମାଧ୍ୟମରେ ରେଡିଓ ପୁଣି ଲୋକଙ୍କ ପାଖରେ ପହଞ୍ଚିଛି।



**–ପ୍ରକାଶ ଡାଭେ,**
**ଉଦ୍‌ଘୋଷକ ଓ ଅନୁବାଦକ, ଆକାଶବାଣୀ କଟକ**

### କମ୍ ଖର୍ଚ୍ଚରେ ଉପଭୋଗ୍ୟ



ପାଣିପାଗ ହେଉ କି ମନୋରଞ୍ଜନ, ସଙ୍ଗୀତ ହେଉ କି ଖବର ପରିବେଷଣ ରେଡିଓ ସବୁସମୟରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଆସିଛି। ଏପରି କି ବିଜ୍ଞାପନ ପ୍ରସାରଣ କ୍ଷେତ୍ରରେ ମଧ୍ୟ ଏହା ସେତିକି ପ୍ରଶଂସା ସାଉଁଟିଛି। ଜଣେ ବ୍ୟକ୍ତି କମ୍ ଖର୍ଚ୍ଚରେ ଏଭଳି ମନୋରଞ୍ଜନର ମାଧ୍ୟମକୁ ଉପଭୋଗ କରିପାରିବ। ଆଜି ବି ଏଭଳି ଅନେକ ଦୁର୍ଗମ ଅଞ୍ଚଳ ରହିଛି, ଯେଉଁଠି ଟାୱାର ବସିପାରିନାହିଁ କି ଟେଲିଭିଜନ ଲାଗି କୌଣସି ସୁବିଧା ନାହିଁ। ଏଭଳି ସ୍ଥାନରେ ରେଡିଓ ବେଶ୍ ସହାୟକ ହୋଇପାରିଛି।

**–ନବକିଶୋର ପାଣିଗ୍ରାହୀ, ଶ୍ରୋତା, ଭଦ୍ରକ**

### ରେଡିଓ ମୋର ପ୍ରିୟ ବାନ୍ଧବୀ



ପିଲା ଦିନରୁ ରେଡିଓ ସହ ମୁଁ ଜଡ଼ିତ। ରେଡିଓ ହେଉଛି ମୋର ପ୍ରିୟ ବାନ୍ଧବୀ। ଜଣେ ଶ୍ରୋତା ଭାବରେ ରେଡିଓରେ ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଇଛି। ଶିଶୁ ସଂସାର, ଯୁବବାଣୀ, କୃଷିସଂସାର କାର୍ଯ୍ୟକ୍ରମର ଶିକ୍ଷଣୀୟ ବିଷୟ ଅନୁପ୍ରାଣିତ କରିପାରିଛି। ଏବେକାର ଯୁବପିଢ଼ିଙ୍କ ମଧ୍ୟରେ ଏଫ୍‌ଏମ୍ ଶୁଣିବା ଲାଗି ଆଗ୍ରହ ବିଶେଷ ଭାବେ ବଢ଼ିଛି, ଯାହା ରେଡିଓ ପାଇଁ ଶୁଭଙ୍କରୀ।

**–ଅନୁପମା ପଣ୍ଡା, ଶ୍ରୋତା, କଟକ**

CLASSIFIED DISPLAY
ALL EDITION - B/W (Everyday)
TARIFF · MORE SPACE • SAME PRICE · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ଟାଟୁ ଏବଂ ନେଲ୍ ଆର୍ଟ ତାଲିମ ଏବଂ ପ୍ରମାଣପତ୍ର
Inkstories ଭୁବନେଶ୍ୱରର ସହିଦ ନଗର ଠାରେ Experienced ଆର୍ଟିଷ୍ଟଙ୍କ ଦ୍ୱାରା Tattoo & Nail Art ତାଲିମ ପ୍ରଦାନ କରାଯାଉଛି।
ତାଲିମ ପରେ ଗ୍ୟାରେଣ୍ଟିଯୁକ୍ତ ଚାକିରି
8249343263

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

GALAXY TOWER
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଭାରତର ବୁଲ୍‌ବୁଲ୍



ସରୋଜିନୀ ନାଇଡୁ

ସରୋଜିନୀ ନାଇଡୁଙ୍କୁ ଭାରତର ବୁଲ୍‌ବୁଲ୍ କୁହାଯାଇଥାଏ । ସେ ଏକାଧାରରେ ଜଣେ କବୟିତ୍ରୀ, ସ୍ୱାଧୀନତା ସଂଗ୍ରାମୀ ତଥା ଉଦାର ହୃଦୟର ମହିଳା ଥିଲେ। ଭାରତୀୟ ସମ୍ବିଧାନ ପ୍ରଣେତାଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ସେ ସ୍ୱାଧୀନ ଭାରତର ପ୍ରଥମ ରାଜ୍ୟପାଳ ଥିଲେ । ତାଙ୍କ ଜନ୍ମଦିନକୁ ଦେଶରେ ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଇଥାଏ । ସରୋଜିନୀଙ୍କ ଜନ୍ମ ୧୮୭୯ ଫେବୃୟାରୀ ୧୩ରେ ହାଇଦ୍ରାବାଦଠାରେ ଏକ ବଙ୍ଗୀୟ ବ୍ରାହ୍ମଣ ପରିବାରରେ ହୋଇଥିଲା । ପିତା ଅଘୋର ନାଥ ଚଟ୍ଟୋପାଧ୍ୟାୟ ଓ ମାତାଙ୍କ ନାମ ଥିଲା ବରଦା ସୁନ୍ଦରୀ ଦେବୀ। ୮ ଭାଇ ଭଉଣୀଙ୍କ ମଧ୍ୟରୁ ସେ ସବୁଠୁ ବଡ଼ ଥିଲେ । ମାଡ୍ରାସ୍ ବିଶ୍ୱବିଦ୍ୟାଳୟରୁ ମାଟ୍ରିକୁଲେଶନ୍ ପରେ ଇଂଲଣ୍ଡର କିଙ୍ଗ୍‌ସ କଲେଜ ଓ କେମ୍ବ୍ରିଜ୍‌ର ଗିର୍ଟନ କଲେଜରେ ଉଚ୍ଚଶିକ୍ଷା ପ୍ରାପ୍ତ କରିଥିଲେ । ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ରବୀନ୍ଦ୍ରନାଥ ଟାଗୋର, ଆନି ବେଶାନ୍ତ, ଗୋପାଳକୃଷ୍ଣ ଗୋଖ୍‌ଲେ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କ ସଂସ୍ପର୍ଶରେ ଆସି ସେ ଦେଶସେବା କରିବାର ସୁଯୋଗ ପାଇଥିଲେ। ୧୯୨୫ରେ ସେ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୪୭ରୁ ୧୯୪୯ ପର୍ଯ୍ୟନ୍ତ ସେ ଉତ୍ତରପ୍ରଦେଶ (ତତ୍କାଳୀନ ୟୁନାଇଟେଡ୍ ପ୍ରୋଭିନ୍ସ)ର ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ । ବଙ୍ଗଳା, ହିନ୍ଦୀ, ଇଂଲିଶ, ତେଲୁଗୁ ଆଦି ଏକାଧିକ ଭାଷାରେ ତାଙ୍କର ଦକ୍ଷତା ରହିଥିଲା । 'ଦି ଗୋଲଡେନ୍ ଥ୍ରେସ୍‌ହୋଲ୍ଡ', 'ଦି ଫିଦର୍ ଅଫ୍ ଦି ଡାନ' ଭଳି ସରୋଜିନୀ ବହୁ ଉଚ୍ଚକୋଟୀର କବିତା ରଚନା କରିଯାଇଛନ୍ତି। ସେ ଡା. ଗୋବିନ୍ଦ ରାଜୁଲୁ ନାଇଡୁଙ୍କୁ ବିବାହ କରିଥିଲେ। ୧୯୪୯ ମାର୍ଚ୍ଚ ୨ରେ ଲକ୍ଷ୍ନୌଠାରେ ହୃଦ୍‌ଘାତ ଯୋଗୁ ତାଙ୍କର ପରଲୋକ ଘଟିଥିଲା।

ମନେ ପଡ଼ନ୍ତି

ଏକାଦଶାହ ଅବସରରେ
ଶ୍ରଦ୍ଧାଞ୍ଜଳି



୰ପୂର୍ଣ୍ଣପାର୍ବତୀ ସାହୁ
ସ୍ୱା: ୰ବୁଲା ସାହୁ
ହାଟ ଡେଲାଙ୍ଗ, ପୁରୀ
ଧରାବତରଣ: ତା୦୧।୦୪।୧୯୩୮
ସ୍ୱର୍ଗାରୋହଣ: ତା୦୩।୦୨।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଇତି: ଶୋକସନ୍ତପ୍ତ ପୁତ୍ରଗଣ: ଆର୍ତ୍ତତ୍ରାଣ ସାହୁ, ଭରତ ଚନ୍ଦ୍ର ସାହୁ, ପଦ୍ମଚରଣ ସାହୁ, କାଳୁ ଚରଣ ସାହୁ, ଗୁଣନିଧି ସାହୁଙ୍କ ସହ ପରିବାରବର୍ଗ ଓ ଗୁଣଗ୍ରାହୀମାନେ
ଧ–୬୭୬୪୪

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବାଇଧର ସାହୁ
ଆବିର୍ଭାବ: ୨୨।୦୪।୧୯୩୬
ତିରୋଧାନ: ୧୩।୦୨।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ–୭୦୭୭୨

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଦୀପ୍ତ କୁମାର ପଟ୍ଟନାୟକ
ନୟାପଲ୍ଲୀ, ଗଡ଼ସାହି, ଭୁବନେଶ୍ୱର
ଆବିର୍ଭାବ: ୨୬।୦୭।୧୯୫୩
ତିରୋଧାନ: ୦୩।୦୨।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ । ଯେଉଁଠି ବି ଥାଆନ୍ତୁ ଭଲରେ ରୁହନ୍ତୁ ଏତିକି ହିଁ କାମନା ।
ଶୋକସନ୍ତପ୍ତ: ସ୍ତ୍ରୀ ଗୌରୀରାଣୀ ପଟ୍ଟନାୟକ, ଝିଅ: ଟିନା, ଜ୍ୱାଇଁ ନାନୁ, ପୁଅ: ପିଣ୍ଟୁ, ଟପୁ, ବୋହୂ: ରୁବି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ–୨୩୧୦୯

# ପ୍ରେମରେ ପ୍ରେମରେ ବର୍ଷେ...


ଦୀପଙ୍କର ଓ ଅଲିଭା



**ଆସନ୍ତାକାଲି ପ୍ରେମର ଦିବସ ଭାଲେଣ୍ଟାଇନ୍ସ ଡେ'। ପ୍ରତିଟି ପ୍ରେମୀଯୁଗଳଙ୍କ ପାଇଁ ବେଶ୍ ପ୍ରତୀକ୍ଷିତ ଦିନଟିଏ। ହେଲେ, ଦୁଇ ଅଚିହ୍ନା ମଣିଷ ଯଦି ଏହିଦିନ ବିବାହ ବନ୍ଧନରେ ବାନ୍ଧି ହୋଇ ପରବର୍ତ୍ତୀ ସମୟରେ ଏହି ଦିନରେ ବିବାହ ବାର୍ଷିକୀ ପାଳନ କରନ୍ତି, ତେବେ ସେମାନଙ୍କ ପାଇଁ ଏହା ପାଲଟିଯାଏ ଆହୁରି ଖାସ୍ ଆଉ ସ୍ପେଶାଲ୍। ଏବର୍ଷ ଭାଲେଣ୍ଟାଇନ୍ସ ଡେ'ରେ ପ୍ରଥମ ବିବାହ ବାର୍ଷିକୀ ପାଳିବାକୁ ଯାଉଥିବା ସେହିଭଳି କେତେଜଣ ଦମ୍ପତିଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...**

### ଭଲପାଇବାରେ ଜଣାପଡ଼େନି ସମୟ

**ଦୀପଙ୍କର ମହାନ୍ତି (କଟକ)**– ଭଲପାଇବା ଏମିତି ଏକ ସମ୍ପର୍କ, ଯାହା କେବେ କାହା ସହ ଗଢ଼ିଉଠେ ଜଣାପଡ଼େନି। ଠିକ୍ ଯେମିତି ଆମ ସହ ହୋଇଥିଲା। ଅଲିଭାଙ୍କ ସହ ମୋର ବିବାହ ପ୍ରସ୍ତାବ ପଡ଼ିବା ପରେ ହିଁ ତାଙ୍କୁ ଚିହ୍ନିଲି। ହେଲେ ଧୀରେ ଧୀରେ କଥା ହେବା ପରେ ଏକ ଭଲପାଇବାର ସମ୍ପର୍କ ଗଢ଼ିଉଠିଲା ଏବଂ ମନେହେଲା ଯେମିତି ବହୁ ବର୍ଷରୁ ପରସ୍ପରକୁ ଜାଣିଛୁ। ଯେହେତୁ ଆମେ ଅନ୍ୟ ପ୍ରେମୀ ଯୁଗଳଙ୍କ ପରି ପୂର୍ବରୁ ଭାଲେଣ୍ଟାଇନ୍ସ ଡେ' ସେଲିବ୍ରେଟ୍ କରି ନ ଥିଲୁ, ତେଣୁ ଆମ ଭଲପାଇବାକୁ ସ୍ପେଶାଲ କରିବା ପାଇଁ ଆମେ ବିବାହ ନିମନ୍ତେ ଏହି ଦିନକୁ ବାଛିଲୁ। ପରସ୍ପର ସହ ସମୟ ବିତାଇବାରେ ଇତିମଧ୍ୟରେ କେବେ ଏକ ବର୍ଷ ବିତିଗଲାଣି ଆଦୌ ଜଣାପଡ଼ୁନି। ଆସନ୍ତାକାଲି ଭାଲେଣ୍ଟାଇନ୍ସ ଡେ' ସହ ପ୍ରଥମ ବିବାହ ବାର୍ଷିକୀ ପାଳନ କରିବାକୁ ନେଇ ଆମେ ଉତ୍କଣ୍ଠାର ସହ ଚାହିଁ ରହିଛୁ।

### ଭାଲେଣ୍ଟାଇନ୍ସ ଡେ'ରେ ବିବାହର ଅନୁଭୂତି ଅନନ୍ୟ

**ସୁମିତ୍ରା ସାହୁ (ଯାଜପୁର)**– ପ୍ରତିଟି ପ୍ରେମୀଯୁଗଳଙ୍କ ପାଇଁ ଭାଲେଣ୍ଟାଇନ୍ସ ଡେ' କେତେ ଖାସ୍ ତା' କିଏ ବା ନ ଜାଣେ! ହେଲେ ଏହି ଦିନଟି ଆହୁରି ସ୍ପେଶାଲ୍ ହୋଇଯାଏ, ଯେବେ ପାଖରେ ନିଜ ଜୀବନସାଥୀ ଥାଆନ୍ତି। ତେବେ ମୋ ପାଇଁ ଏହି ଦିନଟି ବେଶ୍ ଗୁରୁତ୍ୱ ରଖିବାର କାରଣ ହେଉଛି ଗତବର୍ଷ ଏହି ଦିନରେ ମୋର ମାନସ ରଞ୍ଜନ ସାହୁଙ୍କ ସହ ବିବାହ ହୋଇଥିଲା। ସଭିଏଁ ଏହି ଦିନକୁ ପ୍ରେମ ଦିବସ ଭାବେ ପାଳୁଥିବା ବେଳେ ଆମେ ବିବାହ ବେଦିରେ ପରସ୍ପରକୁ ସାରାଜୀବନ ପାଇଁ ପାଇଥିଲୁ। କଥାରେ ଅଛି, ଜୀବନସାଥୀ ଯଦି ଭଲ ହୁଏ, ଜୀବନ ଅତି ମଧୁରମୟ ହୋଇଯାଏ। ଏହା ସତ। କାରଣ ଆସନ୍ତାକାଲି ଆମ ବିବାହକୁ ବର୍ଷେ ପୂରିବାକୁ ଯାଉଛି, ଆଉ ଏହା ଭିତରେ ତାଙ୍କଠାରୁ ଯେଉଁ ଭଲପାଇବା, ସ୍ନେହ ଶ୍ରଦ୍ଧା, ଖୁସି, ଯତ୍ନ ପାଇଛି, ତାହାର ବର୍ଣ୍ଣନା ନାହିଁ। ଆମ ଭଲପାଇବା ପବିତ୍ର, ନିର୍ମଳ, ସ୍ୱଚ୍ଛ। ତାଙ୍କ ସହ ଏମିତି ସାରା ଜୀବନ ହସଖୁସିରେ କଟୁ ବୋଲି ପ୍ରଥମ ବିବାହ ବାର୍ଷିକୀରେ ପ୍ରଭୁଙ୍କ ନିକଟରେ କାମନା କରିବି।

### ସ୍ପେଶାଲ ଭାଲେଣ୍ଟାଇନ୍ସ ଗିଫ୍ଟ ଆମ ପୁଅ:

**ପ୍ରଣତି ଦାସ (କେନ୍ଦୁଝର):** ଘରେ ଯେତେବେଳେ ବାହାଘର ପ୍ରସ୍ତାବ ବିଷୟରେ ମୋତେ ପ୍ରଥମେ କହିଲେ, ସେତେବେଳେ ଭାବିଲି ବୋଧହୁଏ ଘରଲୋକ ନୂଆବର୍ଷରେ ମୋ ସହ ମଜା କରୁଛନ୍ତି। ହେଲେ, ପରେ ଜାଣିଲି ବାହାଘର ସତ। ନାହିଁ ନାହିଁ ଭିତରେ ଆଜକୁ ଠିକ୍ ବର୍ଷେ ତଳେ ଅର୍ଥାତ୍ ୨୦୨୧ ଫେବୃଆରୀ ୧୪ରେ ବିଜୟ ପ୍ରଧାନଙ୍କ ସହ ହେଲା ବାହାଘର। ଯେହେତୁ ଆରେଞ୍ଜ ମ୍ୟାରେଜ୍, ତେଣୁ ସେଠାରେ କେମିତି ରହିବି ମନରେ ଡର ଥିଲା। ହେଲେ ସ୍ୱାମୀଙ୍କ ସପୋର୍ଟ ସହ ପରିବାର ସଦସ୍ୟଙ୍କ ଭଲପାଇବା ଯୋଗୁଁ ବର୍ଷଟି କେମିତି ଅତିବାହିତ ହୋଇଗଲା ଜଣାପଡ଼ିଲାନି। ଆଉ ଆମ ପାଇଁ ସବୁଠୁ ଖାସ୍ କଥା ହେଲା, ଏ ଭିତରେ ଏବେ ମୁଁ ମା' ହୋଇ ସାରିଲିଣି। ପୂର୍ବ ବର୍ଷର ଭାଲେଣ୍ଟାଇନ୍ସ ଡେ'ରେ ଜୀବନସାଥୀଙ୍କୁ ପାଇଲି, ଆଉ ଏ ବର୍ଷ ପୁଅକୁ। ତେଣୁ ଏବର୍ଷର ଭାଲେଣ୍ଟାଇନ୍ସ ଡେ'କୁ ପୁଅ ଆମ ପାଇଁ ସ୍ପେଶାଲ୍ କରିଦେଲା। ସେ ହିଁ ଆମ ପାଇଁ ଭଗବାନ୍‌ଙ୍କ ତରଫରୁ ସ୍ପେଶାଲ ଭାଲେଣ୍ଟାଇନ୍ସ ଗିଫ୍ଟ।

### ପ୍ରେମ ଦିବସରେ ଆନିଭର୍ସାରିର ମଜା ନିଆରା

**ବିବେକ ମହାନ୍ତି (ଜଗନ୍ନାଥପୁର, ଭଦ୍ରକ)**– ଅତି ନିଜର ଲାଗୁଥିବା ଲୋକ ସହ ବର୍ଷବର୍ଷ କେମିତି କଟିଯାଏ ଜଣାପଡ଼େନି। ବିଶେଷକରି ଯଦି ନିଜ ଲାଇଫ୍ ପାର୍ଟନରଙ୍କ ସହ ଅଣ୍ଡରଷ୍ଟାଣ୍ଡିଂ ଭଲ ରହିଲା, ତେବେ ସମ୍ପର୍କ ଆହୁରି ସୁନ୍ଦର ଓ ଜୀବନ ଖୁସିପୂର୍ଣ୍ଣ ହୋଇଯାଏ। ଏମିତିରେ ଯେତେ ସମସ୍ୟାର ପାହାଡ଼ ଆସି ମୁଣ୍ଡ ଟେକିଲେ ନ ଡରି ଦୁଇଜଣ ମିଶି ସାମ୍ନା କରିବା ସହଜ ହୋଇଯାଏ। ଏଭଳି ଜଣେ ଜୀବନସାଥୀ ଭାବେ ଅନିତା ଦାସଙ୍କୁ ପାଇ ମୁଁ ବହୁତ ଖୁସି। କେହି କେହି କୁହନ୍ତି, ପ୍ରେମ ଦିବସ ଅର୍ଥାତ୍ ଭାଲେଣ୍ଟାଇନ୍ସ ଡେ'ରେ ବିବାହ ହୋଇଥିବାରୁ ଆମ ସମ୍ପର୍କ ସୁମଧୁର ହୋଇପାରିଛି। ତେବେ ଏଥିରେ କେତେ ସତ୍ୟତା ଅଛି ତା' ତ ଜାଣିନି; କିନ୍ତୁ ଏକଥା ସତ ଯେ, ଭାଲେଣ୍ଟାଇନ୍ସ ଡେ'ରେ ଆନିଭର୍ସାରି ପାଳନ କରିବାର ମଜା ନିଆରା। ଏହି ଦିନକୁ ଆମେ ଭଗବାନ୍‌ଙ୍କ ଦର୍ଶନରୁ ଆରମ୍ଭ କରି ବୁଲାବୁଲି, ହୋଟେଲରେ ଖାଇବା ସହ ପରସ୍ପରକୁ ସରପ୍ରାଇଜ୍ ଗିଫ୍ଟ ଦେବା ପର୍ଯ୍ୟନ୍ତ ଖୁବ୍ ମଜାମସ୍ତିରେ ପାଳିଥାଉ। ଏଥର ପାଇଁ ମଧ୍ୟ ଅନେକ ପ୍ଲାନିଂ ରହିଛି।

–ପୌର୍ଣ୍ଣମାସୀ


ବିବେକ ଓ ଅନିତା


ବିଜୟ ଓ ପ୍ରଣତି


ମାନସ ଓ ସୁମିତ୍ରା

## ଏ ସପ୍ତାହର ପ୍ରଶ୍ନ

୧– କାଞ୍ଚୋଥ୍ ଫେଷ୍ଟିଭାଲ୍.......... ଠାରେ ପାଳନ କରାଯାଏ ?
୨– ବଙ୍ଗଳା ପୁସ୍ତକ ଅଗ୍ନିବୀଣାର ଲେଖକ............. ?
୩– ଭାରତର ପ୍ରଥମ ଗ୍ରୀନ୍ ସ୍ପେଶିଆଲ୍ ଇକୋନୋମିକ୍ ଜୋନ୍............... ?
୪– ନ୍ୟାଶନାଲ୍ ଫରେନ୍ସିକ୍ ସାଇନ୍ସ ୟୁନିଭର୍ସିଟି ଭାରତର ........... ଠାରେ ଅବସ୍ଥିତ ?
୫– ନ୍ୟାଶନାଲ୍ ଡିଜିଟାଲ୍ ଲାଇବ୍ରେରି ଅଫ୍ ଇଣ୍ଡିଆ ............... ଦ୍ୱାରା ପ୍ରାରମ୍ଭ କରାଯାଇଛି।

## ଗତ ଥରର ଉତ୍ତର

୧ ଆସାମ
୨ ଉଗାଣ୍ଡା ଏବଂ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ
୩ ଭୟମ୍ ରକ୍ଷମାଃ
୪ ମଧ୍ୟପ୍ରଦେଶ
୫ ରିଭର୍ସ ଟ୍ରାନ୍ସକ୍ରିପ୍ସନ୍ ପଲିମରେଜ୍ ଚେନ୍ ରିଆକ୍ସନ୍

## ଉତ୍ତରଦାତା


ପୂର୍ଣ୍ଣଚନ୍ଦ୍ର ବେହେରା, ଗଞ୍ଜାମ


ସଚ୍ଚିଦ୍ ସାଗର, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ରୋଜ୍ ଗାର୍ଡେନ



୧– ପ୍ରିନ୍ସେସ୍ ଗ୍ରେସ୍ ରୋଜ୍ ଗାର୍ଡେନ................................ ମୋନାକୋ
୨– ମଣ୍ଟ୍ରିଏଲ୍ ବଟାନିକାଲ୍ ଗାର୍ଡେନ୍......................... ମଣ୍ଟ୍ରିଏଲ୍, କାନାଡ଼ା
୩– ରୋଜେଟୋ ମ୍ୟୁନିସିପାଲେ.............................................. ରୋମ୍
୪– ସାକୁରା ରୋଜ୍ ଗାର୍ଡେନ................................ ସାକୁରା, ଜାପାନ
୫– ଭାଲ୍‌ବୀ ପାର୍କ.............................. କୋପେନ୍‌ହାଗେନ୍, ଡେନ୍‌ମାର୍କ
୬– ଜାକିର ହୁସେନ୍ ରୋଜ୍ ଗାର୍ଡେନ୍......................... ଚଣ୍ଡିଗଡ଼, ଭାରତ
୭– ପାର୍କ ଡେ ବାଗାଟେଲେ............................................. ପ୍ୟାରିସ୍
୮– ରୋଜେଡାଲ୍ ଡେ ପାଲେର୍ମୋ................ ବୁଏନ୍ସ ଏୟାରେସ୍, ଆର୍ଜେଣ୍ଟିନା
୯– ଏଲିଜାବେଥ୍ ପାର୍କ ରୋଜ୍ ଗାର୍ଡେନ୍................. ହାର୍ଟଫୋର୍ଡ, ଆମେରିକା
୧୦– କ୍ୱିନ୍ ମ୍ୟାରୀ'ସ୍ ଗାର୍ଡେନ୍.................................................. ଲଣ୍ଡନ

## ଜାଣନ୍ତୁ ଦୁନିଆ

# ହ୍ୱାଇଟ୍ ବିଚ୍ ହେଭେନ୍

**ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡ ଉପକୂଳରେ ଥିବା ହ୍ୱିଟ୍‌ସଣ୍ଡେ ଦ୍ୱୀପରେ ରହିଛି ହ୍ୱାଇଟ୍ ବିଚ୍ ହେଭେନ୍। ୭ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ବେଳାଭୂମିରେ ପ୍ରାୟ ୯୮ ପ୍ରତିଶତ ସିଲିକା ଥିବାରୁ ଏହାର ରଙ୍ଗ ଧଳା, ଯାହାକି ଦେଖିବାକୁ ଖୁବ୍ ସୁନ୍ଦର ଓ ମନଲୋଭା। ଆଉ ଏଥିପାଇଁ ୨୦୨୧ ମସିହାରେ ଏହାକୁ ଆୱାର୍ଡ଼ ମିଳିଥିଲା। ତେବେ ଜାଣିବା ଏହା ସମ୍ପର୍କରେ ଆଉ କିଛି ରୋଚକ ତଥ୍ୟ...**

➔ ୧୮୭୯ ମସିହାରେ ଷ୍ଟାଫ୍ କମାଣ୍ଡର ଇପି ବେଡ୍‌ୱେଲ୍ ଏହି ବିଚ୍‌କୁ ଆବିଷ୍କାର କରିବା ସହ ଏହାର ନାମକରଣ ମଧ୍ୟ କରିଥିଲେ। ଏହାର ସୌନ୍ଦର୍ଯ୍ୟ ତଥା ଏଠାରେ ଥିବା ହ୍ୱିଟ୍‌ସଣ୍ଡେ ପାଇଁ ଏପରି ନାମ ଦିଆଯାଇଛି।

➔ ବିଚ୍‌ଟି ସିଲିକାରେ ପରିପୂର୍ଣ୍ଣ ଥିବାରୁ ବାଲି ବହୁତ ସଫ୍ଟ ଏବଂ ଫାଇନ୍ ଥାଏ। ସେଥିପାଇଁ ଖରାଦିନେ ଅନ୍ୟ ବିଚ୍‌ଗୁଡ଼ିକ ପରି ଏହା ଗରମ ଲାଗେନି। ଆପଣ ଚାହିଁଲେ ଖାଲିପାଦରେ ମଧ୍ୟ ଏଠାରେ ଆରାମରେ ଚାଲିପାରିବେ।

➔ ସ୍ମୋକିଂ ବା ସିଗାରେଟ୍ ଟାଣିବା ଏଠାରେ ସମ୍ପୂର୍ଣ୍ଣ ନିଷେଧ। ତେଣୁ ଏହାର ଆଖପାଖ ପରିବେଶ ସବୁବେଳେ ପ୍ରଦୂଷଣମୁକ୍ତ ଥାଏ। ଏମିତିକି ଏଠାରେ ଜୀବଜନ୍ତୁ ଯଥା କୁକୁରଙ୍କୁ ବି ପ୍ରବେଶ କରିବାକୁ ଦିଆଯାଇ ନ ଥାଏ। ଏହା ଅଷ୍ଟ୍ରେଲିଆ ମହାଦେଶର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ, ଯାହାର ପରିଚ୍ଛନ୍ନତା ପାଇଁ ନା କେବଳ ଏହାକୁ ୨୦୦୮ ମସିହାରେ "କୁଇନ୍ସଲ୍ୟାଣ୍ଡସ୍ କ୍ଲିନେଷ୍ଟ ବିଚ୍" ଭାବେ ପୁରସ୍କାର ମିଳିଛି ବରଂ ଏଥିପାଇଁ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ଅଧିକାର କରିଛି। ଖାଲି ସେତିକି ନୁହେଁ, ୨୦୧୦ ମସିହାରେ ପୃଥିବୀର ପ୍ରଥମ "ଇକୋ ଫ୍ରେଣ୍ଡଲି" ବିଚ୍ ଭାବେ ମଧ୍ୟ ଏହା ପରିଗଣିତ ହୋଇଥିଲା।

➔ ପରିବେଶକୁ ସୁରକ୍ଷା ପ୍ରଦାନ କରୁଥିବାରୁ କୁଇନ୍ସଲ୍ୟାଣ୍ଡ ସରକାର ହ୍ୱାଇଟ୍ ସଣ୍ଡେ ଦ୍ୱୀପ ଏବଂ ତା'ର ଆଖପାଖ ଅଞ୍ଚଳକୁ 'ନ୍ୟାଶନାଲ୍ ପାର୍କ'ର ମାନ୍ୟତା ଦେଇଛନ୍ତି ଏବଂ ଏଥିସହ 'ୱାର୍ଲ୍ଡ ହେରିଟେଜ୍'ରେ ମଧ୍ୟ ଏହା ସ୍ଥାନ ପାଇଛି।

➔ ଏଠାରେ ପହଁରିବାର ବି ସୁବିଧା ରହିଛି। ୨୦୦୯ ମସିହାଠାରୁ ପ୍ରତିବର୍ଷ ନଭେମ୍ବର ୧୨ ତାରିଖରେ ଏଠାରେ ପ୍ରାୟ ୨ କି.ମି. ପର୍ଯ୍ୟନ୍ତ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି। ସିଲିକା ସ୍ୟାଣ୍ଡରେ ଜୁଏଲେରିଗୁଡ଼ିକ ଭଲ ଭାବେ ପଲିସ୍ ହେଉଥିବାରୁ ଏଠାକୁ ଯିଏ ବି ବୁଲିବାକୁ ଗଲେ ନିଜର ଜୁଏଲେରି ନେବାକୁ ଭୁଲି ନ ଥା'ନ୍ତି।



# ସରପ୍ରାଇଜ୍ ଗିଫ୍ଟ



**ଏବେ ଚାଲିଛି ପ୍ରେମ ସପ୍ତାହ ବା ଭାଲେଣ୍ଟାଇନ୍ସ ୱିକ୍। କେଉଁ ଦିନ ଗୋଲାପ ତ ଆଉ କେଉଁ ଦିନ ଟେଡି ଏବଂ ଚକୋଲେଟ୍ ଦେଇ ନିଜ ପାର୍ଟନରଙ୍କୁ ଖୁସି କରିବାରେ ଲାଗି ପଡ଼ିଛନ୍ତି ଅନେକେ। ତେବେ ଦିବସ ଅନୁଯାୟୀ ଏହିସବୁ ଗିଫ୍ଟ ତ ଜଣାଶୁଣା, ତେଣୁ ଭାଲେଣ୍ଟାଇନ୍ସ ଡେ'ରେ ନିଜ ପାର୍ଟନରଙ୍କୁ କ'ଣ ସରପ୍ରାଇଜ୍ ଗିଫ୍ଟ ଦେବେ ତା'କୁ ନେଇ ଅନେକେ ଦ୍ୱନ୍ଦ୍ୱରେ। ଯଦି ଆପଣ ବି ଏମିତି ଭାବୁଛନ୍ତି, ତେବେ ଜାଣିରଖନ୍ତୁ କିଛି ଗିଫ୍ଟ ଆଇଡିଆ...**

**ମ୍ୟାଜିକ୍ କଫି ମଗ୍:** ଯଦି ଆପଣଙ୍କ ପାର୍ଟନର ଚା କିମ୍ବା କଫି ପିଇବାକୁ ଭଲପାଆନ୍ତି, ତେବେ ତାଙ୍କୁ କପଲ୍ ଫଟୋ ପ୍ରିଣ୍ଟ କଫି ମଗ୍ ଗିଫ୍ଟ କରନ୍ତୁ, ଦେଖିବେ ତାଙ୍କୁ ଖୁବ୍ ପସନ୍ଦ ଆସିବ। ଏହାକୁ ଆହୁରି ମଜାଦାର କରିବାକୁ ଚାହୁଁଥିଲେ ମ୍ୟାଜିକ୍ କଫି ମଗ୍ ଦିଅନ୍ତୁ, ଯାହାକି ଦେଖିବାକୁ ସିଙ୍ଗଲ୍ କଲରର ହୋଇଥିବା ବେଳେ ଏଥିରେ ଗରମ ଚା, କଫି ଭର୍ତ୍ତି ହେବା ମାତ୍ରେ ଧୀରେ ଧୀରେ ଫଟୋ ଦେଖାଯାଇଥାଏ।

**ଫଟୋ ପ୍ରିଣ୍ଟ ଟି–ଶାର୍ଟ:** ଉଭୟଙ୍କ ଫଟୋ ପ୍ରିଣ୍ଟ ଟି–ଶାର୍ଟ ସର୍‌ପ୍ରାଇଜ୍ ଭାଲେଣ୍ଟାଇନ୍ସ ଡେ ଗିଫ୍ଟ ପାଇଁ ବେଷ୍ଟ ଅପ୍ସନ। ଏହି ଗିଫ୍ଟ ପାଇବା ପରେ ଆପଣଙ୍କ ପାର୍ଟନର୍‌ଙ୍କୁ ଯେତିକି ଖୁସି ନ ମିଳିବ, ଏହାକୁ ପିନ୍ଧି କପଲ୍ ଫଟୋ ଶୁଟ୍ କରିବାରେ ତା'ଠୁ ଅଧିକ ଆନନ୍ଦ ମିଳିବ। ଯାହାକି ଆପଣଙ୍କ ଭାଲେଣ୍ଟାଇନ୍ସ ଡେ ସେଲିବ୍ରେଶନ୍‌କୁ ଆହୁରି ସ୍ପେଶାଲ କରିଦେବ।

**କପଲ୍ ରିଙ୍ଗ୍/ ଲକେଟ୍:** ଦିନକୁ ଦିନ ବିଭିନ୍ନ କପଲ୍ ଗିଫ୍ଟ ଆଇଟମ୍‌ର ବଢୁଥିବା ଡିମାଣ୍ଡକୁ ଆଖି ଆଗରେ ରଖି ଜୁଏଲେରି ଶପ୍‌ଗୁଡ଼ିକରେ ମଧ୍ୟ କପଲ୍ ରିଙ୍ଗ୍ ସେଟ୍ ଏବଂ ଲକେଟ୍ ବା ପେଣ୍ଡେଣ୍ଟ ଆଦିର ଏକାଧିକ କଲେକ୍ସନ ରଖୁଛନ୍ତି। ଯାହାକି ନିର୍ବନ୍ଧ, ବିବାହ ଆଦି ସମୟ ବ୍ୟତୀତ ଭାଲେଣ୍ଟାଇନ୍ସ ଡେ'ରେ ସର୍ବାଧିକ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ହାର୍ଟସେପ୍ ପେଣ୍ଡେଣ୍ଟରେ ଫଟୋ ରଖିବାର ଅପ୍ସନ ଥିବାରୁ ଏହା ଆଇକ୍ୟାଚି ଲାଗିବା ସହ ସଭିଙ୍କୁ ଖୁବ୍ ପସନ୍ଦ ମଧ୍ୟ ଆସିବ। ପାର୍ଟନରଙ୍କୁ ଏଭଳି ଗିଫ୍ଟ ଦେଇ ଭାଲେଣ୍ଟାଇନ୍ସ ଡେକୁ ଅଧିକ ଖାସ୍ କରିପାରିବେ।

**ଗିଫ୍ଟ ଭାଉଚର୍:** ବେଳେବେଳେ କ'ଣ ଗିଫ୍ଟ ଦେଲେ ପାର୍ଟନର ଖୁସି ହେବେ ଭାବିବା ଭିତରେ ଭାଲେଣ୍ଟାଇନ୍ସ ଡେ' ଆସି ପହଞ୍ଚିଯାଏ ଏବଂ ସବୁ ପ୍ଲାନିଂ ବେକାର ହୋଇଯାଏ। ହେଲେ ଏଭଳି କ୍ଷେତ୍ରରେ ଗିଫ୍ଟ ଭାଉଚର ଆପଣଙ୍କ ପାଇଁ ସବୁଠୁ ଭଲ ଆଇଡିଆ। କିଶୋରମାନେ କିଶୋରୀଙ୍କୁ ବ୍ୟୁଟିପାର୍ଲର, ସ୍ପା କିମ୍ବା ଶପିଂ ଆଦିରେ ସ୍ପେଶାଲ୍ ଭାଉଚର୍ ଗିଫ୍ଟ କରିପାରିବେ। ସେହିପରି ଯୁବତୀମାନେ ଗାର୍ମେଣ୍ଟ, ଶୁଜ୍, ୱାଚ୍ କିମ୍ବା ଇ– ଗ୍ୟାଜେଟ୍ ଆଦିର ଭାଉଚର ଗିଫ୍ଟ କରିପାରିବେ। ଏହାଦ୍ୱାରା ପାର୍ଟନରଙ୍କୁ ନିଜେ ଉପହାର ଚୟନ କରିବାର ସୁଯୋଗ ମିଳିବା ସହ ମନ ଖୁସି ମଧ୍ୟ ହେବ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୨ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ରବିବାର, ୧୩ ଫେବୃୟାରୀ, ୨୦୨୨ Balasore, Sunday, February 13/2022

# ଆଇପିଏଲ୍-୧୫

## କେଉଁ ଦଳରେ କିଏ

### ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

| ଖେଳାଳି | ବେସ୍ ପ୍ରାଇସ୍ | ମୂଲ୍ୟ (ଟଙ୍କାରେ) |
|---|---|---|
| * ବିରାଟ କୋହଲି | – | ୧୫ କୋଟି |
| * ଗ୍ଲେନ୍ ମ୍ୟାକ୍ସୱେଲ | – | ୧୧ କୋଟି |
| * ମହମ୍ମଦ ସିରାଜ | – | ୭ କୋଟି |
| ଜୋସ୍ ହାଜେଲଉଡ୍ | ୨ କୋଟି | ୭ କୋଟି ୭୫ ଲକ୍ଷ |
| ଦୀନେଶ କାର୍ତ୍ତିକ | ୨ କୋଟି | ୫ କୋଟି ୫୦ ଲକ୍ଷ |
| ହର୍ଷଲ ପଟେଲ | ୨ କୋଟି | ୧୦ କୋଟି ୭୫ ଲକ୍ଷ |
| ଫାଫ୍ ଡୁ'ପ୍ଲେସି | ୨ କୋଟି | ୭ କୋଟି |
| ୱାନିନ୍ଦୁ ହସରଙ୍ଗା | ୧ କୋଟି | ୧୦ କୋଟି ୭୫ ଲକ୍ଷ |
| ଶାହାବାଜ ଅହମଦ | ୩୦ ଲକ୍ଷ | ୨ କୋଟି ୪୦ ଲକ୍ଷ |
| ଅନୁଜ ରାୱତ | ୨୦ ଲକ୍ଷ | ୩ କୋଟି ୪୦ ଲକ୍ଷ |
| ଆକାଶ ଦୀପ | ୨୦ ଲକ୍ଷ | ୨୦ ଲକ୍ଷ |

### କୋଲକାତା ନାଇଟ ରାଇଡର୍ସ

| | | |
|---|---|---|
| * ବରୁଣ ଚକ୍ରବର୍ତ୍ତୀ | – | ୮ କୋଟି |
| * ସୁନୀଲ ନାରିନ | – | ୬ କୋଟି |
| * ଆନ୍ଦ୍ରେ ରସେଲ | – | ୧୨ କୋଟି |
| * ଭେଙ୍କଟେଶ ଆୟାର | – | ୮ କୋଟି |
| ପ୍ୟାଟ୍ କୁମିନ୍ସ | ୨ କୋଟି | ୭ କୋଟି ୨୫ ଲକ୍ଷ |
| ନୀତୀଶ ରାଣା | ୧ କୋଟି | ୮ କୋଟି |
| ଶ୍ରେୟାସ ଆୟାର | ୨ କୋଟି | ୧୨କୋଟି ୨୫ ଲକ୍ଷ |
| ଶିବମ୍ ମାଭି | ୪୦ ଲକ୍ଷ | ୭ କୋଟି ୨୫ ଲକ୍ଷ |
| ଶେଲଡନ ଜ୍ୟାକସନ | ୩୦ ଲକ୍ଷ | ୬୦ ଲକ୍ଷ |

### ପଞ୍ଜାବ କିଙ୍ଗ୍ସ

| | | |
|---|---|---|
| * ମୟଙ୍କ ଅଗ୍ରୱାଲ | – | ୧୨ କୋଟି |
| * ଅର୍ଶଦୀପ ସିଂ | – | ୪ କୋଟି |
| ଶିଖର ଧାୱନ | ୨ କୋଟି | ୮ କୋଟି ୨୫ ଲକ୍ଷ |
| ଜନି ବେୟାରଷ୍ଟୋ | ୧.୫ କୋଟି | ୬ କୋଟି ୭୫ ଲକ୍ଷ |
| କାଗିଶୋ ରାବାଡ଼ା | ୨ କୋଟି | ୯ କୋଟି ୨୫ ଲକ୍ଷ |
| ରାହୁଲ ଚହର | ୭୫ ଲକ୍ଷ | ୫ କୋଟି ୨୫ ଲକ୍ଷ |
| ଶାହରୁଖ ଖାନ୍ | ୪୦ ଲକ୍ଷ | ୯ କୋଟି |
| ହରପ୍ରୀତ୍ ବ୍ରାର | ୨୦ ଲକ୍ଷ | ୩.୮ କୋଟି |
| ପ୍ରଭସିମରନ ସିଂ | ୨୦ ଲକ୍ଷ | ୬୦ ଲକ୍ଷ |
| ଜିତେଶ ଶର୍ମା | ୨୦ ଲକ୍ଷ | ୨୦ ଲକ୍ଷ |
| ଇଶାନ ପୋରେଲ | ୨୦ ଲକ୍ଷ | ୨୫ ଲକ୍ଷ |

### ଚେନ୍ନାଇ ସୁପର କିଙ୍ଗ୍ସ

| | | |
|---|---|---|
| * ରବୀନ୍ଦ୍ର ଜାଡେଜା | – | ୧୬ କୋଟି |
| * ମହେନ୍ଦ୍ର ସିଂ ଧୋନୀ | – | ୧୨ କୋଟି |
| * ମୋଇନ୍ ଅଲୀ | – | ୮ କୋଟି |
| * ଋତୁରାଜ ଗାଏକ୍ୱାଡ | – | ୬ କୋଟି |
| ଅମ୍ବାତି ରାୟୁଡୁ | ୨ କୋଟି | ୬ କୋଟି ୭୫ ଲକ୍ଷ |
| ରବିନ ଉଥପ୍ପା | ୨ କୋଟି | ୨ କୋଟି |
| ଦୀପକ ଚହର | ୨ କୋଟି | ୧୪ କୋଟି |
| ଡ୍ୱେନ ବ୍ରାଭୋ | ୨ କୋଟି | ୪ କୋଟି ୪୦ ଲକ୍ଷ |
| କେ.ଏମ୍. ଅସିଫ | ୨୦ ଲକ୍ଷ | ୨୦ ଲକ୍ଷ |
| ତୁଷାର ଦେଶପାଣ୍ଡେ | ୨୦ ଲକ୍ଷ | ୨୦ ଲକ୍ଷ |

### ଦିଲ୍ଲୀ କ୍ୟାପିଟାଲ୍ସ

| | | |
|---|---|---|
| * ରିଷଭ ପନ୍ତ | – | ୧୬ କୋଟି |
| * ପୃଥ୍ୱୀ ଶ' | – | ୭ କୋଟି ୫୦ ଲକ୍ଷ |
| * ଏନ୍‌ରିଚ ନର୍ଜେ | – | ୬ କୋଟି ୫୦ ଲକ୍ଷ |
| * ଅକ୍ଷର ପଟେଲ | – | ୯ କୋଟି |
| ଡେଭିଡ ୱାର୍ନର | ୨ କୋଟି | ୬ କୋଟି ୨୫ ଲକ୍ଷ |
| ମିଚେଲ ମାର୍ଶ | ୨ କୋଟି | ୬ କୋଟି ୫୦ ଲକ୍ଷ |
| ମୁସ୍ତାଫିଜୁର ରହମନ | ୨ କୋଟି | ୨ କୋଟି |
| ଶାର୍ଦ୍ଦୂଳ ଠାକୁର | ୨ କୋଟି | ୧୦ କୋଟି ୭୫ ଲକ୍ଷ |
| କୁଲଦୀପ ଯାଦବ | ୧ କୋଟି | ୨ କୋଟି |
| ଅଶ୍ୱିନ ହେବାର | ୨୦ ଲକ୍ଷ | ୨୦ ଲକ୍ଷ |
| ସର୍ଫରାଜ ଖାଁ | ୨୦ ଲକ୍ଷ | ୨୦ ଲକ୍ଷ |
| କମଲେଶ ନାଗରକୋଟି | ୪୦ ଲକ୍ଷ | ୧ କୋଟି ୧ ଲକ୍ଷ |
| କେ.ଏସ୍, ଭରତ | ୨୦ ଲକ୍ଷ | ୨ କୋଟି |

### ରାଜସ୍ଥାନ ରୟାଲ୍ସ

| | | |
|---|---|---|
| * ସଞ୍ଜୁ ସାମସନ | – | ୧୪ କୋଟି |
| * ଯଶସ୍ୱୀ ଜୟସ୍ୱାଲ | – | ୪ କୋଟି |
| * ଜୋସ ବଟଲର | – | ୧୦ କୋଟି |
| ଦେବଦତ୍ତ ପଡିକାଲ | ୨ କୋଟି | ୭ କୋଟି ୭୫ ଲକ୍ଷ |
| ରବିଚନ୍ଦ୍ରନ ଅଶ୍ୱିନ | ୨ କୋଟି | ୫ କୋଟି |
| ଟ୍ରେଣ୍ଟ ବୋଲ୍ଟ | ୨ କୋଟି | ୮ କୋଟି |
| ଯୁଜବେନ୍ଦ୍ର ଚହଲ | ୨ କୋଟି | ୬ କୋଟି ୫୦ ଲକ୍ଷ |
| ଶିମରନ ହେଟମେର | ୧.୫ କୋଟି | ୮ କୋଟି ୫୦ ଲକ୍ଷ |
| ପ୍ରସିଦ୍ଧ କ୍ରିଷ୍ଣା | ୨ କୋଟି | ୧୦ କୋଟି |
| ରିୟାନ ପରାଗ | ୩୦ଲକ୍ଷ | ୩.୮କୋଟି |

### ମୁମ୍ବାଇ ଇଣ୍ଡିଆନ୍ସ

| | | |
|---|---|---|
| * କିରନ ପୋଲାର୍ଡ | – | ୬ କୋଟି |
| * ରୋହିତ ଶର୍ମା | – | ୧୬ କୋଟି |
| * ସୂର୍ଯ୍ୟକୁମାର ଯାଦବ | – | ୮ କୋଟି |
| * ଯଶପ୍ରୀତ୍ ବୁମ୍‌ରା | – | ୧୨ କୋଟି |
| ଇଶାନ କିଶନ | ୨ କୋଟି | ୧୫ କୋଟି ୨୫ ଲକ୍ଷ |
| ଡେୱାଲ୍ଡ ବ୍ରେଭିସ | ୨୦ ଲକ୍ଷ | ୩ କୋଟି |
| ବାସିଲ ଥାମ୍ପି | ୩୦ ଲକ୍ଷ | ୩୦ ଲକ୍ଷ |

### ସନ୍‌ରାଇଜର୍ସ ହାଇଦ୍ରାବାଦ

| | | |
|---|---|---|
| * ଅବଦୁଲ ସମଦ | – | ୪ କୋଟି |
| * ଉମ୍ରାନ ମଲିକ | – | ୪ କୋଟି |
| * କେନ୍ ୱିଲିୟମସନ | – | ୧୪ କୋଟି |
| ଭୁବନେଶ୍ୱର କୁମାର | ୨ କୋଟି | ୪ କୋଟି ୨୦ ଲକ୍ଷ |
| ନିକୋଲସ ପୁରନ | ୧.୫ କୋଟି | ୧୦ କୋଟି ୭୫ ଲକ୍ଷ |
| ୱାଶିଂଟନ ସୁନ୍ଦର | ୧.୫ କୋଟି | ୮ କୋଟି ୭୫ ଲକ୍ଷ |
| ଟି. ନଟରାଜନ | ୧ କୋଟି | ୪ କୋଟି |
| ପ୍ରିୟମ ଗର୍ଗ | ୨୦ ଲକ୍ଷ | ୨୦ ଲକ୍ଷ |
| ରାହୁଲ ତ୍ରିପାଠୀ | ୪୦ ଲକ୍ଷ | ୮.୫ କୋଟି |
| ଅଭିଷେକ ଶର୍ମା | ୨୦ ଲକ୍ଷ | ୬.୫ କୋଟି |
| କାର୍ତ୍ତିକ ତ୍ୟାଗୀ | ୨୦ ଲକ୍ଷ | ୪ କୋଟି |

### ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ

| | | |
|---|---|---|
| * ଲୋକେଶ ରାହୁଲ | – | ୧୭ କୋଟି |
| * ମାର୍କୁସ ଷ୍ଟୋଇନିସ | – | ୯ କୋଟି ୨୦ ଲକ୍ଷ |
| * ରବି ବିଷ୍ଣୋଇ | – | ୪ କୋଟି |
| ମନୀଷ ପାଣ୍ଡେ | ୧ କୋଟି | ୪ କୋଟି ୬୦ ଲକ୍ଷ |
| ମାର୍କ ଉଡ୍ | ୨ କୋଟି | ୭ କୋଟି ୫୦ ଲକ୍ଷ |
| କ୍ୱିଣ୍ଟନ ଡି'କକ୍ | ୨ କୋଟି | ୬ କୋଟି ୭୫ ଲକ୍ଷ |
| ଜାସନ ହୋଲ୍ଡର | ୧.୫ କୋଟି | ୮ କୋଟି ୭୫ ଲକ୍ଷ |
| କ୍ରୁନାଲ ପାଣ୍ଡ୍ୟା | ୨ କୋଟି | ୮ କୋଟି ୨୫ ଲକ୍ଷ |
| ଦୀପକ ହୁଡା | ୭୫ ଲକ୍ଷ | ୫ ଲକ୍ଷ ୭୫ ହଜାର |
| ଆଭେଶ ଖାଁ | ୨୦ ଲକ୍ଷ | ୧୦ କୋଟି |
| ଅଙ୍କିତ ରାଜପୁତ | ୨୦ ଲକ୍ଷ | ୫୦ ଲକ୍ଷ |

### ଗୁଜରାଟ ଟାଇଟାନ୍ସ

| | | |
|---|---|---|
| * ହାର୍ଦ୍ଦିକ ପାଣ୍ଡ୍ୟା | – | ୧୫ କୋଟି |
| * ରଶିଦ ଖାଁ | – | ୧୫ କୋଟି |
| * ଶୁବମନ ଗିଲ | – | ୮ କୋଟି |
| ଜାସନ ରୟ | ୨ କୋଟି | ୨ କୋଟି |
| ମହମ୍ମଦ ସାମି | ୨ କୋଟି | ୬ କୋଟି ୨୫ ଲକ୍ଷ |
| ଲୋକି ଫର୍ଗୁସନ | ୨ କୋଟି | ୧୦ କୋଟି |
| ଏମ୍. ଅଭିନବ | ୨୦ ଲକ୍ଷ | ୨ କୋଟି ୬୦ ଲକ୍ଷ |
| ରାହୁଲ ଟେୱାଟିଆ | ୪୦ ଲକ୍ଷ | ୯ କୋଟି |
| ନୁର୍ ଅହମଦ | ୩୦ ଲକ୍ଷ | ୩୦ ଲକ୍ଷ |

(ବି.ଦ୍ର.: ତାରକା ଚିହ୍ନିତ ଖେଳାଳିମାନେ ରିଟେନ ହୋଇଛନ୍ତି କିମ୍ବା ନିଲାମ ପୂର୍ବରୁ ଦଳରେ ସାମିଲ ହୋଇଛନ୍ତି। ଅନ୍ୟ ଖେଳାଳିମାନେ ନିଲାମ ମାଧ୍ୟମରେ ଆସିଛନ୍ତି)।

# ଇଶାନ, ଚହର, ଆୟାର ଦାମୀ

### ଆଇପିଏଲ-୧୫ ଖେଳାଳି ନିଲାମ



ଇଶାନ କିଶନ



ଦୀପକ ଚହର



ଶ୍ରେୟାସ ଆୟାର

**ବେଙ୍ଗାଲୁରୁ, ୧୨।୨(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୫ତମ ସଂସ୍କରଣ ପାଇଁ ଶନିବାର ଅନୁଷ୍ଠିତ ଖେଳାଳି ନିଲାମରେ ଇଶାନ କିଶନ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଇଶାନଙ୍କୁ ୧୫.୨୫ କୋଟି ଟଙ୍କାରେ କିଣିଛି। ସେହିପରି ଦ୍ୱିତୀୟ ଦାମୀ ଖେଳାଳିଭାବେ ଦୀପକ ଚହର ୧୪ କୋଟି ଟଙ୍କାରେ ଚେନ୍ନାଇ ସୁପରକିଙ୍ଗ୍ସ ଦଳରେ ଅପରିବର୍ତ୍ତିତ ରହିଛନ୍ତି। ଫ୍ରାଞ୍ଚାଇଜର୍ସମାନଙ୍କ ଖର୍ଚ୍ଚ ସୀମା ନିର୍ଦ୍ଦିଷ୍ଟ ଥିଲେ ହେଁ ଭଲ ପ୍ରଦର୍ଶନକାରୀଙ୍କୁ ସେମାନେ ଚଢ଼ା ଦାମ୍‌ରେ କିଣିବାକୁ ପଛାଇ ନ ଥିଲେ। କୋଲକାତା ନାଇଟ ରାଇଡର୍ସ ୧୨.୨୫ କୋଟିରେ ଶ୍ରେୟାସ ଆୟାରଙ୍କୁ କିଣିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ୧୦.୭୫ କୋଟି ଟଙ୍କା ବ୍ୟୟରେ ଶାର୍ଦ୍ଦୂଳ ଠାକୁରଙ୍କୁ ନିଜ ପାଖକୁ ଆଣିବାରେ ସକ୍ଷମ ହୋଇଛି।

ନିକଟରେ ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିବା ଯୁବ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କ ପାଇଁ ରାଜସ୍ଥାନ ରୟାଲ୍ସ ୧୦ କୋଟି ଟଙ୍କା ବ୍ୟୟ କରିଥିବାବେଳେ ଭାରତୀୟ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ସନ୍‌ରାଇଜର୍ସ ହାଇଦ୍ରାବାଦ ୮.୭୫ କୋଟି ଟଙ୍କାରେ କିଣିଛି। ବିଳମ୍ବରେ ଯୁଜବେନ୍ଦ୍ର ଚହଲଙ୍କ ନାମ ନିଲାମକୁ ଆସିଥିଲା ଏବଂ ରାଜସ୍ଥାନ ରୟାଲ୍ସ ତାଙ୍କୁ ୬.୫ କୋଟି ଟଙ୍କାରେ କିଣିଥିଲା। ଭାରତୀୟ ଦଳ ପକ୍ଷରୁ ନିୟମିତ ଖେଳିବା ସୁଯୋଗ ପାଉ ନ ଥିଲେ ହେଁ ନୀତୀଶ ରାଣାଙ୍କୁ କୋଲକାତା ୮ କୋଟି ଟଙ୍କାରେ ନିଜ ପାଖରେ ରଖିଛି। ସେହିପରି ଲିଗ୍‌ରେ ସ୍ଥିର ପ୍ରଦର୍ଶନ ଦେଇ ଆସୁଥିବା ରାହୁଲ ତ୍ରିପାଠୀ ୮.୫୦ କୋଟି ଟଙ୍କାରେ ବିକ୍ରି ହୋଇଛନ୍ତି। ଶାହାରୁଖ ଖାନ୍‌ଙ୍କ ବେସ୍ ପ୍ରାଇସ୍ ମାତ୍ର ୨୦ ଲକ୍ଷ ଟଙ୍କା ଥିବାବେଳେ ତାଙ୍କୁ ପଞ୍ଜାବ କିଙ୍ଗ୍ସ ୯ କୋଟି ଟଙ୍କାରେ କିଣିଛି। ପୂର୍ବ ସିଜନରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିଥିବା ରାହୁଲ ଟେୱାଟିଆ ଏଥର ମୋଟା ଅର୍ଥରେ ୯ କୋଟି ଟଙ୍କାରେ ନୂଆ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ସକୁ ଯାଇଛନ୍ତି। ଏଥର ନିଲାମ ଅବସରରେ ୩୫ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ପ୍ରତି ଫ୍ରାଞ୍ଚାଇଜ୍‌ମାନେ ବିଶେଷ ଆଗ୍ରହ ଦେଖାଇ ନ ଥିଲେ। ତେବେ ଭାରତର ଦୁଇ ଭେଟେରାନ ଶିଖର ଧାୱନ ୮.୨୫ କୋଟି ଟଙ୍କାରେ ପଞ୍ଜାବ କିଙ୍ଗ୍ସ ଓ ରବିଚନ୍ଦ୍ରନ ଅଶ୍ୱିନ ୫ କୋଟିରେ ରାଜସ୍ଥାନ ଦଳକୁ ଯିବାରେ ସକ୍ଷମ ହୋଇଛନ୍ତି। ଅନ୍ୟ ଭାରତୀୟ ସିନିୟରଙ୍କ ମଧ୍ୟରେ ମହମ୍ମଦ ସାମି ୬.୨୫ କୋଟିରେ ଗୁଜରାଟ ଲାୟନ୍ସ ଓ ତାଙ୍କ ନୂଆ ବଲ୍ ପାର୍ଟନର ଭୁବନେଶ୍ୱର କୁମାର ୪.୬ କୋଟିରେ ସନ୍‌ରାଇଜର୍ସକୁ ଯାଇଛନ୍ତି।

ମହେନ୍ଦ୍ର ସିଂ ଧୋନୀଙ୍କ ନୀତି ଅନୁସାରେ ଚେନ୍ନାଇ ସୁପରକିଙ୍ଗ୍ସ ନିଜର ପୁରୁଣା କୋର୍ ଖେଳାଳିଙ୍କୁ ଏକାଠି କରିବାରେ ମନୋନିବେଶ କରିଥିଲା। ପ୍ରତିଭା ସମ୍ପନ୍ନ ଦୀପକ ଚହରଙ୍କୁ ନିଜ ପାଖକୁ ନେବାପାଇଁ ଏହି ଫ୍ରାଞ୍ଚାଇଜ୍ ଜୋର୍ ଲଗାଇ ଦେଇଥିଲା। କୋଲକାତା ନାଇଟ ରାଇଡର୍ସ ମଧ୍ୟ ଗତ ସିଜନରେ ଖେଳିଥିବା ଟପ-୧୧ ଖେଳାଳିଙ୍କ ମଧ୍ୟରୁ ୮ ଜଣଙ୍କୁ ରିଟେନ କରିବାରେ ସକ୍ଷମ ହୋଇଛି। ତେବେ ଏହି ଦଳରେ ଏବେ ମଧ୍ୟ ଦ୍ରୁତ ବୋଲରଙ୍କ ଅଭାବ ରହିଛି। ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ ପ୍ୟାଟ୍ କୁମିନ୍ସଙ୍କୁ ଏହି ଦଳ ୭.୨୫ କୋଟି ଟଙ୍କାରେ କିଣିଛି। ସମ୍ପ୍ରତି ବିଶ୍ୱର ନମ୍ବରୱାନ ଟି୨୦ ବୋଲର ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ୧୦.୭୫ କୋଟି ଟଙ୍କାରେ ବାଙ୍ଗାଲୋର ଦଳକୁ ଯାଇଥିବାବେଳେ ୱେଷ୍ଟଇଣ୍ଡିଜର ନିକୋଲସ ପୁରନଙ୍କୁ ନେବାକୁ ଲଢ଼େଇ ଦେଖିବାକୁ ମିଳିଥିଲା।

### ବିକ୍ରି ହୋଇ ନ ଥିବା ପ୍ରମୁଖ ଖେଳାଳି

ପ୍ରଥମ ପର୍ଯ୍ୟାୟରେ ବିକ୍ରି ହୋଇ ନ ଥିବା ନାମୀ ଖେଳାଳିମାନେ ହେଲେ ସୁରେଶ ରାଇନା, ଡେଭିଡ ମିଲର, ଷ୍ଟିଭେନ୍ ସ୍ମିଥ, ଶକିବ ଅଲ୍ ହାସନ, ମହମଦ ନବି, ମାଥ୍ୟୁ ୱାଡେ, ଋଦ୍ଧିମାନ ଶାହା, ଉମେଶ ଯାଦବ, ଇମ୍ରାନ ତାହିର, ଆଡାମ ଜାମ୍ପା, ଅମିତ ମିଶ୍ର ଓ ଆଡିଲ ରଶିଦ।

## ସଂଜ୍ଞାହୀନ ହୋଇପଡ଼ିଲେ ନିଲାମକାରୀ



ହଗ୍ ଏଡ୍‌ମିଡ୍ସ

**ବେଙ୍ଗାଲୁରୁ, ୧୨।୨ (ପି.ଟି.)**

ଶନିବାର ଆଇପିଏଲ୍ ଖେଳାଳି ନିଲାମ ବେଳେ ଭେଟେରାନ ନିଲାମକାରୀ ହଗ୍ ଏଡ୍‌ମିଡ୍ସ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କ ସ୍ଥାନରେ କ୍ରୀଡ଼ା ଉପସ୍ଥାପକ ଚାରୁ ଶର୍ମା ଇଭେଣ୍ଟର ଅବଶିଷ୍ଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଥମିକ ଚେକ୍‌ଅପ୍ ଓ ଆବଶ୍ୟକ ଡାକ୍ତରୀ ଚିକିତ୍ସା ପରେ ୬୦ ବର୍ଷୀୟ ଏଡମିଡ୍ସଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଖେଳାଳି ନିଲାମ କାର୍ଯ୍ୟକ୍ରମର ପ୍ରଥମ ସେସନରେ ପୋଷ୍ଚୁରାଲ ହାଇପୋଟେନ୍‌ସନ ଯୋଗୁ ସେ ବେହୋସ ହୋଇ ତଳେ ପଡ଼ିଯାଇଥିବା ଜଣାପଡ଼ିଛି। ଏଡ୍‌ମିଡ୍ସ ସମଗ୍ରବିଶ୍ୱରେ ୨୭୦୦ରୁ ଊର୍ଦ୍ଧ୍ୱ ନିଲାମ କାର୍ଯ୍ୟ ପରିଚାଳନା କରିଛନ୍ତି। ଶ୍ରୀଲଙ୍କା ଲେଗ୍ ସ୍ପିନର ୱାନିନ୍ଦୁ ହସରଙ୍ଗାଙ୍କ ନିଲାମ ବେଳେ ସେ ନିଲାମୀ ଚୌକିରୁ ଟଳି ପଡ଼ିଥିଲେ। ସୂଚନାଯୋଗ୍ୟ, ଆଇପିଏଲ୍‌ର ପ୍ରଥମ ସିଜନ ବେଳେ ଚାରୁ ଶର୍ମା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ସିଇଓ ଥିଲେ।







# ରେଲ୍‌ୱେ ମହିଳା ଓ ପୁରୁଷ ଦଳ ଫାଇନାଲରେ

**ଭୁବନେଶ୍ୱର, ୧୨।୨ (କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୭୦ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପର ଉଭୟ ମହିଳା ଓ ପୁରୁଷ ବିଭାଗ ଫାଇନାଲରେ ରେଲୱେ ଦଳ ପ୍ରବେଶ କରିଛି। ରେଲୱେ ଦଳ ପୁରୁଷ ବିଭାଗ ସେମିଫାଇନାଲରେ ତାମିଲନାଡୁକୁ ୩-୧ ଏବଂ ମହିଳା ସେମିରେ ହିମାଚଳ ପ୍ରଦେଶକୁ ୩-୦ ସେଟ୍‌ରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ମହିଳା ବିଭାଗର ଅନ୍ୟଏକ ସେମିଫାଇନାଲରେ କର୍ଣ୍ଣାଟକକୁ କେରଳ ୩-୦ ସେଟ୍‌ରେ ପରାସ୍ତ କରିଛି। ତେଣୁ ମହିଳା ବିଭାଗରେ

### ଜାତୀୟ ଭଲିବଲ ଚାମ୍ପିୟନଶିପ

ରେଲୱେ ଓ କେରଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପରାଜିତ ଦୁଇ ସେମିଫାଇନାଲିଷ୍ଟ ହିମାଚଳ ପ୍ରଦେଶ ଓ କର୍ଣ୍ଣାଟକ ମଧ୍ୟରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓଡ଼ିଶା ଭଲିବଲ ଆସୋସିଏଶନର ପୂର୍ବତନ ସମ୍ପାଦକ କମଳାକାନ୍ତ ପାଣ୍ଡେ, ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ଉପସଭାପତି ଆନନ୍ଦ ରାଜହଂସ ଓ ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇଥିଲେ।



ଫାଇନାଲରେ ପ୍ରବେଶ କରିଥିବା ରେଲୱେ ମହିଳା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ